# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 212 | ଭାଗ ୩୩ | ସଂଖ୍ୟା ୨୧୨ | Sunday 26 October 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୨୬ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ହାସ୍ୟ ଅଭିନେତା ସତୀଶ ଶାହାଙ୍କ ପରଲୋକ

ପୃଷ୍ଠା ୫

### ମୋହନ ସରକାର @୫୦୦ ଦିନ: ଶିଳ୍ପାୟନକୁ ବୁଷ୍ଟର୍ ଡୋଜ୍

# ୧୬ ମାସରେ ୭.୭ ଲକ୍ଷ କୋଟିର ନିବେଶ

- ସିଙ୍ଗଲ୍ ୱିଣ୍ଡୋରେ ୧.୪୬ ଲକ୍ଷ କୋଟିର ନିବେଶକୁ ଅନୁମତି
- ପ୍ରତିଷ୍ଠା ହେବ ୩୩ଟି ଶିଳ୍ପ ପ୍ରକଳ୍ପ
- ୬୬ ହଜାରଙ୍କୁ ମିଳିବ ନିଯୁକ୍ତି
- 'ବିକଶିତ ଓଡ଼ିଶା' ଦିଗରେ ବଳିଷ୍ଠ ପଦକ୍ଷେପ



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ସିଙ୍ଗଲ ୱିଣ୍ଡୋ ଓ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକରେ ଆଜି ୩୩ଟି ଶିଳ୍ପ ପ୍ରକଳ୍ପ ପାଇଁ ୧.୪୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ମଂଜୁରୀ ମିଳିଛି। ରାଜ୍ୟରେ ବିଜେପି ସରକାରକୁ ୫୦୦ ଦିନ ପୂର୍ତ୍ତି ଅବସରରେ ଶିଳ୍ପାୟନକୁ ବୁଷ୍ଟର ଡୋଜ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବିକଶିତ ଓଡିଶା ଗଠନରେ ଏହା ଆଉ ଏକ ବଳିଷ୍ଠ ପଦକ୍ଷେପ। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୬୬ ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସରକାର ଗଠନକୁ ୫୦୦ ଦିନ ପୂରୁଥିବା ବେଳେ ରାଜ୍ୟରେ ନିବେଶ ପାଇଁ ପୁଞ୍ଜିପତିଙ୍କ ଅହେତୁକ ଆକର୍ଷଣ ପ୍ରମାଣିତ କରୁଛି ଯେ ରାଜ୍ୟ ସରକାରଙ୍କ ଉପରେ ଶିଳ୍ପପତିଙ୍କ ଆଶା ଓ ଭରସା ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟିରେ ବୈଠକରେ ୧ ଲକ୍ଷ ୪୧ ହଜାର ୯୯୩ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ୧୨ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୪୯ ହଜାର ୭୪୫ ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିବ। ଏହା ପୂର୍ବରୁ ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିଥିଲା ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ। ଏଥିରେ ୨୧ଟି ଶିଳ୍ପ ପ୍ରକଳ୍ପ ପାଇଁ ➪ପୃଷ୍ଠା-୬

# ୨୮ରେ ଲ୍ୟାଣ୍ଡଫଲ୍ କରିବ 'ମୋନ୍ଥା'

- ଆନ୍ଧ୍ରର ମଛଲିପଟ୍ଟନମ-କଳିଙ୍ଗପଟ୍ଟନମ ଦେଇ ଅତିକ୍ରମ କରିବ
- ଘଣ୍ଟା ପ୍ରତି ୧୧୦ କିମି ବେଗରେ ବହିବ ପବନ
- ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାରେ ପ୍ରବଳ ବର୍ଷା
- ୪ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍
- ସରକାର ପୂରା ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ






ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓ ତଜ୍ଜନିତ ବାତ୍ୟା 'ମୋନ୍ଥା'ର ଦିଗ ଆଜି ସ୍ପଷ୍ଟ ହୋଇଛି। ଆସନ୍ତା ୨୮ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଏହା ଲ୍ୟାଣ୍ଡଫଲ୍ ଅର୍ଥାତ୍ ସ୍ଥଳଭାଗ ଛୁଇଁବ। ଉକ୍ତ ଦିନ ସନ୍ଧ୍ୟାରୁ ରାତି ମଧ୍ୟରେ ଏହା ଆନ୍ଧ୍ରପ୍ରଦେଶ ଉପକୂଳର ମଛଲିପଟ୍ଟନମ୍ ଏବଂ କଳିଙ୍ଗପଟ୍ଟନମ୍ ଦେଇ ସ୍ଥଳଭାଗ ଅତିକ୍ରମ କରିବ। 'ମୋନ୍ଥା' ସ୍ଥଳଭାଗ ଛୁଇଁବା ସମୟରେ ଭୀଷଣ ବାତ୍ୟାର ରୂପ ନେବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୧୦ କିମି ରହିବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେବେ ଏହି ବାତ୍ୟାର ପ୍ରଭାବରେ ଓଡ଼ିଶାର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି କୁହାଯାଇଛି।

ଏ ସଂକ୍ରାନ୍ତରେ ଆଜି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଦକ୍ଷିଣ-ପୂର୍ବ ➪ପୃଷ୍ଠା-୬

### ମହଙ୍ଗା ପଡ଼ିଲା ଲାଞ୍ଚ ଲୋଭ

# ଭିଜିଲାନ୍ସ ହାବୁଡ଼ରେ ଟ୍ରେଜେରୀ ପିଅନ

- ୪୭ ହଜାର ଟଙ୍କା ଲାଞ୍ଚ ନେଉଥିଲେ
- ୮୭ ହଜାରରେ ଡିଲ୍ ହୋଇଥିଲା



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜୟପୁର ଟ୍ରେଜେରୀର ଜନୈକ ପିଅନ। ଜନୈକ ମୃତ ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ କରାଇଦେବା ସକାଶେ ସେ ମୋଟ ୮୭ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏଥିମଧ୍ୟରୁ ସମ୍ପୃକ୍ତ ମୃତକଙ୍କ ପରିବାର ଲୋକେ ୪୦ ହଜାର ଟଙ୍କା ଦେଇସାରିଥିବା ବେଳେ ଆଜି ଅବଶିଷ୍ଟ ୪୭ ହଜାର ଟଙ୍କା ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଉକ୍ତ ପିଅନ ଜଣଙ୍କ ହେଉଛନ୍ତି ହରିଶ୍ଚନ୍ଦ୍ର ମହାପାତ୍ର। ସେ କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଟ୍ରେଜେରୀ ଅଫିସ୍‌ରେ ପିଅନ ଭାବେ କାର୍ଯ୍ୟ କରୁଥିବା ବେଳେ ମୃତ କର୍ମଚାରୀଙ୍କ ବିଧବା ପତ୍ନୀ ପେନ୍‌ସନ୍ ବାବଦରେ ୩ ଲକ୍ଷ ୪୮ ହଜାର ଟଙ୍କା ପାଇବା ସକାଶେ ବାରମ୍ବାର ଟ୍ରେଜେରୀକୁ ଦୌଡ଼ୁଥିଲେ। ତେବେ ଶ୍ରୀ ମହାପାତ୍ର ଏହି ଟଙ୍କାର ୨୫ ପ୍ରତିଶତ ଲାଞ୍ଚ ଦାବି କରିଥିଲେ। ଏପରିକି ଲାଞ୍ଚ ଟଙ୍କା ନ ଦେଲେ କୌଣସି ପ୍ରାପ୍ୟ ମଞ୍ଜୁର ହୋଇପାରିବ ନାହିଁ ବୋଲି ସେ ରୋକ୍‌ଠୋକ୍ ଶୁଣାଇଦେଇଥିଲେ। ତେଣୁ ଉକ୍ତ ବିଧବା ଜଣଙ୍କ ବାଧ୍ୟ ହୋଇ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଦ୍ୱିତୀୟ କିସ୍ତି ଦେବାକୁ ଅସମର୍ଥ ହେବାରୁ ଶେଷରେ ସେ ଏନେଇ ଭିଜିଲାନ୍ସ ବିଭାଗକୁ ଅବଗତ କରାଇଥିଲେ। ପୂର୍ବ ଯୋଜନାନୁସାରେ, ଆଜି ଟ୍ରେଜେରୀରେ ଭିଜିଲାନ୍ସ ଅଧିକାରୀମାନେ ପ୍ରସ୍ତୁତ ହୋଇ ରହିଥିଲେ। ମହିଳା ଜଣଙ୍କ ଲାଞ୍ଚ ଟଙ୍କା ଦେଉଥିବା ସମୟରେ ସେମାନେ ଅଭିଯୁକ୍ତ ଶ୍ରୀ ମହାପାତ୍ରଙ୍କୁ କାବୁ କରିନେଇଥିଲେ। ଏଥିସହ ତାଙ୍କଠାରୁ ଲାଞ୍ଚ ବାବଦ ଟଙ୍କା ବି ଜବତ କରାଯାଇଛି। ସେହିପରି ଶ୍ରୀ ମହାପାତ୍ର ଆହୁରି ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

### ୪ ବିଭାଗର ୫ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର

# ପୂର୍ବ ଭାରତରେ ଓଡ଼ିଶା ହେବ ଆଭିଏସନ୍ ହବ୍

- ଓଡ଼ିଶା ହେବ ପୂର୍ବ ଭାରତର ଅଗ୍ରଣୀ ରାଜ୍ୟ
- ରାଜ୍ୟରେ ଚାଲିବ ଆହୁରି ୨୦୦ ଇ-ବସ୍
- ବଢ଼ିବ 'ଆହାର' ସବ୍‌ସିଡି
- ୧.୯୭ ଲକ୍ଷ ହେକ୍ଟର ଜମିରେ ସୁଗନ୍ଧିତ ଧାନଚାଷ ହେବ



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ବିମାନ ଚଳାଚଳରେ ପୂର୍ବ ଭାରତରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ ଆଜି ବିମାନ ସମ୍ପତ୍ତି ଓ ନେଟୱାର୍କ ନିର୍ମାଣ ଏବଂ ପରିଚାଳନା ବା ବି-ମାନ ଯୋଜନାକୁ ମଞ୍ଜୁରୀ ଦେଇଛି। ଏହି ଯୋଜନାରେ ୨୦୨୧-୨୦୩୦ ପାଞ୍ଚ ବର୍ଷ ପାଇଁ ୧୪,୧୮୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪ଟି ବିଭାଗର ୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ବି-ମାନ ଯୋଜନାରେ ଆଞ୍ଚଳିକ ପ୍ରବେଶ ଓ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନଫିଲ୍ଡ ଓ ବ୍ରାଉନଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଓ ହେଲିପୋର୍ଟଗୁଡ଼ିକର ବିକାଶ, ଉନ୍ନତିକରଣ ଏବଂ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦିଆଯିବ। ତହାକୁ ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ପ୍ରମୁଖ ସହରଗୁଡ଼ିକ ସହ ଟାୟାର-ଟୁ ସହରଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରାଯିବ।

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଶ୍ୱସ୍ତରୀୟ ସୁବିଧା ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ କରାଯିବ। ଏହାଦ୍ୱାରା ଏକ ଆତ୍ମନିର୍ଭରଶୀଳ ବିମାନ ରକ୍ଷଣାବେକ୍ଷଣ ଇକୋସିଷ୍ଟମ ସୃଷ୍ଟି ଏବଂ ଘରୋଇ ନିବେଶକୁ ଆକର୍ଷିତ କରାଯାଇପାରିବ।

ପ୍ରତିଷ୍ଠିତ ଅଂଶୀଦାରମାନଙ୍କ ସହ ସହଭାଗୀତାରେ ବିମାନ ଚଳାଚଳ ସହିତ ଦକ୍ଷତା, ଉଡ଼ାଣ ତାଲିମ ଏବଂ ଟେକ୍‌ନିସିଆନ୍, ପାଇଲଟ୍, ବିଶେଷକରି ଝିଅମାନେ ଏବଂ ବିମାନବନ୍ଦର ଷ୍ଟାଫ୍ ବୃତ୍ତିଗତଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବୃହତ୍ ପରିମାଣର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ।

ସେହିଭଳି ମାଂସ ଓ ମାଂସ ଉତ୍ପାଦର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ରାଜ୍ୟ ସରକାର 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା' ଅନ୍ତର୍ଗତ ଦୁଇଟି ଉପ-ଯୋଜନା ଯଥା 'କୁକୁଟ ଉନ୍ନୟନ' ଏବଂ 'କ୍ଷୁଦ୍ର ପ୍ରାଣୀ ଉନ୍ନୟନ' ଯୋଜନା କାର୍ଯ୍ୟକାରୀ କରିବାକୁ କ୍ୟାବିନେଟ୍ ➪ପୃଷ୍ଠା-୬

### ମାଓବାଦୀଙ୍କ ବର୍ବର କାଣ୍ଡ

# ଦୁଇ ଆଦିବାସୀଙ୍କୁ ଗଳା କାଟି ହତ୍ୟା

- ପୁଲିସ୍ ଇନ୍‌ଫର୍ମର୍ ସନ୍ଦେହରେ ନେଲେ ଜୀବନ
- ଘରୁ ଉଠାଇ ନେଇଥିଲେ ୫୦ ସଶସ୍ତ୍ର ମାଓବାଦୀ

ମାଲକାନଗିରି,୨୫।୧୦ (ସଂଚାର ବ୍ୟୁରୋ): ଗୋଟିଏ ପଟେ ବ୍ୟାପକ ମାତ୍ରାରେ ମାଓବାଦୀ ଆତ୍ମସମର୍ପଣ କରୁଥିବା ବେଳେ ଅନ୍ୟପକ୍ଷରେ ସୁରକ୍ଷାକର୍ମୀଙ୍କ ସଫଳତା ପରିପ୍ରେକ୍ଷୀରେ ଦେଶରୁ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶ ମାଓମୁକ୍ତ ହେବ ବୋଲି କେନ୍ଦ୍ର ସରକାର ଦାବି କରିଆସିଛନ୍ତି। ତେବେ ଛତିଶଗଡ଼ରେ ମାଓବାଦୀମାନେ ଏକ ନାରକୀୟ କାଣ୍ଡ ଘଟାଇଛନ୍ତି। ପୁଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ୨ ଜଣ ଆଦିବାସୀ ଯୁବକଙ୍କୁ ଅପହରଣ କରିନେଇ ଜଙ୍ଗଲରେ ସେମାନଙ୍କ ଗଳାକାଟି ହତ୍ୟା କରିଛନ୍ତି। ବିଜାପୁର ଜିଲ୍ଲାରେ ଏଭଳି ➪ପୃଷ୍ଠା-୬

# ଲଜ୍ଜା ଅଷ୍ଟ୍ରେଲୀୟ କ୍ରିକେଟର୍‌ଙ୍କୁ ଅସଦାଚରଣ ଉଦ୍ୟମ




ଅଭିଯୁକ୍ତ ଗିରଫ

ଇନ୍ଦୋର୍,୨୫।୧୦: ସମ୍ପ୍ରତି ଭାରତରେ ଚାଲିଥିବା ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଦେଶକୁ ଲଜ୍ଜିତ କରିବା ପରି ଏକ ଘଟଣା ଘଟିଛି। ଆଜି ଏପରି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ସମଗ୍ର ଦେଶର ମୁଣ୍ଡ ତଳକୁ ନୁଆଁଇଦେଇଛି। ମିଳିଥିବା ସୂଚନାନୁସାରେ, ଆଇସିସି ମହିଳା କ୍ରିକେଟ ବିଶ୍ୱକପରେ ସାମିଲ୍ ଥିବା ଅନ୍ୟତମ ଦଳ ଅଷ୍ଟ୍ରେଲିଆର ଦୁଇ କ୍ରିକେଟରଙ୍କୁ ଏଠାରେ ଜନୈକ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଏନେଇ ପୁଲିସ ପକ୍ଷରୁ କୁହାଯାଇଛି ଯେ ମୋଟର ସାଇକେଲ୍‌ରେ ଯାଉଥିବା ସମୟରେ ଉକ୍ତ ଦୁଇ ମହିଳା କ୍ରିକେଟର୍‌ଙ୍କୁ ଅସଦାଚରଣ ପାଇଁ ଉଦ୍ୟମ କରିଥିବା ଅଭିଯୁକ୍ତ ଜଣଙ୍କ ଅକିଲ ଖାନ। ଗତ ଗୁରୁବାର ସକାଳେ ଅଷ୍ଟ୍ରେଲିଆ କ୍ରିକେଟ ଦଳର ସଦସ୍ୟାମାନେ ରାଡିସନ ବ୍ଲୁ ହୋଟେଲରୁ ନିକଟସ୍ଥ ଏକ କାଫେକୁ ଯାଉଥିଲେ। ଠିକ୍ ଏହି ସମୟରେ ଅଭିଯୁକ୍ତ ଅକିଲ୍ ଖଜରାନା ରୋଡ ଅଞ୍ଚଳରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ କ୍ରିକେଟର୍‌ଙ୍କ ପିଛା କରିଥିଲେ। ଏଥିରେ ମଧ୍ୟ ଅଭିଯୁକ୍ତର ମନ ଶାନ୍ତି ହୋଇନଥିଲା। ସେ ଖେଳାଳିଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ ଅନୁପଯୁକ୍ତ ଭାବେ ଛୁଇଁବା ସହ ସେଠାରୁ ଫେରାର୍ ହୋଇଯାଇଥିଲା ବୋଲି ଏସ୍‌ଆଇ ନିଧି ରଘୁବଂଶୀ କହିଛନ୍ତି। ଏନେଇ ଦୁଇ ଖେଳାଳି ସେମାନଙ୍କ ଦଳର ସୁରକ୍ଷା ଅଧିକାରୀ ଡାନି ସିମନ୍ସଙ୍କୁ ତୁରନ୍ତ ସୂଚନା ଦେଇଥିଲେ। ଡାନି ମଧ୍ୟ ସ୍ଥାନୀୟ ସୁରକ୍ଷା ଯୋଗାଯୋଗ ଅଧିକାରୀଙ୍କ ସହ ସମନ୍ୱୟ ସ୍ଥାପନ କରିବା ସହ ସହାୟତା ପାଇଁ ଏକ ଗାଡ଼ି ପଠାଇଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ସହକାରୀ ପୁଲିସ କମିଶନର ହିମାନି ମିଶ୍ର ଉଭୟ ଖେଳାଳିଙ୍କୁ ଭେଟି ➪ପୃଷ୍ଠା-୬

# ଜଗିଥିଲା ଯମ: ଚାଲିଗଲା ୫ ଜୀବନ



ରାୟଗଡ଼ା/ରାଇଘର,୨୫।୧୦ (ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣା ସଂଖ୍ୟା କମାଇବା ସକାଶେ ରାଜ୍ୟରେ ଯାବତୀୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। କିନ୍ତୁ ଏହା କେତେଦୂର ଫଳପ୍ରଦ ହେଉଛି, ତା' କହିବା ନିଷ୍ପ୍ରୟୋଜନ। କାରଣ ପ୍ରତିଦିନ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସାମ୍ନାକୁ ଆସୁଛି। ଏହି କ୍ରମରେ ଆଜି ଦିନକରେ ୩ଟି ପୃଥକ୍ ସ୍ଥାନରେ ୫ଟି ଜୀବନ ଅକାଳରେ ଝଡ଼ିପଡ଼ିଛି। ଏହି ତିନିଟି ଦୁର୍ଘଟଣା ମଧ୍ୟରୁ ଦୁଇଟି ରାୟଗଡା ଜିଲ୍ଲାରେ ହୋଇଥିବା ବେଳେ ଅନ୍ୟଟି ନବରଙ୍ଗପୁର ଜିଲ୍ଲାର ରାଇଘର ଅଞ୍ଚଳରେ ଘଟିଛି।

ମିଳିଥିବା ସୂଚନାନୁସାରେ, ମୁନିଗୁଡା ଥାନା ବୁରୁଜୁଗୁଡ଼ା ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା, ଯେଉଁଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ➪ପୃଷ୍ଠା-୬



### କାନ ଡେରିଥା

ବାତ୍ୟା ପରମ୍ପରା
ଅକଟୋବର ମାସେ
ଯୁଗ ଯେ କୁଆଡେ ଗଲା
ପାପ କର୍ମ ଆଉ ଅପ
କର୍ମ ପରା
କଳିଯୁଗେ ଦେଖା ଦେଲା
ଏମିତି ହୋଇଲେ ପାଲା...
ଆଉ କିଛି ଦିନେ
ଦେଖିବେ ସଜନେ
ସଂସାର ରହିଲେ ହେଲା ।

■ ଦେବାଶିଷ

# ନୂଆପଡ଼ା ପଲିଟିକ୍ସ: ଦୈନିକ ରିପୋର୍ଟ ନେଉଛନ୍ତି ନବୀନ

- ଅତି ସତର୍କ ବିଜେଡି ନେତା
- ଏପଟ ସେପଟ ହେଲେ ମୁଣ୍ଡକାଟ୍



ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ନୂଆପଡା ଉପନିର୍ବାଚନ ରାଜ୍ୟର ତିନି ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ତିନିଟିଯାକ ଦଳ ନିର୍ବାଚନ ଜିତିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ତେବେ ଏଥର ଉପନିର୍ବାଚନରେ ବିଜେଡି ନେତାମାନଙ୍କ କ୍ଷେତ୍ରରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳୁଛି। ଖୋଦ ଦଳପତି ନବୀନ ପଟ୍ଟନାୟକ ଉପନିର୍ବାଚନ ଉପରେ ତୀକ୍ଷ୍ଣ ନଜର ରଖିଥିବାରୁ ଦଳୀୟ ନେତାମାନେ ଅଧିକ ସତର୍କ ହୋଇ ଉଠିଛନ୍ତି।

ଦୀର୍ଘ ୨୫ ବର୍ଷ ଧରି ଲଗାତାର କ୍ଷମତାରେ ରହି ଗତ ବର୍ଷ କ୍ଷମତାରୁ ବିତାଡ଼ିତ ହୋଇଥିବା ବିଜେଡି ପାଇଁ ଚଳିତ ଉପନିର୍ବାଚନ ହେଉଛି ପ୍ରଥମ ନିର୍ବାଚନ। ଏଥିରେ ବିଜୟୀ ହେଲେ ଦଳ ପାଇଁ ଯଦିଓ ସରକାର ଗଢ଼ିବାର ସୁଯୋଗ ନାହିଁ, ତଥାପି ଏହି ବିଜୟ ଦଳ ପାଇଁ ଅତି ଜରୁରୀ ବୋଲି ନବୀନ ବିଚାରୁଛନ୍ତି। ତେଣୁ ସେ ଅନ୍ୟ କାହା ଉପରେ ଭରସା ନ କରି ନିଜେ ଏହାର ତଦାରଖ କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। କେଉଁ ନେତା ନୂଆପଡା ଯିବେ ଓ ସେଠାରେ କ'ଣସବୁ ଦାୟିତ୍ୱ ତୁଲାଇବେ, ତାହାର ନିଷ୍ପତ୍ତି ନବୀନ ନେବା ସହ ପ୍ରତିଦିନ କାର୍ଯ୍ୟର ହିସାବ ବି ରଖୁଛନ୍ତି। ନୂଆପଡା ଜଗିଥିବା ନେତାମାନଙ୍କୁ ନିଜେ ନବୀନ ଫୋନ୍ କରି ଟିକିନିଖି ଖବର ମଧ୍ୟ ନେଉଛନ୍ତି।

ଏଥିପାଇଁ ବିଜେଡି ନେତାମାନେ ଅତ୍ୟଧିକ ସତର୍କ ହୋଇଥିବା ଲକ୍ଷ୍ୟ କରାଯାଇଛି। କାରଣ ନବୀନଙ୍କ ତୀକ୍ଷ୍ଣ ନଜର ସେମାନଙ୍କ ଉପରେ ରହିଛି। ଯଦି ସେମାନଙ୍କୁ ଦିଆଯାଇଥିବା କାମରେ ସାମାନ୍ୟ ଅବହେଳା ପରିଲକ୍ଷିତ ହେଲା ଓ ନବୀନଙ୍କ ନିକଟରେ ଏନେଇ ଖବର ପହଞ୍ଚିଗଲା, ତା'ହେଲେ କଥା ସରିଲା। ଭୋଟ ପରେ ଦଣ୍ଡ ପାଇବା ଏକପ୍ରକାର ନିଶ୍ଚିତ। ତେଣୁ ଦାୟିତ୍ୱରେ ଯେଭଳି କୌଣସି ହେଳା ନହୁଏ, ସେଥିପାଇଁ ଅତି ସର୍ତକତାର ସହ ଆଗଉଛନ୍ତି ବିଜେଡି ନେତା।

ନୂଆପଡ଼ା ଆସନଟି ବିଜେଡିର ଥିଲା। ତେଣୁ ଏଠାରେ ଦଳର ୩୫ ପ୍ରତିଶତ ଭୋଟ ନିଶ୍ଚିତ ଥିବା ହିସାବ କରିଛି ଦଳ। ଏହାବାଦ୍ ଦଳ ପ୍ରାର୍ଥୀ କରିବାକୁ ଥିବା ଜୟ ଢୋଲକିଆ ରାତାରାତି ବିଜେପିକୁ ପଳାଇବା ଯୋଗୁଁ ତାଙ୍କ ସହ କେତେକ ବିଜେଡି କର୍ମୀ ବି ପଳାଇଯାଇଛନ୍ତି। ସେମାନଙ୍କୁ ମନାଇ ଫେରାଇ ଆଣିବା ହେଉଛି ଦଳର ପ୍ରାଥମିକ କାର୍ଯ୍ୟ।

ଏଥିପାଇଁ ନୂଆପଡାରେ ଡେରା ପକାଇଥିବା ନେତାମାନେ ଲାଗିପଡ଼ିଛନ୍ତି। ଏହାବାଦ୍ ଆଦିବାସୀ ଭୋଟ କିଭଳି ବିଜେଡି ଖାତାକୁ ଆସିବ, ତାହା ଉପରେ ବି ଦଳର ନେତାମାନେ କାର୍ଯ୍ୟ କରୁଛନ୍ତି। ନୂଆପଡ଼ାରେ ଅଢେଇ ଲକ୍ଷ ଭୋଟରଙ୍କ ମଧ୍ୟରୁ ଅଧା ହେଉଛନ୍ତି ଆଦିବାସୀ। ଗତ ନିର୍ବାଚନରେ ଆଦିବାସୀ ଭୋଟ୍‌ର ସିଂହଭାଗ ସ୍ୱାଧୀନ ପ୍ରାର୍ଥୀ ଘାଷିରାମଙ୍କ ପାଖକୁ ଯାଇଥିଲା। ଏଥର ଘାଷିରାମ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବାରୁ ଆଦିବାସୀ ଭୋଟରୁ ବିଜେଡି କିଛି ହାତେଇବା ପାଇଁ ଲାଗି ପଡ଼ିଛି। ଏଥିସହ ୫୦ ପ୍ରତିଶତରୁ ଅଧିକ ଭୋଟର ମହିଳା ହୋଇଥିବାରୁ ସେମାନଙ୍କୁ ନିଜ ପଟକୁ ଆଣିବାକୁ ଦଳ ଲାଗିଛି। ବିଶେଷକରି ମହିଳାମାନଙ୍କୁ ମିଶନ ଶକ୍ତି କଥା ମନେ ପକାଇ ଦେଉଛନ୍ତି ବିଜେଡିର ମହିଳା ଟିମ୍। ବିଜେଡି ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଥିବାରୁ ଅଧିକ ମହିଳା ଭୋଟ ହାତେଇବ ବୋଲି ଆଶା ରଖିଛି। ତେଣୁ ବିଜେଡି ନେତାମାନେ ସତର୍କତାର ସହ ପଞ୍ଚାୟତ ଜଗିଛନ୍ତି।

ଏହାବାଦ୍ ନୂଆପଡାରେ ଥିବା ୪ ପ୍ରତିଶତ ଯାଦବ ଭୋଟ ଉପରେ ବି ବିଜେଡି ନଜର ରଖିଛି। ଏହି ଭୋଟ କିଭଳି ମିଳିବ, ସେଥିପାଇଁ ଦଳର ଅଭିଜ୍ଞ ନେତାମାନେ ନୂଆପଡାରେ ଗୋଟି ଚାଳନା କରୁଛନ୍ତି। ନବୀନ ନିବାସରୁ ଖୋଦ୍ ନବୀନ ପଟ୍ଟନାୟକ ମନିଟରିଂ କରୁଥିବା ବେଳେ ଉପନିର୍ବାଚନ ପରିଚାଳନାରେ ବିଜେଡି କୌଣସି ସ୍ତରରେ ବିଜେପି ଓ କଂଗ୍ରେସକୁ ଆଗକୁ ଛାଡ଼ିବା ଅବସ୍ଥାରେ ନଥିବା ଲକ୍ଷ୍ୟ କରାଯାଇଛି।

## ମହିଳାମାନଙ୍କ ଠାରୁ ୬ ଲକ୍ଷ ଟଙ୍କା ଠକି ନେଇ ୨ ଯୁବକ ଗିରଫ

**କେନ୍ଦ୍ରାପଡା,୨୫।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଟାଉନ ପୋଲିସ ଦୁଇଜଣ ଠକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖବର ନେବାରୁ ଜଣାପଡିଛି ଯେ, ଜଗତସିଂହପୁର ବିରିଡି ଗ୍ରାମର ବୃନ୍ଦାବନ ମହାପାତ୍ରଙ୍କ ପୁଅ ବିଶ୍ୱଜିତ ମହାପାତ୍ର(୪୩) ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କେରଡ଼ାଗଡ଼ ରାଜପୁର ଗ୍ରାମର ଅମୂଲ୍ୟ ପାତ୍ରଙ୍କ ପୁଅ ସମୀର ପାତ୍ର(୨୫) ନାମକ ଦୁଇ ଜଣ ଯୁବକ କିଛି ସଂଖ୍ୟାଲଘୁ ମହିଳା ମାନଙ୍କୁ ସଲାସୁତୁରା କରି ଲୋଭ ଦେଖାଇ ସେମାନଙ୍କ ଠାରୁ ମୁଣ୍ଡପିଛା ୪ ହଜାର ଲେଖା ଟଙ୍କା ୧୬୫ ଜଣ ମହିଳା ମାନଙ୍କଠାରୁ ଆଦାୟ କରିବା ପରେ ପ୍ରତି ମାସରେ ୨ ହଜାର ଲେଖା ଟଙ୍କାର ୧୪ ମାସ ପର୍ଯ୍ୟନ୍ତ ରାସନ ସାମଗ୍ରୀ ପ୍ରତ୍ୟେକ ଲୋକଙ୍କୁ ଦେବାକୁ କହି ମାତ୍ର ୩ ମାସର ରାସନ ଦେଇ ଚଞ୍ଚକତା ପୂର୍ବକ ପାଖାପାଖି ୬ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହେବା ପରେ ଗତକାଲି ରାତିରେ ଟାଉନ ଥାନା ଅଧିକାରୀ ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ଏ.ଏସ.ଆଇ ବୃନ୍ଦାବନ ବେହେରା ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଭୁବନେଶ୍ୱରରୁ ଚଢ଼ାଉ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

● ଘରେ କଳାକନା ବୁଲାଇଲେ ଚୋର

## ଲୁଟିନେଲେ ୫ ଲକ୍ଷ ଟଙ୍କାର ସୁନା ଓ ନଗଦ ଟଙ୍କା



**କେନ୍ଦ୍ରାପଡା,୨୫।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଜଇପୁରା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘର ମାଲିକ ଘରେ ଶୋଇଥିବା ସମୟରେ ଚୋର ଘର ଭିତରେ ପଶି ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ନଗଦ ୭୦ ହଜାର ଟଙ୍କା ନେଇଯାଇଥିବା ଟାଉନ୍‌ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଜଇପୁରା ଗ୍ରାମର ମହମ୍ମଦ ବସିଦ୍ ଖାନ୍‌ଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋର ଘର ଭିତରେ ପଶି ଦୁଇହଳ କାନଫୁଲ, ସୁନାଚେନ୍, ସୁନା ମୁଦି ଓ ରୂପା ଗହଣା ସହିତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି । ଏତଲା ପାଇବା ପରେ ଟାଉନଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ଘଟଣାସ୍ଥଳରେ ପହଁଚି ତଦନ୍ତ କରୁଥିବା ଜଣାପଡିଛି ।

## ଫ୍ରେଣ୍ଡ୍‌ସ କଲୋନୀରୁ ଚୋରି, ସିସିଟିଭିରେ କଏଦ ହେଲା ଚୋରଙ୍କ ଫଟୋ



**ସାଲେପୁର,୨୫।୧୦(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ସାଲେପୁର ଫ୍ରେଣ୍ଡ୍‌ସ କଲୋନୀରେ ଜଣକ ଘରୁ ଚୋରି ହୋଇଥିବା ବେଳେ ଚୋରି କରିବା ଉଦ୍ଦେଶ୍ୟରେ ଅନ୍ୟ ୪ଜଣଙ୍କ ଘରର ତାଲା ଭାଙ୍ଗି ଘରେ ପଶିବାକୁ ଉଦ୍ୟମ କରିଥିଲେ ମଧ ଘରେ ପଶି ପାରିନଥିଲେ। ଏହାନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଫ୍ରେଣ୍ଡ୍‌ସ କଲୋନୀରେ ଥିବା କାର୍ତ୍ତିକ ବେଉରାଙ୍କ ଘର କବାଟ ଭାଙ୍ଗି ଘର ମଧ୍ୟରେ ଥିବା ବହୁ ଆସବାବପତ୍ର, ଦାମୀ ଶାଢ଼ୀ ଓ ଠାକୁର ଘରେ ଥିବା ରୂପା ଅଳଂକାର ଏବଂ ନଗଦ ଟଙ୍କା ଚୋରି କରିନେଇଥିବାବେଳେ ବୁଟୁନା ଭୂୟାଁଙ୍କ ଘରର ଝରକା ତାଡ଼ିଦେବା ସହ ରଞ୍ଜିତ ଭୂୟାଁଙ୍କ ଘର ବାହାରେ ଥିବା ଏକ ମୋଟର ସାଇକେଲକୁ ଚୋରି କରିବା ଉଦ୍ଦେଶ୍ୟରେ ଚାବି ପୁରାଇ ଉଦ୍ୟମ କରୁଥିବାବେଳେ ମୋଟର ସାଇକେଲ୍ ଲକ୍‌ଟି ନଖୋଲିବାରୁ ଆସାମୀମାନେ ଘଟଣା ସ୍ଥଳରୁ ପଳାଇଯାଇଥିବା ଦୃଶ୍ୟ ସି.ସି.ଟି.ଭି.ରେ ୩ଜଣ ଦୁର୍ବୃତ୍ତଙ୍କ ଫଟୋ କଏଦ ହୋଇଛି। ସେହିପରି ଫ୍ରେଣ୍ଡ୍‌ସ କଲୋନୀର ଅନ୍ୟ ୩ଜଣଙ୍କ ଘରର ତାଲା ଭାଙ୍ଗିଥିଲେ ମଧ ଘର ଭିତରେ ପଶିପାରିନଥିଲେ। ଏହି ଅଞ୍ଚଳରେ ପୁଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂକୁ ଜୋରଦାର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସମ୍ଭାବ୍ୟ ବାତ୍ୟା ଲାଗି ଜିଲ୍ଲା ମୁଖ୍ୟାଳୟ ନ ଛାଡିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା,୨୫।୧୦(ସଂଚାର ବ୍ୟୁରୋ):** ଆଜିଠୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ନ ଛାଡିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ସମସ୍ତ ଲାଇନ ବିଭାଗ ସମେତ ବିଡିଓ, ତହସିଲଦାର ମାନଙ୍କ ସହିତ ଅନଲାଇନ ବୈଠକ କରି ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏଥିପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ

**ନିଶ୍ଚିନ୍ତକୋଇଲି,୨୫।୧୦ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ପିଡବ୍ଲ୍ୟୁଡି ରାସ୍ତାଠାରୁ ଗୋପପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ଦେଖିବାକୁ ମିଳୁଛି। ଉକ୍ତ ରାସ୍ତାକୁ ମରାମତି ପାଇଁ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ଗତ ୨୦୧୭ ମସିହାରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ସଂଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏକ ବାଇପାସ୍ ରୋଡ୍ ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ୧କୋଟି ୭୪ ଲକ୍ଷ ୧୭ହଜାର ୨୯୦ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ୩ କି.ମି.



ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତାର କେତେକ ଅଂଶ ପିଚୁ ହୋଇଥିଲା ବେଳେ ଆଉ କେତେକ ଅଂଶକୁ ଢଳେଇ କରାଯାଇଥିଲା। ସରକାରୀ ନିୟମାନୁଯାୟୀ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ୮.୧୧.୨୦୧୭ରିଖରେ ଆରମ୍ଭ ହୋଇଥିଲା ବେଳେ ଏହାକୁ ୧ ବର୍ଷ ମଧ୍ୟରେ ତଥା ୭.୧୧.୨୦୧୮ ରିଖରେ କାର୍ଯ୍ୟ ଶେଷ ପାଇଁ ଅବଧି ରହିଥିଲା । ବିଭାଗୀୟ ଉଦାସୀନତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଏହି ରାସ୍ତା କାଯ୍ୟ ୨୦୨୧ ମସିହାରେ ଶେଷ ହୋଇଥିଲା ।

ପ୍ରଧାନମନ୍ତ୍ରୀ ଗ୍ରାମ୍ ସଡକ ଯୋଜନାରେ

**ମରାମତି ନ ହେବାରୁ ସାଧାରଣରେ ଅସନ୍ତୋଷ**

ଯେଉଁ ନୂତନ ରାସ୍ତା ନିର୍ମାଣ କରାଯାଏ ଏହାର ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷ ପର୍ଯ୍ୟନ୍ତ ବିଭାଗୀୟ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଥାଏ । ଏହି ରାସ୍ତାର ୫ବର୍ଷର ରକ୍ଷଣାବେକ୍ଷଣ ପାଇଁ ୧୨ଲକ୍ଷ ୧୩ହଜାର ୮୩୬ଟଙ୍କା ମଧ ବ୍ୟୟ ବରାଦ କରାଯାଇଥିଲା । ଯେହେତୁ ଉକ୍ତ ରାସ୍ତାଟି ୨୦୨୧ ମସିହାରେ କାର୍ଯ୍ୟ ଶେଷ ହୋଇଥିଲା ଏହାର ମରାମତି ଅବଧି ୨୦୨୬ ପର୍ଯ୍ୟନ୍ତ ରହିବା କଥା। ବର୍ତ୍ତମାନ ଏହି ରାସ୍ତାର ମରାମତି ଅବଧି ଅଦ୍ୟାବଧି ଶେଷ ହୋଇନାହିଁ । ହେଲେ ବିଭାଗୀୟ ପକ୍ଷରୁ ଏଥିପ୍ରତି କୌଣସି ଦୃଷ୍ଟି ଦିଆଯାଉ ନଥିବା ଅଭିଯୋଗ ହୋଇଛି ।

ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ୨୪ ନମ୍ବର ଜୋନର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲଙ୍କ ନେତୃତ୍ୱରେ ବହୁ ଲୋକ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ସେ ଅଭିଯୋଗ କରିଛନ୍ତି । ଉକ୍ତ ମରାମତି ଅର୍ଥ କେଉଁ ଆଡେ ଗଲା ସେ ନେଇ ଶ୍ରୀ ସାମଲ ପ୍ରଶ୍ନ କରିଛନ୍ତି । ବିଭାଗୀୟ କର୍ମଚାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା କରାଯାଇ ଉକ୍ତ ମରାମତି ରାସ୍ତାର ଅର୍ଥକୁ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ପାଇଁ ଶ୍ରୀ ସାମଲ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି ମଧ କରିଛନ୍ତି ।



## ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ

**ମହାକାଳପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ଆଲୋକର ପର୍ବ ଦୀପାବଳୀ ଅବସରରେ ମହାକାଳପଡ଼ା ବ୍ଲକର ଛପାଲି ପ୍ରଭାକରପୁର ବଜାରରେ ପାରମ୍ପରିକ ପ୍ରସିଦ୍ଧ ପର୍ବ ପବିତ୍ର ମା' ଶ୍ୟାମକାଳୀଙ୍କ ୧୦୨ତମ ପୂଜା ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦଶନ୍ଧି ଧରି ଏହି ପୂଜା ଉତ୍ସବ ସ୍ଥାନୀୟ ଜନସାଧାରଣଙ୍କ ଆଧାତ୍ମିକ ଓ ଧାର୍ମିକ ଚେତନା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଅନନ୍ୟ ପରମ୍ପରାରେ ବଜାର କମିଟି ଓ ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ସହ ପାଳନ ହୋଇଛି ।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ ଓ ସମ୍ମାନିତ ଅତିଥି ଭାବେ ସରୋଜକାନ୍ତ ସାହୁ, ରଞ୍ଜନ ଚୌଧୁରୀ, ପ୍ରଶାନ୍ତ ସେଠୀ, ସଞ୍ଜୟ ରଥ,ବିଭ୍ରାଂଶୁ ଲେଙ୍କା, ସୌଭାଗ୍ୟ ପରିଡା, ଚିତ୍ତରଞ୍ଜନ ଦାସ, ପବିତ୍ର ପରିଡା, ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି, ହଳଧର ସ୍ୱାଇଁ, ସରପଞ୍ଚ ସାଲବେଗ ମାହାଳୀ, ପ୍ରସନ୍ନ ବେହେରା, କ୍ରିଷ୍ଣପଦ ମଣ୍ଡଳ, ଜଗନ୍ନାଥ ଦଳାଇ, ରୁଦ୍ରନାରାୟଣ ଦାସ ଦେବକାନ୍ତ ପଲାଇ, ସୁକାନ୍ତ ଖଟୁଆ ପ୍ରମୁଖ ଅତିଥି ଭାବେ ଏହି କାଳୀପୂଜା ଉତ୍ସବରେ ଯୋଗ ଦେଇଥିଲେ। ବଉଳକଣି ପ୍ରଭାକରପୁର ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ନିମନ୍ତ୍ରିତ ଅତିଥି ଓ ସ୍ଥାନୀୟ ଜନସାଧାରଣଙ୍କୁ ସହଯୋଗ ପାଇଁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

**ସାଲେପୁର, ୨୫।୧୦ (ସଂଚାର ବ୍ୟୁରୋ):** ସାଲେପୁର ଥାନା ଅଧିନ ଚନ୍ଦ୍ରାଦେଇପୁର ପଞ୍ଚାୟତର ଅରବିନ୍ଦମାର୍ଗରେ ଘର କରି ରହୁଥିବା ବିଦ୍ୟାଧର ଦାସମହାପାତ୍ରଙ୍କ ପତ୍ନୀ ଭାଗ୍ୟବତୀ ଦାସମହାପାତ୍ର(୫୭) ଏକ କୋଠରୀ ମଧ୍ୟରେ ଫ୍ୟାନ୍‌ରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାଯାଇଛି। ସ୍ୱାମୀ ସ୍ତ୍ରୀ ଏହି ଘରେ ରହୁଥିବାବେଳେ ଔଷଧ ଆଣିବା ପାଇଁ ସ୍ୱାମୀ ବିଦ୍ୟାଧର ବଜାରକୁ ଆସିଥିବାବେଳେ ଘରକୁ ଫେରି ଦେଖିଲାବେଳକୁ ତାଙ୍କ ପତ୍ନୀ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି।

## କାଠ ମାଫିଆ କାଟି ନେଉଛନ୍ତି ବିରାଟ ବିରାଟ ଚାକୁଣ୍ଡା ଗଛ

**ଆଳି, ୨୫।୧୦ (ସଂଚାର ବ୍ୟୁରୋ):** ପ୍ରଶାସନର ନାକ ତଳେ ଚାଲିଛି ଗଛ କଟା। ବନବିଭାଗର ନିଷ୍କ୍ରିୟତାର ସୁଯୋଗ ନେଇ ଆଳି ଅଞ୍ଚଳରେ ମାତିଛନ୍ତି କାଠ ମାଫିଆ । କାଠ ମାଫିଆମାନେ ଗାଁ ଗହଳିରେ ବୁଲି ରାସ୍ତା କଡ଼ରେ ଥିବା ବଡ଼ବଡ଼ ଗଛକୁ କାଟି ଟ୍ରାକ୍ଟର ସାହାଯ୍ୟରେ ବୋହି ନେଉଥିବା ବେଳେ ସବୁଦେଖି ଚୁପ ବନ ବିଭାଗ ଓ ରାଜସ୍ୱ ବିଭାଗ ।

ନିକଟରେ ବନବିଭାଗ ସହଯୋଗରେ ଜଙ୍ଗଲ ସୃଷ୍ଟି ନିମନ୍ତେ ପ୍ରତି ବ୍ଲକରେ ବୃକ୍ଷ ଚାରା ରୋପଣ କରିଥିବା ବେଳେ କାଠ ମାଫିଆ ମାନଙ୍କ ଉପରେ କୌଣସି କଟକଣା ରହୁନି। ଶନିବାର ଦିନ ଆଳି ତହସିଲ ଅନ୍ତର୍ଗତ ବାଟିପଡା ଗ୍ରାମରେ ଅଜୟ ମଲିକ ତାଙ୍କ ବାରିରୁ ୫ ଗୋଟି ଚାକୁଣ୍ଡା ଗଛ କାଟି ଥିବା ଅଭିଯୋଗ ହୋଇଛି। ଅନ୍ୟ ପଟେ ଏହି ଗଛକୁ କିଛି ମାଫିଆମାନଙ୍କୁ ଶାଗ



ଟେର ପାଉନି ପ୍ରଶାସନ

ମାଛ ଦରରେ ବିକ୍ରି ହୋଇଥିବା କୁହାଯାଉଛି। ଏମିତିକି ରାସ୍ତା ଉପରେ ଗଛ କଟା ଯୋଗୁ ଗ୍ରାମର ରାସ୍ତା ଘଣ୍ଟା ଘଣ୍ଟା ବନ୍ଦ ହୋଇ ଯାଇଥିଲା । ଆଳି ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଓ ବନ ବିଭାଗ ପାଖରେ ଖବର ନଥିଲା । ଏ ନେଇ ବନବିଭାଗ ଓ ରାଜସ୍ୱ ବିଭାଗ ପ୍ରତିକ୍ରିୟା ମିଳିପାରିନାହିଁ।

## ଶିକ୍ଷୟିତ୍ରୀଙ୍କ ଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ



**ନିଶ୍ଚିନ୍ତକୋଇଲି, ୨୫।୧୦ (ସଂଚାର ବ୍ୟୁରୋ):** ଗତ ତା.୦୮.୦୯.୨୦୨୫ରିଖରେ ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ଆଶିଷ କୁମାର ମହାପାତ୍ରଙ୍କ ଧର୍ମପତ୍ନୀ ତଥା ଡଃ ଦେବ୍ ମହାନ୍ତି ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଶ୍ରୀମତୀ ସୁପ୍ରଭା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ବେକରୁ କିଛି ଦୁର୍ବୃତ ଖଣ୍ଡସାହି ନିକଟରେ ମାରାଣାସ୍ତ୍ର ଦେଖାଇ ସୁନା ଚେନ୍, ମୋବାଇଲ, ଟଙ୍କା ଲୁଟ୍ କରିନେଇଥିଲେ । ଏହାର ଅଭିଯୋଗ ପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ପକ୍ଷରୁ କେସ ନଂ-୧୭୮/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଶେଷରେ ଅପରାଧି ମାନଙ୍କୁ ଧରିବାରେ ସକ୍ଷମ ହୋଇଛି ପୁଲିସ। ଏହି ସଫଳତାକୁ ଶନିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଅପରାଧ ମାନଙ୍କ ନାମ ପ୍ରକାଶ କରାଯିବା ସହିତ ଲୁଟ୍ ହୋଇଥୁବା ୨ଟି ସୁନା ଚେନ୍, ୧ ପଲସର ବାଇକକୁ ଜବତ କରାଯାଇଛି । ମାର୍ଶାଘାଇ ଅଞ୍ଚଳର ମାନସ ମଲିକ(୨୦) ଏବଂ କେନ୍ଦ୍ରାପଡ଼ା ସଦର ଥାନା ଭଗବତପୁର ଗ୍ରାମର ପ୍ରଶାନ୍ତ କୁମାର ସାହୁ(୪୮)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ପୁଣି ଉପଜିଲ୍ଲାପାଳଙ୍କ ଦୁର୍ବ୍ୟବହାର

## ହାଇକୋର୍ଟ ଆଇନଜୀବୀଙ୍କୁ ବି ଛାଡ଼ିଲେନି

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଉପଜିଲ୍ଲାପାଳ ଅରୁଣ କୁମାର ନାୟକ। ଏମିତିକି ହାଇକୋର୍ଟର ଆଇନଜୀବୀଙ୍କୁ ମଧ ଉପଜିଲ୍ଲାପାଳ ଦୁର୍ବ୍ୟବହାର କରିଥିବା ଜିଲ୍ଲାପାଳଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି । ଓଡିଶା ହାଇକୋର୍ଟର ଆଇନଜୀବୀ ଲଳିତମାଧବ ଦତ୍ତ ଏକ କନଭରସନ ଓଏଲଆର କେଶ ନଂ-୮୪୦୯/୨୦୨୫ ସମ୍ପର୍କରେ ବୁଝିବାକୁ ଉପଜିଲ୍ଲାପାଳଙ୍କ ନିକଟକୁ ଯାଇଥିବା ବେଳେ ହଠାତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ତାଙ୍କୁ କାହିଁକି ମୋ ଚାମ୍ବରକୁ ଆସିଲ ବୋଲି କହି ଦୁର୍ବ୍ୟବହାର କରିଥିଲେ।

ଏସମ୍ପର୍କରେ ଆଇନଜୀବୀ ଶ୍ରୀ ଦତ୍ତ ଜିଲ୍ଲାପାଳଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ତହସିଲ ଅଧିନ ଶ୍ୟାମଗୁଡିଆ ମୌଜାର ଖାତା ନମ୍ବର ୨୪୪୧/୨୩୧୮ର ପ୍ଲଟ ନମ୍ବର-୧୦୨୧/୮୩୪୯ ଏରିଆ ଏ୧.୨୪ ଡେସିମିଲ ମଧ୍ୟରୁ ଏ୦.୨୪ ଡିସିମିଲ ଜମିକୁ ଘରବାଡି ଜମିରେ ପରିଣତ କରିବାକୁ ପ୍ରଥମେ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତହସିଲରେ ୨୪ଡେସିମିଲ ଜମି ଘରବାଡିରେ ପରିବର୍ତ୍ତନ ହୋଇସାରିଛି। କିନ୍ତୁ ସେହି ଖାତା ଓ ପ୍ଲଟର ଅବଶିଷ୍ଟ ଏ୧.୦୦କର ଜମିକୁ ଘରବାଡିରେ ପରିଣତ କରାଇବାକୁ ଆଇନଜୀବୀ ଶ୍ରୀ ଦତ୍ତ ଦୁଇମାସରୁ ଉର୍ଦ୍ଧ୍ୱ ହେବ ଦରଖାସ୍ତ କରିଥିଲେବି ତାହାର କୌଣସି ଫଇସଲା ହୋଇନାହିଁ ମାମଲା ଦାୟର ହେବାର ୬୦ଦିନ ଭିତରେ ଫଇସଲା ହେବାର ନିୟମ ଥିବା ବେଳେ ଏହି ମାମଲା ଦାୟର ୭୦ଦିନ ପରେବି କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇଲା ନାହିଁ । ତେଣୁ ଏସମ୍ପର୍କରେ ଆଇନଜୀବୀ ଶ୍ରୀ ଦତ୍ତ ଗତ ୮, ୧୦ ଓ ୧୬ତାରିଖରେ ଉପଜିଲ୍ଲାପାଳଙ୍କୁ ଭେଟି ସେହି କେଶର ଫଇସଲା ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଏସମ୍ପର୍କରେ ୧୬ତାରିଖରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଜିଲ୍ଲାପାଳ ତୁରନ୍ତ ସଂପୃକ୍ତ କେଶର ଫଇସଲା କରିବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସବୁ ସତ୍ତ୍ୱେବି କୌଣସି ପଦକ୍ଷେପ ନିଆନଯିବାରୁ ୧୯ତାରିଖରେ ଆଇନଜୀବୀ ଶ୍ରୀ ଦତ୍ତ ଉପଜିଲ୍ଲାପାଳଙ୍କୁ ଭେଟିବାରେ ଉପଜିଲ୍ଲାପାଳ ତାଙ୍କୁ ଦୁର୍ବ୍ୟବହାର କରିଥିବା ଶ୍ରୀ ଦତ୍ତ ରାଜ୍ୟ ବାର କାଉନସିଲ ଓ କେନ୍ଦ୍ରାପଡା ଜିଲ୍ଲା ବାର କାଉନସିଲରେ ଜଣାଇଥିଲେ। ସେମାନଙ୍କ ପରାମର୍ଶ କ୍ରମେ ଆଇନଜୀବୀ ଶ୍ରୀ ଦତ୍ତ ଆଜି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ଉପଜିଲ୍ଲାପାଳ ଶ୍ରୀ ନାୟକ ଭିନ୍ନକ୍ଷମ ପ୍ରଫୁଲ୍ଲଙ୍କୁ ଗୁରୁବାର ଅଶୋଜନ୍ୟ ଭାଷାରେ ଗାଳିଗୁଲଜ କରି ତୁରନ୍ତ ଅଫିସ ଚାମ୍ବରରୁ ବାହାରି ଯିବା ପାଇଁ କହିଥିବା ବେଳେ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ବୈଠକରେ ଜଣେ ସାମ୍ବାଦିକ ଜୀବନ ସିଂଙ୍କୁ ତୁ ତା କରି ଦୁର୍ବ୍ୟବହାର କରିଥିଲେ।

## ବାବରରେ ନୂତନ ବ୍ଲକ୍ ପାଇଁ ସାଂସଦଙ୍କୁ ପ୍ରସ୍ତାବ

**ମହାକାଳପଡ଼ା,୨୫।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧୀନ ଗୋଗୁଆ ପଞ୍ଚାୟତ ଅନ୍ତର୍ଗତ ବାବର ଠାରେ ଏକ ନୂତନ ବ୍ଲକ ଗଠନ ପାଇଁ ମାନ୍ୟବର ସାଂସଦ ବୈଜୟନ୍ତ ପଣ୍ଡା ଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଛନ୍ତି ଗୋଗୁଆ ପଞ୍ଚାୟତ ର ସମିତି ସଭ୍ୟ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଦାସ (ହାଲୁ)। ଏହି ପ୍ରସ୍ତାବ ଅନୁଯାୟୀ ସେ ଉଲ୍ଲେଖ କରିଛନ୍ତି ଯେ, ବାବର ହେଉଛି ପଟ୍ଟାମୁଣ୍ଡାଇ, ରାଜନଗର ଏବଂ ମହାକାଳପଡ଼ା ବ୍ଲକ ମଧ୍ୟରେ କେନ୍ଦ୍ରୀୟ ଭାବରେ ଅବସ୍ଥିତ। ଏହା ବ୍ଲକ୍ ମୁଖ୍ୟାଳୟ ଠାରୁ ୧୬ କିମି, ରାଜନଗର ବ୍ଲକ ଠାରୁ ୧୭ କିମି ଓ ମହାକାଳପଡ଼ା ବ୍ଲକ୍ ଠାରୁ ୧୯ କିମି ଦୂରରେ ରହିଛି। ଏଠାରେ ଏକ ମହାବିଦ୍ୟାଳୟ, ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଏକ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଏବଂ ଏକ ଦୈନିକ ବଜାର ଅନ୍ତର୍ଭୁକ୍ତ। ବାବର ଠାରୁ କେନ୍ଦ୍ରାପଡ଼ା, କଟକ ଏବଂ ଭୁବନେଶ୍ୱର ଭଳି ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରୁଥିବା ସରକାରୀ ଏବଂ ଘରୋଇ



ବସ୍ ସେବାର ଏହା ଏକ କେନ୍ଦ୍ର। ବାବରକୁ ସଂଯୋଗ କରୁଥିବା ଅନେକ ରାସ୍ତା, ଯେପରିକି ବାବର ପଟ୍ଟାମୁଣ୍ଡାଇ ରୋଡ୍ ଏବଂ ବାବର ଜମ୍ମୁ ରୋଡ୍, ମଧ ତାଲିକାଭୁକ୍ତ କରାଯାଇଛି। ରାଜ୍ୟ ସରକାର ବ୍ଲକ୍ ଗୁଡିକର ପୁନର୍ଗଠନ ଓ ନୂତନ ବ୍ଲକ୍ ଗଠନ ପାଇଁ ନିଷ୍ପତ୍ତି ନେଇଥିବା ଦର୍ଶାଇ ଅଞ୍ଚଳର ଜନସଂଖ୍ୟା ଓ ଭୌଗଳିକ ସ୍ଥିତି କୁ ଦର୍ଶାଇ ଶ୍ରୀଯୁକ୍ତ ଦାସ ନୂତନ ବ୍ଲକ୍ ଗଠନ ପାଇଁ କରିଥିବା ଦାବିକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

## ଶ୍ରୀ କ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ଆସିଲା ପାଟବସ୍ତ୍ର

**କେନ୍ଦ୍ରାପଡ଼ା,୨୫।୧୦(ସଂଚାର ବ୍ୟୁରୋ):** ପାରମ୍ପରିକ ପ୍ରଥା ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ପାଇଁ ଆସିଛି ୩ଗୋଟି ପାଟବସ୍ତ୍ର ।

ଦେବୋତ୍ତର ବିଭାଗ ପକ୍ଷରୁ ମିଳିଥିବା ସୁଚନା ଅନୁଯାୟୀ ଶନିବାର ଅପରାହ୍ନରେ ନୀଳ, ରକ୍ତ ଓ ହରିଦ୍ରା ରଙ୍ଗର ତିନୋଟି ପାଟବସ୍ତ୍ରକୁ ବଡଭାଇ ଶ୍ରୀବଳଦେବଜିଉ ମହାପ୍ରଭୁଙ୍କ ଉଦେଶ୍ୟରେ ଆସିଛି । ସେହି ପାଟବସ୍ତ୍ରକୁ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ଆଣିଥିବା ସହକାରୀ ପ୍ରଶାସକ ଡ. ପ୍ରଭୂପିୟୁଷ ମହାପାତ୍ର, ଡିଇଓ ସତ୍ୟନାରାୟଣ ପାତ୍ର, ଜଗବନ୍ଧୁ ପୂଜାପଣ୍ଡା, ଅମର ମହାପାତ୍ର ପ୍ରମୁଖ କେନ୍ଦ୍ରାପଡା ଶ୍ରୀ ବଳଦେବ ଜୀୟୁ ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ସନ୍ଧ୍ୟା ଆଳତୀ ପରେ



ରୂପା ଥାଳିରେ ସେହି ପାଟବସ୍ତ୍ରକୁ ମନ୍ଦିର ସିଂହଦ୍ୱାର ନିକଟକୁ କୀର୍ତ୍ତନ ମଣ୍ଡଳୀ, ବାଜା, ଘଣ୍ଟା, ଘଣ୍ଟା, ଶଙ୍ଖ, କାହାଳୀ ବଜାଇ ଏକ ବର୍ଣ୍ଣାଢ୍ୟ ପଟୁଆରରେ ନିଆଯାଇ ବଡପଣ୍ଡା ମାଧବ ପତ୍ରୀ ଓ ଭାବଗ୍ରାହୀ ପତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ବେଢା ପରିକ୍ରମା କରାଯିବା ପରେ ଠାକୁରଙ୍କ ଭଣ୍ଡାର ଘରେ ରଖାଯାଇଥିଲା। ଆସନ୍ତା ଶୁକ୍ଳ ଏକାଦଶୀ ତିଥିରେ ଏହି ପାଟ ବସ୍ତ୍ର ପରିଧାନ କରି ପ୍ରଳମ୍ବାସୁର ବଧ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେବେ ଶ୍ରୀବଳଦେବଜୀଉ ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ ମହାପ୍ରଭୁ ବଳରାମ ପ୍ରଳମ୍ବାସୁରକୁ ସଂହାର କରିଥିଲେ । ଅନୁଜ ଶ୍ରୀକୃଷ୍ଣ ଖୁସି ହୋଇ କାନ୍ଧରୁ ଅଙ୍ଗ ବସ୍ତ୍ର ବାହାର କରି ବଡ଼ଭାଇ ବଳରାମଙ୍କ ମସ୍ତକରେ ବାନ୍ଧି ଦେଇଥିଲେ । ପୌରାଣିକ ମତରେ ଦ୍ୱାପର ଯୁଗରେ ପ୍ରଳମ୍ବାସୁର ବଧ ପରେ ଶ୍ରୀ କୃଷ୍ଣ ବଡଭାଇ ବଳରାମଙ୍କୁ ପାଟବସ୍ତ୍ର ପରିଧାନ କରିବାକୁ ଦେଇଥିଲେ। ଏହାକୁ ଆଧାରକରି ଏହି ପରମ୍ପରା ଦୀର୍ଘବର୍ଷ ଧରି ହୋଇଆସୁଥିବା ମନ୍ଦିର ପ୍ରଶାସନ ସୂତ୍ରରୁ ପ୍ରକାଶ । ଶୋଭାଯାତ୍ରାରେ ବହୁ ସେବାୟତଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ ।



## ବ୍ରେନ ଷ୍ଟ୍ରୋକରେ ପୀଡିତଙ୍କୁ ଭେଟିଲେ ଚିତ୍ତରଞ୍ଜନ, ଅସ୍ତ୍ରୋପଚାର ପାଇଁ ଦେଲେ ପ୍ରତିଶ୍ରୁତି

**ମହାକାଳପଡ଼ା,୨୫।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତ ସ୍ୱାଇଁ ସାହିର ଆଲୋକ ସ୍ୱାଇଁ ବ୍ରେନ୍ ଷ୍ଟ୍ରୋକରେ ପୀଡିତ ଖବର ପାଇ ଆଜି ତାଙ୍କ ବାସଭବନରେ ଭେଟିଛନ୍ତି ମହାକାଳପଡା ନିର୍ବାଚନ ମଣ୍ଡଳୀ ର ଯୁବନେତା, ରାଜ୍ୟ ଯାଦବ ମହାସଭାର ଯୁବ ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ। ଶ୍ରୀ ଦାସ ଆଲୋକଙ୍କ ମେଡ଼ିସିନ ପାଇଁ ବ୍ୟବସ୍ଥା କରାଇବା ସହିତ ପରିବାରକୁ ଆର୍ଥିକ ସହାୟତା ଓ ଆଲୋକଙ୍କ ଚିକିତ୍ସା ପାଇଁ ସିଧାସଳଖ ଡାକ୍ତରଙ୍କ ସହିତ କଥା ହୋଇ ୩ ରୁ ୪ ଦିନ ମଧ୍ୟରେ ଆଲୋକଙ୍କୁ ଭୁବନେଶ୍ୱରରେ ଅସ୍ତ୍ରୋପଚାର ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାସଙ୍କ ସହିତ ଚନ୍ଦ୍ର ପ୍ରକାଶ ମୁଦୁଲି, ଚିତ୍ତରଞ୍ଜନ ମଲ୍ଲିକ, ଲିଟୁନା ବେହେରା, ଶିବପ୍ରସାଦ ମହାନ୍ତି, ମାନସ କର, କଳାକାର ମଲ୍ଲିକ, ଲିଜୁ ଦାସ, ମୁନିସି ଦାସ, ଅଭିରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ଶିଶୁମହୋତ୍ସବ ସୁରଭି




**ମାର୍ଶାଘାଇ,୨୫।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠ ପରିସରରେ ମଣ୍ଡଳ ସ୍ତରୀୟ ଶିଶୁମହୋତ୍ସବ 'ସୁରଭି' ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିଶୁ କାଲିର ଭବିଷ୍ୟତ, ତେଣୁ ପାଠପଢ଼ା ସହିତ ଶିଶୁର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ବିଦ୍ୟାଳୟ ସ୍ତରରୁ ହେଉଥିବା ଏହି କାର୍ଯ୍ୟକ୍ରମ ବେଶ ଉପଯୋଗୀ ବୋଲି ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟରେ କହିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ସହ ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ମାର୍ଶାଘାଇ ବ୍ଲକ ଏବିଡ଼ିଓ ଇତିଶ୍ରୀ ପଣ୍ଡା, ସମାଜସେବୀ ପ୍ରଶାନ୍ତ କୁମାର ସେଠୀ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ସୁଶାନ୍ତ କୁମାର ବେଉରା, ମାର୍ଶାଘାଇ ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ମଧୁସାଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ରଶ୍ମିରଂଜନ ରାଉତରାୟ, ପୂର୍ବତନ ସରପଞ୍ଚ ରାଜୀବ କୁମାର ପୃଷ୍ଟି, ଉମାକାନ୍ତ ଦାସ ପ୍ରମୁଖ ମଞ୍ଚାସିନ ଥିଲେ ।

# ଚାଉଳିଆଗଞ୍ଜ ଥାନାରୁ ଆରଟିଆଇରେ ତଥ୍ୟ ମିଳୁନାହିଁ

### ଡିସିପି କାର୍ଯ୍ୟାଳୟକୁ ପ୍ରଥମ ଅପିଲ କଲେ ସୂଚନା ଅଧିକାର କର୍ମୀ

**କଟକ, ୨୫।୧୦ (ସଂଚାର ବ୍ୟୁରୋ):** ସୂଚନାଅଧିକାର ଆଇନରେ ତଥ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଦେବାର ନିୟମ ରହିଥିଲେ ସୁଦ୍ଧା କଟକ କମିଶନରେଟ ପୁଲିସ ଅଧିନରେ ଥିବା ଚାଉଳିଆଗଞ୍ଜ ଥାନାରୁ ତଥ୍ୟ ମିଳୁନଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ କି ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ କଟକ ସହରରେ ଅନେକ ଦୁର୍ନୀତି, ଅନିୟମିତତା ସରକାରଙ୍କ ଜମି ଜବରଦଖଲ ଉଚ୍ଛେଦ ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ, ରାଜ୍ୟ ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ଏହି କାରଣରୁ ଗତ ଅକ୍ଟୋବର ୯ତାରିଖରେ ଚାଉଳିଆଗଞ୍ଜ ଥାନା ଅଧିନ ଶିଖରପୁର କାଳୀମନ୍ଦିରରେ ଜିତେନ୍ଦ୍ରଙ୍କୁ ସ୍ଥାନୀୟ ଠିକାଦାର ଓ ଅସାମାଜିକ ଲୋକ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସମୟରେ ଚାଉଳିଆଗଞ୍ଜ ପୁଲିସ ପହଞ୍ଚି ଉଦ୍ଧାର କରିବା ଏବଂ କଟକ ଏସସିବି ମେଡିକାଲ ନେଇ ଚିକିତ୍ସା କରିଥିଲେ ତାପରେ ଜିତେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାପର ଦିନ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଚାଉଳିଆଗଞ୍ଜ ଥାନା ପୁଲିସ ଜିତେନ୍ଦ୍ରଙ୍କୁ ଉଦ୍ଧାର କରିବା, ଚିକିତ୍ସା କରାଇବା ପାଇଁ ନେବା, ଉକ୍ତ ଦିନର ଥାନା ସିସିଟିଭି ଫୁଟେଜ୍, ଭିଜିଟର ରେଜିଷ୍ଟର ଏବଂ ଚିକିତ୍ସା ସଂପର୍କିତ ମେଡିକାଲ କାଗଜପତ୍ର, ସ୍ୱାସ୍ଥ୍ୟାବସ୍ଥା ସଂପର୍କିତ ସତ୍ୟାସତ୍ୟ ଜାଣିବା ପାଇଁ ଜିତେନ୍ଦ୍ରଙ୍କ ସ୍ତ୍ରୀ ରଶ୍ମିତା ସାହୁ ଅକ୍ଟୋବର ୧୬ତାରିଖରେ ଚାଉଳିଆଗଞ୍ଜ ଥାନାକୁ ସୂଚନାଅଧିକାର ଆଇନରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ଜୀବନ ଓ ସ୍ୱାଧୀନତା ସଂପର୍କିତ ତଥ୍ୟ ହୋଇଥିବାରୁ ସୂଚନାଅଧିକାର ଆଇନ ଧାରା ୭(୧) ଅନୁଯାୟୀ ୪୮ଘଣ୍ଟା ରେ ଦେବାପାଇଁ ମଧ ରଶ୍ମିତା ଲିଖିତ ଅନୁରୋଧ କରିଥିଲେ ସୁଦ୍ଧା ଧାର୍ଯ୍ୟ ସମୟସୀମା ମଧ୍ୟରେ ନମିଳିବାରୁ ରଶ୍ମିତା ଡିସିପି କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ପ୍ରଥମ ଅପିଲ କରିବା ସହ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ଅପିଲ କରିଛନ୍ତି।

ଏହି ତଥ୍ୟ ମିଳିଲେ ଜିତେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଓ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ସଂପୂର୍ଣ୍ଣ ତଥ୍ୟକୁ ନେଇ ରାଜ୍ୟ ମାନବାଧିକାର କମିଶନ, ସୂଚନା କମିଶନ ଓ ଆଇନର ଦ୍ୱାରସ୍ଥ ହେବେ ବୋଲି ରଶ୍ମିତା ସୂଚନା ଦେଇଛନ୍ତି।

## ଜରିଆ ବଳଦେବ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୨୫।୧୦(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଜରିଆ ବଳଦେବ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନ ଜରିଆ ବଳଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜରିଆ ବଳଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବେହେରା ଏବଂ ଆଞ୍ଚଳିକ ସାଧନ ସଂଯୋଜକ ସତ୍ୟବ୍ରତ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନିରାକାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପିଏମ ପୋଷଣ ଚିତ୍ରାକଳା, ପିଏମ ପୋଷଣ



ଶିଳ୍ପକଳା, ଗଣିତ ଖେଳ, ଗଣିତ ଦୌଡ଼, ସାଧାରଣଜ୍ଞାନ, ସୃଜନଶୀଳ ଲେଖନ ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ପୁରସ୍କାର ବିତରଣ ସଭାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ 'ଗୁପଡ୍ୟାନ୍ସ'ପରିବେଷଣ କରାଯାଇଥିଲା ।

## ସୁଧୁରୁନି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା

**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁନାହିଁ। ସେ ଏବେ ମିନିମାଲ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ତାଙ୍କର ସ୍ଥିତି ଭାଇଟାଲ୍ ରହିଛି। ତାଙ୍କର ସ୍ନାୟୁଜନିତ ସମସ୍ୟାରେ କୌଣସି ଉନ୍ନତି ହୋଇନାହିଁ। ସେ ଜିସିଏସ୍-ଇ୨ଭିଟିଏମ୍୧ ସହ କୋମାଟୋଜ୍ ଅବସ୍ଥାରେ ଅଛନ୍ତି। ଗତ ୨୩ ତାରିଖରେ ହୋଇଥିବା ତାଙ୍କର ମସ୍ତିଷ୍କ ଏମ୍ଆର୍ଆଇରେ କୌଣସି ରେଡିଓଲୋଜିକାଲ୍ ସୁଧାର ହୋଇନାହିଁ। ଏନେଇ ଭୁବନେଶ୍ୱର ଏମ୍ସ ପକ୍ଷରୁ ସ୍ୱାସ୍ଥ୍ୟ ବୁଲେଟିନ୍ ଜାରି କରାଯାଇଛି। ଲୋକପ୍ରିୟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ଏକାଧିକ ରୋଗଗ୍ରସ୍ତ ହୋଇ ଗତ ଅଗଷ୍ଟ ୨୭ ତାରିଖରେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସେଠାରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏହାପରେ ଗତ ସେପ୍ଟେମ୍ବର ୪ ତାରିଖରେ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ମେଡିକାଲ ଯାଞ୍ଚ ପରେ ସେ ଅସମୋଟିକ୍ ଡେମିଲେସନ ସିଣ୍ଡ୍ରୋମ ନାମକ ଏକ ସ୍ନାୟୁଜନିତ ରୋଗ, ନିମୋନିଆ ସହ ଫୁସଫୁସରେ ସଂକ୍ରମଣ, ରକ୍ତରେ ସଂକ୍ରମଣ ଓ ପୁରୁଣା କିଡନୀ ରୋଗ ସହ ଭିଟାମିନ 'ଡି' ଓ ଫଲିକ ଏସିଡ ଭଳି ପୋଷକ ତତ୍ତ୍ୱର ଅଭାବ ରହିଥିବା ଜଣାପଡ଼ିଥିଲା। ଗତ ୨୫ ସେପ୍ଟେମ୍ବରରେ ତାଙ୍କୁ ମେଡିକାଲ ଆଇସିୟୁରୁ ମେଡିସିନ ୱାର୍ଡକୁ ଅଣାଯାଇଥିଲା। ୧୧ ତାରିଖରେ ପୁଣି ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା କାରଣରୁ ତାଙ୍କୁ ପୁଣି ଥରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।


ମିନିମାଲ ଭେଣ୍ଟିଲେଟର ସପୋର୍ଟରେ କଣ୍ଠଶିଳ୍ପୀ

# ଚନ୍ଦନପୁର ଗଣଦୁଷ୍କର୍ମ ମାମଲାରେ ଦୁଇ ଗିରଫ

**ଅଭିଯୁକ୍ତଦ୍ୱୟ ସମ୍ପର୍କୀୟ ଦାଦା ଓ ଭାଇ**

**ପୁରୀ,୨୫।୧୦(ସଂଚାର ବ୍ୟୁରୋ):** ପୁରୀ ଚନ୍ଦନପୁର ଥାନାଞ୍ଚଳରେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଆଜି ଗିରଫ କରାଯାଇଛି। ସେମାନଙ୍କୁ ଚନ୍ଦନପୁର ଥାନା ପୁଲିସ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଗେଡୁ ଓରଫ ଆଲୋକ ଭୋଇ ଓ ମୁନା ଓରଫ ପବିତ୍ର ଭୋଇ। ତେବେ ଉଭୟ ଅଭିଯୁକ୍ତ ନାବାଳିକାଙ୍କ ସମ୍ପର୍କୀୟ ବୋଲି ପୁଲିସ ସୂଚନା ଦେଇଛି। ଗଣଦୁଷ୍କର୍ମ କରିଥିବା ଯୁବକଙ୍କ ମଧ୍ୟରେ ଜଣେ ନାବାଳିକାଙ୍କ ସମ୍ପର୍କୀୟ ଦାଦା ହୋଇଥିବା ବେଳେ ଅନ୍ୟ ଜଣେ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଗତ ବୁଧବାର କାଳୀପୂଜା ଭସାଣି ଚାଲିଥିବା ବେଳେ ବିଳମ୍ବିତ ରାତିରେ ଚନ୍ଦନପୁର ଥାନାଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଥିଲା। ପରିବାର ଲୋକେ ଭସାଣି ଦେଖିବାକୁ ଯାଇଥିବା ବେଳେ ନାବାଳିକା ଜଣଙ୍କ ଘରେ ଏକୁଟିଆ ଶୋଇଥିଲେ। ଏହି ସୁଯୋଗରେ ୨ ଅଭିଯୁକ୍ତ ରାତି ପ୍ରାୟ ୨ଟା ପରେ ଘରେ ବଳପୂର୍ବକ ପଶି ତାଙ୍କୁ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ ନାବାଳିକା ତାଙ୍କ ମା'ଙ୍କୁ ଅବଗତ କରାଇଥିଲେ।

ଏନେଇ ପୁରୀ ସଦର ଏସଡିପିଓ ରବିନାରାୟଣ ଭଞ୍ଜ ଦେଇଥିବା ସୂଚନାନୁସାରେ, ଗତ ୨୨ ତାରିଖ ବିଳମ୍ବିତ ରାତିରେ ନାବାଳିକାଙ୍କୁ ଅଭିଯୁକ୍ତ ସମ୍ପର୍କୀୟ ଦାଦା ଓ ଭାଇ ଗଣଦୁଷ୍କର୍ମ କରିଥିଲେ। ଏନେଇ ଗତ ୨୪ ତାରିଖ ଦିନ ଚନ୍ଦନପୁର ଥାନାରେ ପୀଡ଼ିତା ନାବାଳିକା ଓ ତାଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୨୨ ତାରିଖରେ ନାବାଳିକା ଭସାଣି ଉତ୍ସବ ଥିବା ବେଳେ ନାବାଳିକା ଜଣଙ୍କ ଘରେ ୭ ବର୍ଷର ସାନ ଭଉଣୀ ସହ ଏକୁଟିଆ ଥିଲେ। ତାଙ୍କ ପରିବାର ସଦସ୍ୟ ଭସାଣ ଉତ୍ସବ ଦେଖିବା ପାଇଁ ଯାଇଥିବା ସମୟରେ ଅଭିଯୁକ୍ତମାନେ ଏହାର ସୁଯୋଗ ନେଇ ରାତି ୨ଟା ସମୟରେ ଘରେ ପଶି ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ।। ଘଟଣାକୁ ପୁଲିସ ଗୁରୁତର ସହ ନେଇ ତଦନ୍ତ କରିଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନାଁରେ ପୁଲିସ ପକ୍ସୋ ଆକ୍ଟ ସହ ଅନ୍ୟାନ୍ୟ ଦଫା ଲଗାଇ କୋର୍ଟ ଚାଲାଣ କରିଥିବା ସଦର ଏସଡିପିଓ ରବିନାରାୟଣ ଭଞ୍ଜ ସୂଚନା ଦେଇଛନ୍ତି। କୋର୍ଟ ଚାଲାଣ ପୂର୍ବରୁ ଉଭୟ ଅଭିଯୁକ୍ତଙ୍କର ଆଜି ଡାକ୍ତରୀ ମାଇନା କରାଯାଇଛି। ଏହା ପୂର୍ବରୁ ନାବାଳିକାଙ୍କର ମଧ୍ୟ ଡାକ୍ତରୀ ମାଇନା କରାଯାଇଥିଲା।




## ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି ପ୍ରଭାତୀ: ସୁଲତା

**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ଆଜି ନୂଆପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ସମାବେଶରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଭିଭାଷଣକୁ ବିଜେଡି ନିନ୍ଦା କରିଛି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ତଥ୍ୟ ଆଧାରିତ ନୁହେଁ, ସେ ନୂଆପଡା ଓ ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି। ସୁଭଦ୍ରା ଶକ୍ତି ସମାବେଶରେ ଉପମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ୧୦ ଲକ୍ଷ ଲକ୍ଷପତି ଦିଦି ଅଛନ୍ତି। ଗତ ଅଗଷ୍ଟ ୧୨ରେ ବିଧାନସଭାରେ ଏହି ସଂଖ୍ୟା ୭ ଲକ୍ଷ ୮୦ ହଜାର ଦର୍ଶାଯାଇଥିବା ବେଳେ ଲକ୍ଷପତି ଦିଦିଙ୍କ ସଂଖ୍ୟାକୁ ନେଇ ଶ୍ରୀମତୀ ପରିଡା ତାହା ମିଛ କହୁଛନ୍ତି। ମିଶନ ଶକ୍ତିରେ ସଶକ୍ତ ମହିଳାଙ୍କୁ ଲକ୍ଷପତି ଦିଦି ଛଡ଼ାଇ ନେଉଛନ୍ତି ଉପମୁଖ୍ୟମନ୍ତ୍ରୀ ଏବଂ ଡବଲ ଇଞ୍ଜିନ ସରକାର। ସେହିପରି ବିଜେଡିକୁ ନୂଆପଡ଼ାରେ ପ୍ରାର୍ଥୀ ମିଳିଲେ ନାହିଁ, ତେଣୁ ବାହାରୁ ପ୍ରାର୍ଥୀ ଆଣିଛନ୍ତି ବୋଲି ପ୍ରଭାତୀ ଦେଇଥିବା ମନ୍ତବ୍ୟ ହାସ୍ୟାସ୍ପଦ। ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ମାମୁଘର ନୂଆପଡ଼ା। ମାଟିର ଝିଅ ଓ ପଶ୍ଚିମ ଓଡ଼ିଶାର ଗାଣ୍ଡିଆ ମହିଳା ନେତ୍ରୀ ଶ୍ରୀମତୀ ଛୁରିଆ ଯଦି ବାହାରେ, ତା ହେଲେ ଭୁବନେଶ୍ୱର ସାଂସଦ, ପୁରୀ ସାଂସଦ, କେନ୍ଦ୍ରାପଡ଼ା ସାଂସଦ ଓ ସମ୍ବଲପୁର ସାଂସଦ କ'ଣ ଜିଲ୍ଲାର ଲୋକ କି ବୋଲି ଶ୍ରୀମତୀ ଦେଓ ପ୍ରଶ୍ନ କରିଛନ୍ତି। ନୂଆପଡ଼ାରେ ଦଳର ଆସନ୍ନ ପରାଜୟକୁ ଦେଖି ଉପମୁଖ୍ୟମନ୍ତ୍ରୀ ଔଷଧ ବିକଳରେ ତାଟିଆ କାମୁଡୁଥିବା ସେ କହିଛନ୍ତି।

## ନୂଆପଡ଼ାରେ ବିଜେପିର ସୁଭଦ୍ରା ଶକ୍ତି ସମାବେଶ

**ଭୁବନେଶ୍ୱର, ୨୫।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ାରେ ବିଜେପିର ସୁଭଦ୍ରା ଶକ୍ତି ସମାବେଶ। ଏହି ସମାବେଶରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ନୂଆପଡ଼ାର ମହିଳା ମାନଙ୍କୁ ଭୋଟ ମାଗିବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ନୂଆପଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏହି ସମାବେଶରେ ମୁଖ୍ୟ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ବିଜେପି ମହିଳା ମୋର୍ଚ୍ଚାର ନେତ୍ରୀ ମାନଙ୍କ ସହ ଶହ ଶହ ସଂଖ୍ୟାରେ ମହିଳା ମାନେ ଯୋଗ ଦେଇଛନ୍ତି।

● ଏୟାର ହୋଷ୍ଟେସଙ୍କୁ ପ୍ରତାରଣା ଅଭିଯୋଗ

## ଭୁବନେଶ୍ୱର ଏୟାରପୋର୍ଟ ଡିଜିଏମ୍ ଗିରଫ



**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ଲଭ୍, ସେକ୍ସ ଓ ଧୋକ୍କା ଅଭିଯୋଗରେ ଗିରଫ ହୋଇଛନ୍ତି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଡିଜିଏମ (ଅପରେସନ) ଉମାକାନ୍ତ ପଟେଲ୍। ଜଣେକା ଏୟାର ହୋଷ୍ଟେସଙ୍କ ସହ ୪ ବର୍ଷ ଧରି ସେ ସମ୍ପର୍କରେ ଥିଲେ ଓ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିଲେ। ଖାଲି ଏତିକି ନୁହେଁ, ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରାଇଥିଲେ ଏବଂ ଏହାକୁ ପରବର୍ତ୍ତୀ ସମୟରେ ସେ ଗର୍ଭପାତ କରାଇଥିବା ବେଳେ ଏନେଇ ପୀଡ଼ିତା ଜଣଙ୍କ ସ୍ଥାନୀୟ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ଏଭଳି ସଙ୍ଗୀନ ମାମଲା ରୁଜୁ କରିବା ପରେ ସ୍ଥାନୀୟ ପୁଲିସ୍ ଆକ୍ସନ୍ ମୋଡ୍‌କୁ ଆସିବା ସହ ଶ୍ରୀ ପଟେଲ୍‌ଙ୍କୁ ଗିରଫ କରାଯାଇଛି। ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

● ବାର୍‌ହା ଫାଶରେ ପଡ଼ି ଜୀବନ ଗଲା

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରେମିକ ମୃତ, ପ୍ରେମିକା ଆହତ

**କୋରାପୁଟ,୨୫।୧୦(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ସଦର ବ୍ଲକର ଆଲିଗାଁ ନିକଟ କଫି ଫାର୍ମ ପାଖରେ ଅଘଟଣ। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବତୀ ଆହତ ହୋଇଛନ୍ତି। ମୃତକ ଘାଟଗୁଡ଼ା ଗାଁର ସଞ୍ଜୟ ବଡ଼ନାୟକ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସେମିଳିଗୁଡା ବ୍ଲକର ଦୁଧାରି ଗ୍ରାମ ପଞ୍ଚାୟତର ଘାଟଗୁଡ଼ା ଗାଁର ଜଣେ ଯୁବକଙ୍କ ସହ ଆଲିଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଶୁକ୍ରବାର ରାତିରେ ଦୁହେଁ ଦେଖା କରିବାକୁ ଆସିଥିବା ବେଳେ କିଛି ବନ୍ୟଜନ୍ତୁ ଶିକାରୀ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘାଟଗୁଡ଼ା ଗାଁର ସଞ୍ଜୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିରେ ଯୁବତୀ ଜଣଙ୍କ ଆହତ ହୋଇଥିଲେ। ଏ ସମ୍ପର୍କରେ ଖବର ପାଇ ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇଛନ୍ତି। ଏଥିସହ ଆଲିଗାଁର ଦୁଇ ଜଣଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି।

## ମହଙ୍ଗା ପଡ଼ିଲା କଙ୍ଗାରୁ କୋର୍ଟ: ୪ ଗିରଫ

● ପୁରୁଷ ଓ ମହିଳାଙ୍କୁ ଗାଁ ଦାଣ୍ଡରେ ବୁଲାଇଥିଲେ

**ଆନନ୍ଦପୁର,୨୫।୧୦(ସଂଚାର ବ୍ୟୁରୋ):** ମହଙ୍ଗା ପଡ଼ିଲା କଙ୍ଗାରୁ କୋର୍ଟ। ପରକିୟା ପ୍ରୀତି ସନ୍ଦେହରେ ଜଣେ ମହିଳା ଓ ପୁରୁଷଙ୍କୁ ଜୋତା ମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ବେଶ୍ ମହଙ୍ଗା ପଡ଼ିଛି। ଏହି ସମୟର ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ପୁଲିସ୍ ୪ ଜଣଙ୍କୁ ଗିରଫ କରିଛି। ଆନନ୍ଦପୁର ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ଗାଁର ଶିଶିର ଶଙ୍ଖୁଆଳ ବିଲରୁ ଧାନ କାଟି ଫେରିବା ସମୟରେ ଜଣେ ମହିଳାଙ୍କ ନିକଟକୁ ରସି ପିଇବା ପାଇଁ ଯାଇଥିଲେ। ତେବେ ସେହି ସମୟରେ ଗ୍ରାମର କିଛି ଯୁବକ ମହିଳାଙ୍କ ନିକଟରେ ଶିଶିରଙ୍କୁ ଦେଖି ଉଭୟଙ୍କୁ ନିର୍ଘୃମ ମାଡ଼ ମାରିବା ସହ ଲଙ୍କା ଗୁଣ୍ଡ ଓ ପାଣି ଢାଳି, ବେକରେ ଜୋତା ମାଳ ପିନ୍ଧାଇ ଗାଁ ରାସ୍ତାରେ ବୁଲାଇଥିଲେ। ଉକ୍ତ ସମୟର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ପରେ ପୁଲିସ୍ ସେହି ଗ୍ରାମର ୨ ମହିଳା ଓ ପୁରୁଷଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

## ଓଡ଼ିଶାରେ 'ସୀତା': ପଣ୍ଡିତ ଟିକେଶ୍ୱର ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଲେ

**ବଲାଙ୍ଗୀର,୨୫।୧୦(ସଂଚାର ବ୍ୟୁରୋ):** ଶିକ୍ଷାବିତ ତଥା ସମାଜସେବୀ ଓ ଜ୍ୟୋତିର୍ବିଦ ପଣ୍ଡିତ ଟିକେଶ୍ୱର ଗୁରୁଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଗାନ୍ଧୀ ନଗରଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଦୂରଦର୍ଶନର ସୁପ୍ରସିଦ୍ଧ ସିରିଏଲ୍ 'ରାମାୟଣ'ରେ ସୀତା ଚରିତ୍ର ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ପାଇଥିବା ଅଭିନେତ୍ରୀ ଦୀପିକା ଚିଖଲିଆ ତଥା ପୂର୍ବତନ ସାଂସଦ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତଃ ଟିକେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପରେ ତାଙ୍କ ସୁପୁତ୍ର ଘଣ୍ଟେଶ୍ୱର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଦୀପିକା 'ରାମାୟଣ'ର ଏକ ସଂଳାପ ଶୁଣାଇଥିଲେ, ଯାହା ପୂରା ଦର୍ଶକଙ୍କୁ ଅଭିଭୂତ କରିଥିଲା। ସେ ବଲାଙ୍ଗୀର, ଓଡ଼ିଶା ଓ ସମ୍ବଲପୁରୀ ଶାଢ଼ୀ ତଥା ସଂସ୍କୃତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେ ବଲାଙ୍ଗୀରରେ ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ଦୁର୍ଗା ମା'ଙ୍କ ମନ୍ଦିର ଦର୍ଶନ କରିଥିଲେ ଓ କିଛି ସମ୍ବଲପୁରୀ ଶାଢ଼ୀ ମଧ୍ୟ କିଣିଥିଲେ। ଏହି ପରିପ୍ରେକ୍ଷୀରେ ସେବା ପାଇଁ ରମାଦେବୀ ଯାନୀ, ଶିକ୍ଷକତା ପାଇଁ ତ୍ରିନାଥ କୁଅଁର, ଜ୍ୟୋତିଷୀ ପାଇଁ ଶଶିଭୂଷଣ ଶତପଥୀ ଓ ସଂସ୍କୃତର ବିକାଶ ପାଇଁ କ୍ରିଷ୍ଟା ମହାକୁର (ଛାତ୍ରୀ)ଙ୍କୁ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ, ପ୍ରାନ୍ତ ସଂଘ ଚାଳକ, ଓଡିଶା ପଶ୍ଚିମ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଡ. ସନାତନ ପ୍ରଧାନ, ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ ଯୋଗଦେଇ ଶ୍ରୀ ଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ ଯେ ଅଭିନେତ୍ରୀ ଦୀପିକା 'ରାମାୟଣ'ରେ କାମ କରିବା ପୂର୍ବରୁ କେତେକ ଚଳଚ୍ଚିତ୍ରରେ କାର୍ଯ୍ୟ କରିଥିଲେ। ସେ ୧୯୮୩ରେ 'ଶୁନ୍ ମେରୀ ଲୈଲା' ମାଧ୍ୟମରେ ବଲିଉଡ୍‌ରେ ତାଙ୍କ ଭାଗ୍ୟ ପରୀକ୍ଷା କରିବା ପରେ 'ଭଗବାନ୍ ଦାଦା, 'ଖୁଦାଇ' ଭଳି କେତେକ ଫିଲ୍ମରେ କାମ କରିଥିଲେ। କିନ୍ତୁ ତାଙ୍କୁ 'ସୀତା' ଚରିତ୍ର ହିଁ ସମସ୍ତଙ୍କ ପାଖରେ ପରିଚିତ କରାଇପାରିଥିଲା।



## ଯୋଜନା ସମ୍ବନ୍ଧୀୟ ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ନୟାପଲ୍ଲୀସ୍ଥିତ ରପ୍ତାନି ଭବନ ସମ୍ମିଳନୀ କକ୍ଷରେ 'ସରକାରୀ ଅଧିକାରୀଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ଦକ୍ଷତା ବିକାଶ କର୍ମଶାଳା' ଆୟୋଜିତ ହୋଇଛି। ସରକାରୀ ଅଧିକାରୀ ଓ ବାଣିଜ୍ୟ ବିକାଶ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ବୃଦ୍ଧି, ଏମ୍‌ଏସ୍‌ଏମ୍‌ଇ ଯୋଜନା ବିଷୟରେ ବ୍ୟାପକ ସଚେତନତା, ସମୟ ଉପଯୋଗୀ ସେବା ପ୍ରଦାନ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କୁ ଅଧିକ ଦକ୍ଷ କରିବାରେ ଏହି କର୍ମଶାଳା ସହାୟକ ହେବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଏମ୍‌ଏସ୍‌ଏମ୍‌ଇ ବିଭାଗ ଯୁଗ୍ମ ସଚିବ ନାରାୟଣ ଚନ୍ଦ୍ର ନାୟକ, ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଫିକ୍କି ଅତିରିକ୍ତ ନିର୍ଦ୍ଦେଶକ ବିକେ ନାୟକ, ସହାୟକ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ପ୍ରମୁଖ ବାଣିଜ୍ୟ ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ଉପରେ ଆଲୋକପାତ କରିଥିବା ବେଳେ ହାର୍ବିଞ୍ଜର ସର୍ଜିକାଲ୍ସର ରୁକ୍ ମଙ୍ଗଦା ଦାଶ କର୍ମଶାଳାରେ ନିଜ ଅନୁଭୂତି ବାଣ୍ଟିଥିଲେ। କଟକ ଓ ଭୁବନେଶ୍ୱରର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ କର୍ମଶାଳାରେ ଯୋଗଦାନ କରିଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିବା ବେଳେ ଶେଷରେ ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ (ରେଟ୍ କଣ୍ଟ୍ରାକ୍ଟ) ପ୍ରଭାକର ଦାସ ଧନ୍ୟବାଦ ଦେଇଥିଲେ।




## ଉପମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିଇଓଙ୍କଠାରେ କଂଗ୍ରେସ ଫେରାଦ



**ଭୁବନେଶ୍ୱର, ୨୫।୧୦ (ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ ଓ ନୂଆପଡା ବିଧାନସଭା ଉପନିର୍ବାଚନ ସମୟରେ ସରକାରୀ କଳର ଅପବ୍ୟବହାର ଅଭିଯୋଗ ଆଣି ଆଜି ପିସିସିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ତଥ୍ୟ ପ୍ରମାଣ ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି।ଶ୍ରୀମତୀ ପରିଡା ନିର୍ବାଚନ ସମୟରେ ନୂଆପଡାକୁ ରାଜନୈତିକ ପ୍ରଚାର ପାଇଁ ଗସ୍ତ କରୁଛନ୍ତି ଓ ଏହାକୁ ସାର୍ବଜନୀନ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରୁଛନ୍ତି। କିନ୍ତୁ ତାଙ୍କର ଏହି ରାଜନୈତିକ ପ୍ରଚାର ସୂଚନା ଓ ଲୋକସମ୍ପର୍କ ବିଭାଗର ସରକାରୀ ମିଡିଆ ସେଲ୍ ହ୍ୱାଟ୍‌ସଆପ୍ ମାଧ୍ୟମରେ ସରକାରୀ ଲୋକସମ୍ପର୍କ ଅଧିକାରିଣୀ ତନୁଜା ମହାନ୍ତି ପୋଷ୍ଟ କରିଛନ୍ତି। ଏହା ନିର୍ବାଚନ ପ୍ରଚାର ପାଇଁ ସରକାରୀ କଳର ସିଧାସଳଖ ଅପବ୍ୟବହାର ବୋଲି କଂଗ୍ରେସ ଅଭିଯୋଗ କରିଛି। ଉକ୍ତ ଲୋକସମ୍ପର୍କ ଅଧିକାରିଣୀ ଜଣେ ସରକାରୀ କର୍ମଚାରୀ ହୋଇଥିବା ବେଳେ ଏକ ରାଜନୈତିକ ଦଳର ପ୍ରଚାର ସଂକ୍ରାନ୍ତ ଫଟୋଗ୍ରାଫ୍, ଫେସବୁକ୍ ଲିଙ୍କ୍ ଓ ପ୍ରଚାର ବିଷୟବସ୍ତୁ ପୋଷ୍ଟ କରିବା ସହ ଟିଭି ସ୍କ୍ରୁଲିଂ ପାଇଁ ନିବେଦନ କରିବା କେତେଦୂର ଯଥାର୍ଥ ବୋଲି ଉକ୍ତ ପ୍ରତିନିଧିମଣ୍ଡଳୀ ପ୍ରଶ୍ନ କରିଛି। ତେଣୁ ବିଜେପି ପକ୍ଷରୁ ଏପରି କାର୍ଯ୍ୟକ୍ରମକୁ ତୁରନ୍ତ ବନ୍ଦ କରାଯିବା ସହ ନୂଆପଡାରେ ଆଦର୍ଶ ଆଚରଣ ସଂହିତାର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରିବା, ସରକାରୀ କଳର ଅପବ୍ୟବହାରରେ ସହଯୋ କରିଥିବା ଅଧିକାରୀ/ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରସାରିତ ପୋଷ୍ଟଗୁଡ଼ିକୁ ତୁରନ୍ତ ହଟାଇବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସିଇଓଙ୍କୁ ଭେଟିଥିବା ଉକ୍ତ ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ସୋନାଲି ସାହୁ, ଡ ମନୀଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର ଓ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ରହିଥିଲେ।

## ୫୦୦ ଦିନରେ ବିଜେପି ସରକାରର ବିଫଳତା ଅଧିକ



**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବାର ୫୦୦ ଦିନ ବିତିଯାଇଥିବା ବେଳେ ସରକାର ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ। କିନ୍ତୁ ବାସ୍ତବତା ହେଉଛି ଯେ ଏହି ୫୦୦ ଦିନରେ ବିଜେପି ସରକାରଙ୍କ ସଫଳତାଠାରୁ ବିଫଳତା ତାଲିକା ଅଧିକ ଲମ୍ବା ବୋଲି ଅଭିଯୋଗ କରିଛି ବିଜେଡି। ଆଜି ଶଙ୍ଖ ଭବନଠାରେରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ନିର୍ବାଚନରେ ବିଜେଡି ସରକାର ବିରୋଧରେ ବିଭିନ୍ନ ମିଥ୍ୟା ପ୍ରଚାର ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଥିଲା। କିନ୍ତୁ କ୍ଷମତାକୁ ଆସିବା ପରେ ଦଳ ଅଧିକାଂଶ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି। ଗତ ୫୦୦ ଦିନରେ ବିଜେପି ଶାସନରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି।

ବିଶେଷକରି ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ପ୍ରତିଦିନ ଖବରକାଗଜ ଶିରୋନାମା ପାଲଟୁଛି। ଅପରାଧ ତାଲିକାରେ ଓଡିଶା ଦେଶରେ ଅଷ୍ଟମ ସ୍ଥାନରେ ରହିଛି। ରାଜ୍ୟରେ ଗତ ୧୫ ମାସରେ ୩୭,୫୦୦ରୁ ଅଧିକ ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ସେହିପରି ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇଥିବା ବିଜେପି ସରକାର ଅମଳରେ ରାଜ୍ୟ ଡବଲ ବିନାଶ ଆଡ଼କୁ ଯାଉଛି। ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଛି। ଅଭିବୃଦ୍ଧି ହାର ହ୍ରାସ ପାଇଥିବା ବେଳେ ଋଣବୋଝ ଅହେତୁକ ଭାବେ ବଢ଼ିଛି। ରାଜ୍ୟରେ ଖାଲି ପଡ଼ିଥିବା ଦେଢ଼ ଲକ୍ଷ ସରକାରୀ ଚାକିରି ୨ ବର୍ଷରେ ପୂରଣ ହେବାକୁ ଦଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ପ୍ରତାରଣାରେ ପରିଣତ ହୋଇଛି। ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ବିଭ୍ରାଟ ଦେଖାଦେଇଛି। ଶ୍ରୀମନ୍ଦିର ପରିଚାଳନାରେ ଅନେକ ବିଭ୍ରାଟ ନିୟମିତ ଘଟିବା ସହ ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ରାଜ୍ୟକୁ ଏକ ନମ୍ବର କରିବାକୁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଅମଳରେ ଦାଗୀମନ୍ତ୍ରୀଙ୍କ ତାଲିକାରେ ଓଡିଶା ଏକ ନମ୍ବର ହୋଇଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

## ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ତ୍ରିଧାରା ପକ୍ଷରୁ ଚାଲିଥିବା ୧୯ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ-୨୦୨୫ 'ଭାରତ-ଜାପାନ-ମାଲେସିଆ ବନ୍ଧୁତାର ଉତ୍ସବ' ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସଭାପତି ତଥା ଓଡ଼ିଶା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି; ଏମ୍‌ଜିଏମ ମିନିରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ସୂତ୍ର ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଗୁରୁ ଦାତୁକ୍ ରାମଲୀ ଇବ୍ରାହିମ୍, ତ୍ରିଧାରା ସମ୍ପାଦକ ସୀମାଞ୍ଚଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ଗୁରୁ ନିରଞ୍ଜନ ରାଉତ (ଓଡ଼ିଶୀ ନୃତ୍ୟ), ସିଭାରାଜା ନଟରାଜନ୍ (ଭିଜୁଆଲ୍ ଆର୍ଟ ଆଣ୍ଡ ଲାଇଟ୍ ଡିଜାଇନ୍) ଓ ଗୁରୁ ଯୁଧିଷ୍ଠିର ନାହକ (ରାଧା ପ୍ରେମ ଲୀଳା)ଙ୍କୁ ୧୯ ତମ ଗୁରୁ ଦେବପ୍ରସାଦ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରେ ଗୁରୁ ଜୟନ୍ତ ଆଚାର୍ଯ୍ୟ, ବିଦୁସି ଡି ପ୍ରିୟଙ୍କା, ବିଦୁସି ସୁଦୀପ୍ତା ପଣ୍ଡା ଏବଂ ଆର୍ଯ୍ୟ ନନ୍ଦେଙ୍କୁ ୧୯ତମ ଗୁରୁ ଦେବପ୍ରସାଦ ପ୍ରତିଭା ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଶେଷରେ ଓଡ଼ିଶୀ ନୃତ୍ୟରେ ୟୁୟୁରି ଆଇଜିମାଙ୍କୁ ୧୯ ତମ ଗୁରୁ ଦେବପ୍ରସାଦ ଶିଶୁ ପ୍ରତିଭା ସମ୍ମାନ-୨୦୨୫ ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ସୂତ୍ର ଫାଉଣ୍ଡେସନର ଶିଳ୍ପୀଙ୍କୁ ନେଇ ଓଡ଼ିଶୀ ଦଳଗତ ନୃତ୍ୟ 'ରାଧେ ରାଧେ ଦି ସୁଇଟ୍ ସରେଣ୍ଡର' ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ପୁଣ୍ୟ ଦର୍ଶନ ସାହୁ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ, ୨ ଗିରଫ

**ଜୟପୁର, ୨୫।୧୦ (ସଂଚାର ବ୍ୟୁରୋ):** ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଆଜି ଚଢାଉ କରି ୨ ମହିଳା ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାଇ ଦେଶୀ ମଦ ଚାଲାଣ ସୁଚନା ପାଇ ଦେଉଗୁଡା ଓ ସାନମୁଣ୍ଡାଗୁଡାରେ ଚଢାଉ କରିଛି। ଚଢାଉ କରି ୨ ମହିଳା ଅଭିଯୁକ୍ତ ଠାରୁ ୧୫ ଦେଶୀ ମଦ ଜବତ କରିଛି। ଗିରଫ ୨ ଅଭିଯୁକ୍ତ କୁ ଆଜି ଅପରାହ୍ନ ୪ଟା ୩୦ ମିନିଟ ସମୟରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ସୁବ୍ରତ କେଶୋରି ହିରଣ ସୁଚନା ଦେଇଛନ୍ତି।

## ମାଉଣ୍ଟ ଲିଟେରା ଜୀ ସ୍କୁଲରେ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର



**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ଭଗବତିପୁର, କଣ୍ଟାବାଡ଼ସ୍ଥିତ ମାଉଣ୍ଟ ଲିଟେରା ଜୀ ସ୍କୁଲରେ ଦୁଇ ଦିନ ଧରି ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଛି। ପଣ୍ଡିଚେରୀସ୍ଥିତ ଅରୋଭିଲେ ଆଶ୍ରମର ପ୍ରଖ୍ୟାତ ଶିକ୍ଷାବିତ ତଥା ପ୍ରଶିକ୍ଷକ ରବି ଶଙ୍କର ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଉତ୍କୃଷ୍ଟ ମାନର ପଠନ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଶିବିରରେ ଜାତୀୟ ଶିକ୍ଷା ନୀତି (ଏନଇପି)-୨୦୨୦, ଏନସିଏଫ ଏବଂ ଆର୍ଟ ଇଣ୍ଟିଗ୍ରେଟେଡ ଟିଚିଂ-ଲର୍ଣ୍ଣିଂ, ଫାଉଣ୍ଡେସନାଲ ନ୍ୟୁମେରାଶି, ପାର୍ଟିସିପେଟୋରୀ ତଥା ଇଣ୍ଟେରାକ୍ଟିଭ ପଠନପାଠନ, ବିୟୋଣ୍ଡ ଟେକ୍ସଟ୍ ବୁକ ଆପରୋଚ ତଥା ସ୍କଲାଷ୍ଟିକ ଆକ୍ଟିଭାଟଟଜ୍‌ର ପ୍ରାଧାନ୍ୟ ଆଦି ସମ୍ବନ୍ଧରେ ବିଶଦ ସୂଚନା ଦିଆଯାଇଛି। ଏହା ଶିକ୍ଷକଶିକ୍ଷୟିତ୍ରୀଙ୍କ ବୈଷୟିକ ପାରଙ୍ଗମତା ଓ ଦକ୍ଷତା ବିକାଶ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି। ଉଦ୍‌ଯାପନୀ ଉତ୍ସବରେ ସ୍କୁଲର ଚେୟାରମ୍ୟାନ କହିଛନ୍ତି ଯେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ଶୈକ୍ଷିକ ଓ ଶୈକ୍ଷଣିକ ବିକାଶ ପାଇଁ ନିୟମିତ ଭାବରେ ଖ୍ୟାତନାମା ପ୍ରଶିକ୍ଷକଙ୍କ ଦ୍ୱାରା ଏପରି ଦକ୍ଷତା ବିକାଶ ଶିବିର ଅନୁଷ୍ଠିତ ହୋଇଆସୁଛି। ଏହାଦ୍ୱାରା ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ପାଇବା ସହ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ପ୍ରଗତି ଓ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକଶିତ ହୋଇପାରୁଛି ବୋଲି ସେ କହିଛନ୍ତି।

## ଅନ୍‌ଲାଇନ୍ କମ୍ପାନୀରୁ ୨ଲକ୍ଷ ଟଙ୍କା ଠକି ନେଇ ଡେଲିଭରି ବୟ ଗିରଫ



**ଭୁବନେଶ୍ୱର, ୨୫।୧୦ (ସଂଚାର ବ୍ୟୁରୋ) :** ଧରାପଡ଼ିଲା ଠକ ଡେଲିଭରି ବୟ । ଅନଲାଇନ ଡେଲିଭରି କମ୍ପାନୀକୁ ୨ଲକ୍ଷ ଟଙ୍କା ଠକି ନେଇଥିଲା। ଏନେଇ ଭୁବନେଶ୍ୱର ମୈତ୍ରିବିହାର ଅଞ୍ଚଳରୁ ଗିରଫ କରିଛି ପୋଲିସ । ମୋବାଇଲ ଡେଲିଭରି ଆଳରେ ଡେଲିଭରି ଦେଇ ଟଙ୍କା ନେଇ ଛୁ ମାରୁଥିଲା । ଅନଲାଇନ ଡେଲିଭେରି ସଂସ୍ଥାର ଦୁଇ ଲକ୍ଷ ଟଙ୍କାର ଚୂନା ଲଗାଇ ଡେଲିଭେରି ବୟ ରୁଦ୍ର ନାରାୟଣ ସାହୁକୁ ଗିରଫ କରିଛି କମିଶନରେଟ୍ ପୋଲିସ । ଅଭିଯୋଗ ମୁତାବକ ଡେଲିଭେରି ପାର୍ସଲ ନେଇ ଛୁ ମାରୁଥିଲା । ଜିନିଷ ଡେଲିଭେରି ପରେ ଡେଲିଭେରି ଟଙ୍କା ନେଇ ଚମ୍ପଟ ମାରିଥିଲା। ଦୀର୍ଘ ଦୁଇମାସ ଧରି ଦୁଇ ଲକ୍ଷ ଟଙ୍କା ନେବା ପରେ ଏବେ ସାଲିଆସାହିରୁ ଧରା ପଡିଛି ଡେଲିଭେରି ବୟ । ରୁଦ୍ର ନାରାୟଣ ସାହୁ ଘର ସାଲିଆ ସାହି ବୋଲି ଜଣାପଡିଛି ।

# ବିଜେପି ଆଦିବାସୀ ଓ ଏସ୍‌ସି ବର୍ଗ ବିରୋଧୀ: କଂଗ୍ରେସ



**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ପରେ ଜନସାଧାରଣଙ୍କ ମନରେ ଦ୍ରୁତ ପ୍ରଗତି ନେଇ ଆଶା ଦୃଢ଼ୀଭୂତ ହୋଇଥିଲା। ଗତ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କଠାରୁ ଆରମ୍ଭକରି ବହୁ ରାଜ୍ୟ ବିଜେପିର ପ୍ରମୁଖ ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରିଥିଲେ। କିନ୍ତୁ ବିଜେପି ସରକାରକୁ ୧୬ ମାସ ପୂରିଯାଇଥିଲେ ମଧ୍ୟ କୌଣସି ଗୋଟିଏ ସମସ୍ୟାର ବି ସମାଧାନ ହୋଇପାରିନାହିଁ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତି ଜନଜାତି ବର୍ଗର ହୋଇଥିଲେ ମଧ୍ୟ ବିଜେପି ସରକାର ଅମଳରେ ଆଦିବାସୀଙ୍କ ଉପରେ ଅଧିକ ଅତ୍ୟାଚାର ଓ ଆକ୍ରମଣ ହୋଇଛି। ସେହିପରି ମନରେଗାରେ କିପରି ଆଦିବାସୀ ଓ ଏସ୍‌ସିବର୍ଗଙ୍କୁ କାମ ମିଳିବ ନାହିଁ, ସେନେଇ ଷଡଯନ୍ତ୍ର କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ପିସିସିର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି। ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କୁ ଆଦିବାସୀ ଓ ଏସ୍‌ସିବିରୋଧୀ ବୋଲି ସେ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ବିଜେଡିର ୨୫ ବର୍ଷର ଶାସନରେ ବିଜେପି ୯ ବର୍ଷ ଓ ଚଳିତ ସରକାରରେ ୧୬ ମାସ ହେଲା କ୍ଷମତାରେ ଥିଲେ ମଧ୍ୟ ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଆଦିବାସୀଙ୍କ ବିକାଶ ପାଇଁ ଅଦ୍ୟାବଧି ଆଇଟିଡିଏ ଅଫିସ ଖୋଲିପାରିନାହିଁ। ନୂଆପଡ଼ାରେ କଂଗ୍ରେସ ଆଗାମୀ ଉପନିର୍ବାଚନରେ ବିଜୟୀ ହେଲେ ନିଶ୍ଚିତ ଭାବେ ଆଇଟିଡିଏ ଅଫିସ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ରାଜ୍ୟ କଂଗ୍ରେସର ଅନ୍ୟତମ ମୁଖପାତ୍ର ଆଡଭୋକେଟ ଜୟଶ୍ରୀ ପାତ୍ର ନୂଆପଡ଼ା ଜିଲ୍ଲାରେ ଆଦିବାସୀ ମାନଙ୍କ ବିକାଶ ପାଇଁ ତୁରନ୍ତ ଆଇଟିଡିଏ ଖୋଲାଯିବା ସକାଶେ ଦାବି କରିବା ସହ ରାଜ୍ୟ କଂଗ୍ରେସ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସଭାପତିଙ୍କ ନେତୃତ୍ୱରେ ଦୁର୍ବାର ଆନ୍ଦୋଳନ କରିବ ବୋଲି କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୨୬ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Sunday 26 October 2025, Bhubaneswar

# ବିହାର ନିର୍ବାଚନରେ ପ୍ରଶାନ୍ତ କିଶୋର

ବିହାରର ରାଜନୈତିକ ଦୃଶ୍ୟପଟ ପୁଣି ଥରେ ପରିବର୍ତ୍ତନର ଲହରୀରେ ଆଲୋଡ଼ିଛି। ୨୦୨୫ ବିହାର ବିଧାନସଭା ନିର୍ବାଚନରେ ପୂର୍ବତନ ଚୟନ ରଣନୀତିବିତ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ୍ ପାର୍ଟି ଏକ ନୂତନ ଶକ୍ତିରେ ପ୍ରବେଶ କରିଛନ୍ତି। ତାଙ୍କର ପଦଯାତ୍ରାରୁ ଆରମ୍ଭ ହୋଇ ପାର୍ଟି ଗଠନ ପର୍ଯ୍ୟନ୍ତର ଯାତ୍ରା କେବଳ ତିନି ବର୍ଷରେ ହିଁ ୨୪୩ଟି ସିଟ୍‌ରେ ପ୍ରତିଯୋଗିତା କରିବାକୁ ପ୍ରସ୍ତୁତ। କିନ୍ତୁ ଏହି ଉଦ୍ୟମର ପ୍ରଭାବଶାଳୀତା କେତେ? ଏହା ଏକ ବିତର୍କର ବିଷୟ।

ପ୍ରଶାନ୍ତ କିଶୋରଙ୍କର ରାଜନୈତିକ ଇତିହାସ ସଫଳତାରେ ଭରପୂର। ୨୦୧୪ରେ ମୋଦୀଙ୍କ ପକ୍ଷରେ ଚୟନ ରଣନୀତି ପ୍ରଣୟନ, ୨୦୧୫ରେ ନିତୀଶ-ଲାଲୁ ଗଠବନ୍ଧନର ବିଜୟ – ଏହି ସଫଳତାଗୁଡ଼ିକ ତାଙ୍କୁ ଏକ ମାଷ୍ଟର ଷ୍ଟ୍ରେଟେଜିଷ୍ଟ କରିଛି। ବର୍ତ୍ତମାନ ସ୍ୱୟଂ ରାଜନେତା ଭାବରେ ଜନ ସୁରାଜ୍ ମାଧମରେ ବିହାରର ଜନସାଧାରଣଙ୍କୁ ନୂତନ ବିକଳ୍ପ ଦେବାକୁ ଚେଷ୍ଟା କରୁଛନ୍ତି। ତାଙ୍କର ପାଞ୍ଚବିଧି ଏଜେଣ୍ଡା – ଗୁଣବତ୍ତାଯୁକ୍ତ ଶିକ୍ଷା, ଯୁବକଙ୍କ ପାଇଁ ନିଯୁକ୍ତି, ମହିଳାଙ୍କୁ ଋଣ ସୁବିଧା, ପେନ୍ସନ୍ ବୃଦ୍ଧି ଏବଂ ପ୍ରବାସନ ରୋକିବା – ବିହାରର ମୂଳ ସମସ୍ୟାକୁ ସମ୍ବୋଧନ କରୁଛି। ବିଶେଷ ମହାକୁମ୍ଭ ନିଷିଦ୍ଧକୁ ହଟାଇ ପ୍ରତିବର୍ଷ ୨୮,୦୦୦ କୋଟି ଟଙ୍କା ଆୟ ହେବାର ପ୍ରତିଶ୍ରୁତି ଅର୍ଥନୈତିକ ପୁନର୍ଜୀବନର ଏକ ବୋଲ୍ଡ ପଗକ୍ଷେପ। ଏହା ଯଦି ସଫଳ ହୁଏ, ବିହାରର ବର୍ଷଗଂଷ୍ଟିଆ ରାଜନୀତିରେ ଏକ ନୂତନ ଧାରା ଆଣିପାରେ।



ତଥାପି, ଚ୍ୟାଲେଞ୍ଜଗୁଡ଼ିକ ଅଳ୍ପ ନୁହେଁ। ବିଜେପି ଓ ଆର୍ଜେଡି-କଂଗ୍ରେସ୍ ଭଳି ସ୍ଥାପିତ ଦଳଗୁଡ଼ିକ ସାମ୍ନାରେ ଜନ ସୁରାଜ୍ ଏକ 'ଷ୍ଟାର୍ଟଅପ୍' ଭଳି ଦେଖାଯାଉଛି। ସମ୍ପ୍ରତି ତିନୋଟି ପ୍ରତ୍ୟାଶୀଙ୍କର ନାମଜାରି ପ୍ରତ୍ୟାହାର – ଯାହାକୁ କିଶୋର ବିଜେପିର ଧମକୀରେ ଦୋଷୀ କରୁଛନ୍ତି – ଏହା ପାର୍ଟିର ସଂଗଠନାତ୍ମକ ଦୁର୍ବଳତା ପ୍ରକାଶ କରୁଛି। ବିହାରର ଜାତିବାଦୀ ରାଜନୀତିରେ ନୂତନ ଦଳକୁ ଭୋଟ୍ ବାଣ୍ଟିବାରେ ଅସୁବିଧା ହୁଏ। ଅମିତ ଶାହଙ୍କ ସହ ଫୋଟୋ ଦେଖାଇ କିଶୋରଙ୍କର ଆକ୍ରମଣାତ୍ମକ ଶୈଳୀ ଯଦିଓ ମିଡିଆରେ ଧ୍ୟାନ ଆକର୍ଷଣ କରୁଛି, କିନ୍ତୁ ଗ୍ରାମ୍ୟ ଭୋଟରଙ୍କ ମନେ କେତେ ପ୍ରଭାବ ପକାଇପାରେ?

ବିଶ୍ଲେଷକମାନଙ୍କ ମତାନୁସାରେ, ଜନ ସୁରାଜ୍ ୧୦-୧୫ ଶତାଂଶ ଭୋଟ୍ ପାଇ ୨୦-୩୦ଟି ସିଟ୍ ଜିତିପାରେ। ଏହା ଏନ୍‌ଡିଏ କିମ୍ବା ମହାଗଠବନ୍ଧନଙ୍କୁ ଦୁର୍ବଳ କରିବାରେ ସହାୟକ ହେବ। ନିର୍ବାଚନ ପୂର୍ବରୁ ନିତୀଶଙ୍କ ସରକାରର ଅସ୍ଥିରତା ଏବଂ ତେଜସ୍ୱୀ ଯାଦବଙ୍କ ଉଭା ପ୍ରୋଫାଇଲ୍‌ରେ କିଶୋରଙ୍କର ନୂତନତ୍ୱ ଏକ କାଟାଲିଷ୍ଟ ଭୂମିକା ଗ୍ରହଣ କରିପାରେ। ଯଦି ସେ ଗ୍ରାମୀଣ ବିକାଶ ଓ ଯୁବକମାନଙ୍କର ଆକାଂକ୍ଷାକୁ ସଠିକ୍ ଟାର୍ଗେଟ୍ କରନ୍ତି, ତାହେଲେ ବିହାରର ରାଜନୈତିକ ମଞ୍ଚରକୁ ଭାଙ୍ଗିବା ସମ୍ଭବ।

ଅନ୍ତରେ, ପ୍ରଶାନ୍ତ କିଶୋରଙ୍କର ପ୍ରଭାବଶାଳୀତା ମଧ୍ୟମଶ୍ରେଣୀରେ ରହିବ। ସେ ଏକ ପୂର୍ଣ୍ଣ ବିଜୟୀ ନୁହନ୍ତି, କିନ୍ତୁ ବିହାରର ରାଜନୀତିକୁ ନୂତନ ଆଲୋକରେ ଦେଖାଇବାରେ ସଫଳ ହେବେ। ୧୪ ନଭେମ୍ବରରେ ବୁଝିବାକୁ ରହିଛି – କିମ୍ବା ଏହା ଏକ ନୂତନ ସୂର୍ଯ୍ୟୋଦୟ, ନା ଏକ ଅସ୍ଥାୟୀ ଲହରୀ?

# ପୁରୁଷର କ'ଣ ସ୍ୱପ୍ନ ନାହିଁ

**ସନ୍ତୋଷ ବରାଳ**



ସ୍ୱପ୍ନ ସମସ୍ତଙ୍କର ଥାଏ। ନିଜ ସ୍ୱପ୍ନକୁ ନେଇ ବାସ୍ତବ ଦୁନିଆରେ ସମସ୍ତେ ଖୁସି ମନାଇବାକୁ ଚାହିଁଥାଆନ୍ତି କିନ୍ତୁ ସେହି ସ୍ୱପ୍ନ ଯେତେବେଳେ ବାସ୍ତବ ରୂପ ନିଏନି ସେତେବେଳେ ଜୀବନବି କାଳର କୋଠରୀ ପରି ଲାଗେ। କେତେବେଳେ ସେ ନିଜକୁ ଏକୁଟିଆ ଛାଡିଦିଏ ତ ପୁଣି କେତେବେଳେ ସମସ୍ତଙ୍କ ଖୁସି ପାଇଁ ଆଗକୁ ଆସି ହସିକି କଥା କହିଦିଏ। ହେଲେ ତା ହସ ଭିତରେ କେତେ ଯନ୍ତ୍ରଣା ଥାଏ। ସେ କଥା ସେ କାହାକୁ କେବେ କହିପାରେନି କି ତାକୁ କେହି କହିବାପାଇଁ ସୁଯୋଗ ଦିଏନି। ତଥାପି ସେ ହସେ। ନିଜ ସ୍ୱପ୍ନକୁ ଭୁଲି ଅନ୍ୟର ସ୍ୱପ୍ନ ସଜାଏ। ତେବେ ସେହି ପୁଅଟିଏ ଯେତେବେଳେ ଛୋଟ ହୋଇଥାଏ। ସେ ଶୁଣିଥାଏ ଆଉ ଆଖି ଆଗରେ ମଧ ଦେଖିଥାଏ ତା ପରିବାରର କରୁଣ ପରିସ୍ଥିତି। ଯେଉଁ ସ୍ଥିତିକୁ ଦେଖି ସେ ମଧ ଶିଖିଯାଇଥାଏ ଏଠି ସ୍ୱପ୍ନ ସଜେଇବାକୁ ହେଲେ କେତେ ଯନ୍ତ୍ରଣାକୁ ଚାପିବାକୁ ପଡିଥାଏ। ଯଦି ତା ମନ ଭିତର ଯନ୍ତ୍ରଣାକୁ କେହି ବୁଝିପାରନ୍ତା ତାହାଲେ ହୁଏତ ସେ ପୁଅର ଜୀବନ ସହଜ ହୋଇଯାଆନ୍ତା କିନ୍ତୁ ସବୁଠାରୁ ଦୁଃଖର କଥା ହେଲା ତାକୁ କିଏ କାହିଁକି ବୁଝିବ। ସେ କଣ ଝିଅ ହୋଇଛି କି ତା ଚିନ୍ତା କରିବେ। ସେ ପା ପୁଅ। ବାପା-ମା ପୁଅକୁ ଷଣ୍ଢ ବୋଲି କୁହୁଥିବାବେଳେ ସେହି ଷଣ୍ଢ ଯେତେବେଳେ ମରୁଭୂମିର ଓଟ ପରି ହୋଇଥାଏ। ସେତେବେଳେ ପୁଅଟିଏ ହିଁ ଅନୁଭବ କରିଥାଏ ଷଣ୍ଢ ଆଉ ଓଟ ଭିତରେ ଥିବା ପାର୍ଥକ୍ୟ। ତେବେ ଓଟ ମରୁଭୂମିରେ ଦେଖାଯାଏ। ଲୋକଙ୍କ ବାହନ ହେଉ କି ଲୋକଙ୍କ ବୋଝ ବୋହିବାରେ ସହାୟକ ହୋଇଥାଏ। ହେଲେ ସେହି ଓଟ ରୂପକ ପୁରୁଷ କେବଳ ପରିବାର କାମରେ ଆସିଥାଏ। ପରିବାର ବୋଝ ମୁଣ୍ଡେଇ ମୁଣ୍ଡେଇ ଶେଷରେ ସେ ଏକା ପଡ଼ିଯାଏ। ତାକୁ ବୁଝିବାକୁ କେହି ନଥାନ୍ତି। ଯେଉଁ ପରିବାର ପାଇଁ ସେ ପରିଶ୍ରମ କରେ। ସେହି ପରିବାର ହିଁ ଆଙ୍ଗୁଠି ଉଠାଇ କୁହେ। ଆଉ ଯେତେବେଳେ ଗୋଟେ ପୁଅ ବିବାହ ବନ୍ଧନରେ ବାନ୍ଧି ହୋଇଯାଏ। ସେତେବେଳେ ସେ ପରିବାର ଆଉ ସ୍ତ୍ରୀକୁ ପ୍ରାଧାନ୍ୟ ଦେଇଥାଏ। ସମାଜର ଲୋକଙ୍କ କଥା ଶୁଣି ପରିବାର କିଛି ବୁଝେନି। କେତେବେଳେ ସେହି ପୁଅକୁ ସ୍ତ୍ରୀ ବୋଲକରା ତ ଆଉ କେତେବେଳେ ବାପା-ମା ବୋଲକରା କୁହାଯାଇଥାଏ। ଆଉ ବେଳେବେଳେ ପିଲାଙ୍କ ପାଟିରୁ ଅଯୋଗ୍ୟ ବାପା ମଧ ଶୁଣିବାକୁ ପଡିଥାଏ। ସତ କହିବାକୁ ଗଲେ ଏମିତି ସବୁ ପରିବାରରେ ଶୁଣିବାକୁ ମିଳିନଥାଏ କିନ୍ତୁ କିଛି ପରିବାର ଏମିତି ଥାଏ ଯେଉଁଠି ପୁଅକୁ ଏମିତି ଶୁଣିବାକୁ ମିଳିଥାଏ।

ତେବେ ଶୈଶବ, ଯୁବ, ବୃଦ୍ଧ, ବାର୍ଦ୍ଧକ୍ୟାବସ୍ଥାରେ ଏ ପୁରୁଷ ବିଭିନ୍ନ ପରିଚୟ ନେଇ ବଞ୍ଚିଛି। ଯେଉଁ ପରିଚୟ ପାଇଁ ପୁଅଟିଏ ବି ନିଜ ସ୍ୱପ୍ନକୁ ସଜାଡ଼ିବାକୁ ଭୁଲି ଅନ୍ୟର ସ୍ୱପ୍ନ ସଜେଇଛି।କେବଳ ଏଥିପାଇଁ ତା ସ୍ୱପ୍ନ ସ୍ୱପ୍ନରେ ରହିଗଲା। ହେଲେ ଅନ୍ୟର ସ୍ୱପ୍ନ ଯେମିତି ସ୍ୱପ୍ନରେ ନରହୁ। କାହିଁକି ନା ସ୍ୱପ୍ନ ଯେବେ ଅଧାରୁ ରୁହେ ଓଠ ତଳେ ଗୋଟେ ପ୍ରକୃତ ହସ ରହିବା ମୁସ୍କିଲ ହୋଇଯାଏ କିନ୍ତୁ ସେ ହସେ। ଅନ୍ୟକୁ ହସାଏ। ଆଉ ନିଜ ଭିତରେ ଥିବା ଦୁଃଖକୁ ସେ ତାର ଆଉ ଏକ ମନର ଅତିଥି ଭାବିଥାଏ। ଭାବିବନି ବା କେମିତି ସ୍ୱପ୍ନକୁ ଦୂରେଇବାକୁ ଚାହିଁଥିବା ମଣିଷ ଯେତେବେଳେ ଅନ୍ୟର ସ୍ୱପ୍ନ ସଜାଏ। ସେତେବେଳେ ଯଦି ଦୁଃଖ ଆପଣାର ହୋଇଆସେ ସେତେବେଳେ ସେ ତାକୁ ପର ବୋଲି କାହିଁକି ଭାବିବ। ସମସ୍ତଙ୍କୁ ନିଜର କଲାଭଳି ଦୁଃଖବି ଯେବେ ନିଜର ହୋଇଯାଏ ଜୀବନ ଜିଇଁବାର ମଜା ସେତେବେଳେ ଆସିଥାଏ ବୋଲି ଏହି ପୁରୁଷ ପାଟିରୁ ହିଁ ଶୁଣିବାକୁ ମିଳିଥାଏ। ତେବେ ବେଳେବେଳେ ମନକୁ ପ୍ରଶ୍ନ ଆସେ ପୁରୁଷର କଣ ସ୍ୱପ୍ନ ନାହିଁ। ଆଉ ଯେଉଁ ପ୍ରଶ୍ନର ଉତ୍ତର ପାଇବାକୁ ଯାଇ ନିଜକୁ ବୁଝେଇଦିଏ ହିଁ ସତରେ ପୁରୁଷର ସ୍ୱପ୍ନ ନାହିଁ। ଯେମିତି ରାତିର ସ୍ୱପ୍ନ ନାହିଁ ଦିନ ହେବାପାଇଁ ଠିକ ସେମିତି ନିଜ ସ୍ୱପ୍ନକୁ ସଜାଡ଼ିବାପାଇଁ ପୁରୁଷର ବୋଧେ ସ୍ୱପ୍ନ ନାହିଁ। ଯଦି ସେ ସ୍ୱାର୍ଥପର ମଣିଷଟେ ହୋଇଯାଆନ୍ତା ବୋଧହୁଏ ସେ କିଛି ସ୍ୱପ୍ନ ପୂରଣ କରିପାରନ୍ତା। ଆଜିର ବ୍ୟସ୍ତବହୁଳ ଜୀବନ ଭିତରେ ସମୟର ବହୁତ ଆବଶ୍ୟକତା ଥାଏ କିନ୍ତୁ ପୁରୁଷଟିକୁ ବୁଝିବାକୁ ହେଲେ ନା କାହା ପାଖରେ ସମୟ ଥାଏ। ନା ପୁରୁଷଟିକୁ ବୁଝିବାକୁ ଲୋକ ଥାଆନ୍ତି। ଯଦି କିଛି ତା ପାଖରେ ଥାଏ କେବଳ ପରିବାରର ବୋଝ। ଯେଉଁ ବୋଝ ପାଇଁ ସେ ଆଖିରୁ ହଜାଇ ଦେଇଥାଏ ତାର ନିଦ କିନ୍ତୁ ତା ପରିବାର ଆଖିରେ ହୋଇଥାଏ ଗୋଟେ ଅସଫଳ ପୁରୁଷ। ଯେଉଁ କଥା ଶୁଣି ସେ ସମସ୍ତଙ୍କ ଆଗରେ ଚିତ୍କାର କରିପାରେନି କି କାହା କଥାର ପ୍ରତିଉତ୍ତର ଦେଇପାରେନି ହେଲେ ଏକୁଟିଆ ସ୍ଥାନ ଦେଖି ନିଜକୁ ଭାରି ଏକୁଟିଆ ମନେ କରେ। ମନ ପ୍ରଶ୍ନ ଗୁଡିକର ଉତ୍ତର ଦେବାକୁ ଯାଇ ସେ ଭାବେ ଯାହାହେବ ଦେଖାଯିବ କିନ୍ତୁ ମୋ ସ୍ୱପ୍ନ ଅଧାରୁ ରହି ମୋ ପରିବାର ସ୍ୱପ୍ନ ସଜାଯିବ। ହୁଏତ ମୋ ସ୍ୱପ୍ନ ମୋ ଆଖି ଲୁହରେ ହଜିଛି କିନ୍ତୁ ମୋ ପରିବାର ସ୍ୱପ୍ନ କେବଳ ମୋ ହାତରେ ଅଛି। ତେବେ ପୁରୁଷର ସ୍ୱପ୍ନ ଅଛି ଯେଉଁଥିପାଇଁ ସେ ତା ଜୀବନ ଦୌଡରେ ଏକା ଦୌଡିବା ଶିଖିଛି। ଅନ୍ୟପାଇଁ ବଞ୍ଚିବା ଶିଖିଛି। ନିଜ ଦୁଃଖକୁ ଚାପି ହସିବା ଅଭିନୟ କରିଛି। ଅନ୍ୟର ଦରଦ ଦେଖି ନିଜ ଛାତିରେ ପଥର ରଖି ସେମାନଙ୍କର ଦୁଃଖ ଦୂର କରିଛି।ଆଉ ତା ଭିତରେ ଥିବା ଦୁଃଖକୁ ସେ କେବେଠୁ ନିଜର କରିନେଇଛି ଯାହାଫଳରେ ତାକୁ ଅସଫଳ ପୁରୁଷ କହୁଥିବା ଲୋକଙ୍କୁ ସେ ସଫଳତାର ଶୀର୍ଷରେ ଚଢେଇ ଖୁସି ମନାଇଛି।

**ସନ୍ତୋଷ ବରାଳ, ମାହାଙ୍ଗା, ସଲରା**



# ବାୟୁ ପ୍ରଦୂଷଣ ମାନବ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ



**ଅସିତ ମହାନ୍ତି**

ବାୟୁ ପ୍ରଦୂଷଣ ମାନବ କାର୍ଯ୍ୟକଳାପ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ, ଏବଂ ଏହାର ପରିଣାମ ତୁରନ୍ତ ଏବଂ ଦୀର୍ଘକାଳୀନ - ସ୍ୱାସ୍ଥ୍ୟ, ପରିବେଶ ଏବଂ ଜଳବାୟୁକୁ ପ୍ରଭାବିତ କରୁଛି। ଏହି ରିପୋର୍ଟରେ ଅନୁସନ୍ଧାନ କରାଯାଇଛି ଯେ ଆମର ପସନ୍ଦ, ଶିଳ୍ପ ଏବଂ ବ୍ୟବସ୍ଥା କିପରି ଏକ ସଙ୍କଟ ସୃଷ୍ଟି କରିଛି ଯାହା ବର୍ତ୍ତମାନ ଜରୁରୀ ସଂସ୍କାର ଦାବି କରୁଛି।

ବାୟୁ ପ୍ରଦୂଷଣ ଏକ ପ୍ରାକୃତିକ ଅନିବାର୍ଯ୍ୟତା ନୁହେଁ - ଏହା ମାନବ ଆଚରଣ, ଶିଳ୍ପ ମହତ୍ତ୍ୱାକାଂକ୍ଷା ଏବଂ ନୀତିଗତ ଅବହେଳାର ଏକ ସିଧାସଳଖ ଫଳାଫଳ। ଚିମିନିରୁ ବାହାରୁଥିବା ଧୂଆଁଠାରୁ ଆରମ୍ଭ କରି କାର, କାରଖାନା ଏବଂ ଫାର୍ମ ଦ୍ୱାରା ନିର୍ଗତ ଅଦୃଶ୍ୟ ଗ୍ୟାସ ପର୍ଯ୍ୟନ୍ତ, ଆମେ ନିଶ୍ୱାସ ନେଉଥିବା ବାୟୁ ଏକ ବିଷାକ୍ତ ମିଶ୍ରଣରେ ପରିଣତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଛଅଟି ପ୍ରମୁଖ ପ୍ରଦୂଷକ ଚିହ୍ନଟ କରେ - କଣିକା ପଦାର୍ଥ (ଚଗ), ଭୂମି-ସ୍ତରୀୟ ଓଜୋନ, କାର୍ବନ ମନୋକ୍ସାଇଡ୍, ସଲଫର ଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୀସା - ଯାହା ସବୁ ମାନବ କାର୍ଯ୍ୟକଳାପ ସହିତ ଜଡିତ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ହେଉଛି ଜୀବାଶ୍ମ ଇନ୍ଧନର ଦହନ, କୋଇଲା-ଚାଳିତ ବିଦ୍ୟୁତ୍ କେନ୍ଦ୍ର, ଡିଜେଲ ଇଞ୍ଜିନ ଏବଂ ପେଟ୍ରୋଲ ଯାନବାହନ ବିପୁଳ ପରିମାଣରେ କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ କଣିକା ପଦାର୍ଥ ନିର୍ଗତ କରେ। ଏହି ପ୍ରଦୂଷକମାନେ କେବଳ ବାୟୁ ଗୁଣବତ୍ତା ହ୍ରାସ କରନ୍ତି ନାହିଁ ବରଂ ଶ୍ୱାସକ୍ରିୟା ରୋଗ, ହୃଦ୍‌ରୋଗ ଏବଂ ବିକାଶଗତ ବିକାରକୁ ମଧ ତ୍ୱରାନ୍ୱିତ କରନ୍ତି। ସହରାଞ୍ଚଳ କେନ୍ଦ୍ରଗୁଡ଼ିକ, ଯେଉଁଠାରେ ଟ୍ରାଫିକ ଭିଡ଼ ଏବଂ ଶିଳ୍ପ କ୍ଷେତ୍ରଗୁଡ଼ିକ ଏକତ୍ରିତ ହୁଏ, ସେଗୁଡ଼ିକ ଧୂଆଁ ଏବଂ ଓଜୋନ୍ ପ୍ରଦୂଷଣର ହଟ୍ ସ୍ପଟ୍ ହୋଇଯାଏ। ଏହା କେବଳ ପ୍ରଗତିରୁ ଏକ ଉପଜାତ ନୁହେଁ - ଏହା ସ୍ଥାୟୀ ଭାବରେ ନବସୃଜନ କରିବାରେ ବିଫଳତା। ଶିଳ୍ପ ପ୍ରକ୍ରିୟାଗୁଡ଼ିକ ସମସ୍ୟାକୁ ଆହୁରି ଜଟିଳ କରିଥାଏ। ଉତ୍ପାଦନ କାରଖାନାଗୁଡ଼ିକ ବାୟୁମଣ୍ଡଳରେ ଅସ୍ଥିର ଜୈବ ଯୌଗିକ (ଠଙଉସ୍ମ), ସଲଫର ଡାଇଅକ୍ସାଇଡ୍ ଏବଂ ଭାରୀ ଧାତୁ ଛାଡ଼ିଥାଏ। ଏହି ନିର୍ଗମନଗୁଡ଼ିକ ପ୍ରାୟତଃ ଖରାପ ଭାବରେ ନିୟନ୍ତ୍ରିତ ହୋଇଥାଏ, ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଯେଉଁଠାରେ ପରିବେଶଗତ ତଦାରଖ ଦୁର୍ବଳ। ଅର୍ଥନୈତିକ ଅଭିବୃଦ୍ଧିର ଅନୁସରଣ ପ୍ରାୟତଃ ପରିବେଶଗତ ଦାୟିତ୍ୱକୁ ପାଶୋରି ଦେଇଛି, ଯାହା କାରଖାନାଗୁଡ଼ିକୁ ପର୍ଯ୍ୟାପ୍ତ ଫିଲ୍ଟ୍ରେସନ୍ କିମ୍ବା ନିର୍ଗମନ ନିୟନ୍ତ୍ରଣ ବିନା କାର୍ଯ୍ୟ କରିବାକୁ ଅନୁମତି ଦିଏ। ପରିଣାମ ସ୍ୱରୂପ ଏକ ଦୃଶ୍ୟ ଯେଉଁଠାରେ ଲାଭ ଜନସ୍ୱାସ୍ଥ୍ୟକୁ ପଛରେ ପକାଇଥାଏ, ଏବଂ ବାୟୁ ସମାନ୍ତରାଳ କ୍ଷତିରେ ପରିଣତ ହୁଏ।

କୃଷି, ପ୍ରାୟତଃ ପ୍ରକୃତି ସହିତ ସୁସଙ୍ଗତ ଭାବରେ ରୋମାଣ୍ଟିକ ଭାବରେ ପ୍ରଦର୍ଶିତ, ବାୟୁ ପ୍ରଦୂଷଣର ଅନ୍ୟ ଏକ ପ୍ରମୁଖ ଉତ୍ସ। କୃତ୍ରିମ ସାର ଏବଂ କୀଟନାଶକ ବ୍ୟବହାର ବାୟୁରେ ଆମୋନିଆ ଏବଂ ଅନ୍ୟାନ୍ୟ ନାଇଟ୍ରୋଜେନ୍ ଯୌଗିକଗୁଡ଼ିକୁ ମୁକ୍ତ କରେ। ପଶୁପାଳନ ମିଥେନ୍ ନିର୍ଗତ କରେ - ଏକ ଶକ୍ତିଶାଳୀ ଗ୍ରୀନହାଉସ୍ ଗ୍ୟାସ୍ - ଏବଂ ଭୂମି-ସ୍ତରୀୟ ଓଜୋନ୍ ଗଠନରେ ଯୋଗଦାନ କରେ। ଫସଲ ପୋଡ଼ିବା, ଅନେକ ଅଞ୍ଚଳରେ ଏକ ସାଧାରଣ ଅଭ୍ୟାସ, ଆକାଶକୁ କାଳି ଏବଂ ଧୂଆଁରେ ପରିପୂର୍ଣ୍ଣ କରେ, ନିକଟବର୍ତ୍ତୀ ସମ୍ପ୍ରଦାୟଗୁଡ଼ିକୁ ଶ୍ୱାସରୁଦ୍ଧ କରେ ଏବଂ ଜଳବାୟୁ ପରିବର୍ତ୍ତନକୁ ବୃଦ୍ଧି କରେ। ଏହି ଅଭ୍ୟାସଗୁଡ଼ିକ ପାରମ୍ପରିକ ଆବଶ୍ୟକତା ନୁହେଁ; ସେଗୁଡ଼ିକ ଆଧୁନିକ ସର୍ଟକଟ୍ ଯାହା ସ୍ଥାୟୀ ବିକଳ୍ପଗୁଡ଼ିକୁ ଅଣଦେଖା କରେ।

ଆବାସିକ କାର୍ଯ୍ୟକଳାପ ମଧ ଏକ ଭୂମିକା ଗ୍ରହଣ କରେ। ବିଶ୍ୱର ଅନେକ ସ୍ଥାନରେ, ପରିବାରଗୁଡ଼ିକ ରୋଷେଇ ଏବଂ ଗରମ ପାଇଁ କାଠ, ଗୋବର, କୋଇଲା ଉପରେ ନିର୍ଭର କରନ୍ତି। ଏହି ଇନ୍ଧନଗୁଡ଼ିକ ବିଶେଷକରି ଖରାପ ବାୟୁଚଳନ ସ୍ଥାନଗୁଡ଼ିକରେ ଉଚ୍ଚ ପରିମାଣର କଣିକା ପଦାର୍ଥ ଏବଂ କାର୍ବନ ମନୋକ୍ସାଇଡ୍ ନିର୍ଗତ କରେ। ଏହି ପ୍ରକାରର ଅଭ୍ୟାସ ଯୋଗୁଁ ହେଉଥିବା ଘର ଭିତରେ ବାୟୁ ପ୍ରଦୂଷଣ ଏକ ନୀରବ ହତ୍ୟାକାରୀ, ଯାହା ମହିଳା ଏବଂ ପିଲାମାନଙ୍କୁ ଅସମାନ ଭାବରେ ପ୍ରଭାବିତ କରେ। ସହରାଞ୍ଚଳ ଘରେ ମଧ, ରାସାୟନିକ କ୍ଲିନର, ରଙ୍ଗ ଏବଂ ଏରୋସୋଲର ବ୍ୟବହାର ଠଙଉ ନିର୍ଗମନରେ ଅବଦାନ ରଖେ। ଲକ୍ଷ ଲକ୍ଷ ପରିବାରରେ ଗୁଣିତ ଆମର ଘରୋଇ ପସନ୍ଦଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ବୋଝ ହୋଇଯାଏ।

ଅପବ୍ୟବହାର ପରିଚାଳନା ହେଉଛି ଆଉ ଏକ ଅଣଦେଖା କରାଯାଇଥିବା ଯୋଗଦାନକାରୀ। ଜୈବ ଅଳିଆ ପଚିବା ସହିତ ଲ୍ୟାଣ୍ଡଫିଲ୍ ମିଥେନ ଏବଂ ଅନ୍ୟାନ୍ୟ ଗ୍ୟାସ ନିର୍ଗତ କରେ। ଅଳିଆ, ବିଶେଷକରି ପ୍ଲାଷ୍ଟିକ୍ ଜାଳିବା, ଡାଇଅକ୍ସିନ୍ ଏବଂ ଫ୍ୟୁରାନ୍ ନିର୍ଗତ କରେ - ଅତ୍ୟନ୍ତ ବିଷାକ୍ତ ଯୌଗିକ ଯାହା ବାୟୁମଣ୍ଡଳରେ ରହିଥାଏ। ଅପର୍ଯ୍ୟାପ୍ତ ଆବର୍ଜନା ଭିତ୍ତିଭୂମି ଥିବା ଅଞ୍ଚଳରେ ଖୋଲା ଡମ୍ପିଂ ଏବଂ ପୋଡ଼ିବା, ପଡ଼ୋଶୀଗୁଡ଼ିକୁ ବିଷାକ୍ତ ଅଞ୍ଚଳରେ ପରିଣତ କରେ। ଏଗୁଡ଼ିକ ଦାରିଦ୍ର୍ୟର ଦୁର୍ଘଟଣା ନୁହେଁ; ଏହା ଶାସନ ଏବଂ ଯୋଜନାର ବିଫଳତା।

ଏହି କାର୍ଯ୍ୟକଳାପଗୁଡ଼ିକର ସଂଚୟିତ ପ୍ରଭାବ ଆଶ୍ଚର୍ଯ୍ୟଜନକ। ପ୍ରତିବର୍ଷ ଲକ୍ଷ ଲକ୍ଷ ଅକାଳ ମୃତ୍ୟୁ ପାଇଁ ବାୟୁ ପ୍ରଦୂଷଣ ଦାୟୀ। ଏହା ପିଲାମାନଙ୍କ ମଧ୍ୟରେ ଜ୍ଞାନାତ୍ମକ ବିକାଶକୁ ବାଧା ଦିଏ, ଷ୍ଟ୍ରୋକ୍ ଏବଂ ହୃଦରୋଗର ବିପଦ ବଢ଼ାଏ, ଏବଂ ଆସ୍ଥମା ଏବଂ ବ୍ରୋଙ୍କାଇଟିସ୍ ଭଳି ପରିସ୍ଥିତିକୁ ଆହୁରି ତୀବ୍ର କରେ। ମାନବ ସ୍ୱାସ୍ଥ୍ୟ ବ୍ୟତୀତ, ଏହା ଫସଲକୁ କ୍ଷତି ପହଞ୍ଚାଏ, ଜଳାଶୟକୁ ଏସିଡିକ୍ କରେ ଏବଂ ଇକୋସିଷ୍ଟମକୁ ବିପର୍ଯ୍ୟସ୍ତ କରେ। ସହରଗୁଡ଼ିକୁ ଘେରି ରହିଥିବା କୁହୁଡ଼ି କେବଳ ଏକ ଦୃଶ୍ୟ କ୍ଷତି ନୁହେଁ - ଏହା ପଦ୍ଧତିଗତ ଅକ୍ଷମତାର ଏକ ଲକ୍ଷଣ। ଜଳବାୟୁ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ଗଭୀର ଭାବରେ ଜଡିତ। ଅନେକ ବାୟୁ ପ୍ରଦୂଷକ ମଧ ସବୁଜଗୃହ ଗ୍ୟାସ୍। ମିଥେନ୍, ଓଜୋନ୍ ଏବଂ କଳା କାର୍ବନ ବିଶ୍ୱ ଉଷ୍ମତା ବୃଦ୍ଧିରେ ଯୋଗଦାନ କରନ୍ତି, ଯେତେବେଳେ ଜଳବାୟୁ ପରିବର୍ତ୍ତନ କ୍ରମେ ଗରମତରଙ୍ଗ ଏବଂ ପରିବର୍ତ୍ତିତ ପାଣିପାଗ ଢାଞ୍ଚା ମାଧ୍ୟମରେ ବାୟୁ ପ୍ରଦୂଷଣକୁ ତୀବ୍ର କରିଥାଏ। ଏହି ମତାମତ ଲୁପ୍ ପରିବେଶଗତ ଅବକ୍ଷୟକୁ ତ୍ୱରାନ୍ୱିତ କରେ ଏବଂ ସାମାଜିକ ଅସମାନତାକୁ ଗଭୀର କରେ। ଦୁର୍ବଳ ସମ୍ପ୍ରଦାୟ - ପ୍ରାୟତଃ ଗରିବ, ଗ୍ରାମୀଣ କିମ୍ବା ସୀମାନ୍ତବର୍ତ୍ତୀ - ପ୍ରଦୂଷିତ ବାୟୁ ଏବଂ ଏହାର ପରିଣାମର ପ୍ରଭାବ ବହନ କରନ୍ତି।

ବାୟୁ ପ୍ରଦୂଷଣକୁ ମାନବକୃତ ବୋଲି ଦାବି କରିବା କେବଳ ଦୋଷ ଦେବା ନୁହେଁ - ଏହା ଏଜେନ୍ସିକୁ ଚିହ୍ନିବା। ଯଦି ମାନବ କାର୍ଯ୍ୟ ଏହି ସଙ୍କଟ ସୃଷ୍ଟି କରିଛି, ତେବେ ମାନବ ପସନ୍ଦ ଏହାର ସମାଧାନ କରିପାରିବ। ନବୀକରଣୀୟ ଶକ୍ତିକୁ ପରିବର୍ତ୍ତନ, ନିର୍ଗମନ ମାନଦଣ୍ଡ ଲାଗୁ କରିବା, ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଚ୍ଛ ପରିବହନରେ ନିବେଶ କରିବା ୟୁଟୋପିଆନ୍ ସ୍ୱପ୍ନ ନୁହେଁ - ସେଗୁଡ଼ିକ ବ୍ୟବହାରିକ ବାଧ୍ୟବାଧକତା। ଜନସଚେତନତା, ନୀତି ସଂସ୍କାର ଏବଂ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନକୁ କାହାଣୀକୁ ପୁନଃଲିଖନ କରିବା ପାଇଁ ଏକତ୍ରିତ ହେବାକୁ ପଡ଼ିବ।

ଶେଷରେ, ବାୟୁ ପ୍ରଦୂଷଣ ଏକ ଅମୂର୍ତ୍ତ ବିପଦ ନୁହେଁ - ଏହା ଆମର ସାମୂହିକ ନିଷ୍ପତ୍ତିର ଏକ ସ୍ପଷ୍ଟ ଫଳାଫଳ। ଏହା ଆମେ ପ୍ରାଥମିକତା ଦେଉଥିବା ମୂଲ୍ୟବୋଧ ଏବଂ ଆମେ ବଜାୟ ରଖିଥିବା ବ୍ୟବସ୍ଥାଗୁଡ଼ିକୁ ପ୍ରତିଫଳିତ କରେ। ଏହାର ମାନବ ଉତ୍ପତ୍ତିକୁ ସ୍ୱୀକାର କରି, ଆମେ ମାନବ ସମାଧାନର ଦ୍ୱାର ଖୋଲିଥାଉ। ଆମେ ନିଶ୍ୱାସ ନେଉଥିବା ବାୟୁ ଯୁଦ୍ଧକ୍ଷେତ୍ର ହେବା ଉଚିତ୍ ନୁହେଁ - ଏହା ଏକ ସହଭାଗୀ ସମ୍ବଳ ହେବା ଉଚିତ୍, ଜରୁରୀତା ଏବଂ ଯତ୍ନର ସହିତ ସୁରକ୍ଷିତ। କାର୍ଯ୍ୟ କରିବାର ସମୟ କାଲି ନୁହେଁ - ଏହା ଏବେ।

**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**

# ବିହାରରେ ପ୍ରତିଶ୍ରୁତିର ବର୍ଷା

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ବିହାରର ୩୨୪ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭା ପାଇଁ ଆସନ୍ତା ନଭେମ୍ବର ମାସ ୬ ଓ ୧୧ତାରିଖରେ ଦୁଇଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହେଉଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଅଭିଯାନ ଏବେ ଜୋର ଧରିଥିବାବେଳେ ରାଜ୍ୟର ଦୁଇଟି ମେଣ୍ଟ ବିଜେପି ନେତୃତ୍ୱାଧୀନ ଏନଡିଏ ଏବଂ ରାଷ୍ଟ୍ରୀୟ ଜନତାଦଳ(ଆରଜେଡି) ନେତୃତ୍ୱାଧୀନ ମହାମେଣ୍ଟ ପକ୍ଷରୁ ଏବେ ଭୋଟ ପାଇଁ ମାଗଣା ଯୋଜନା ସାଙ୍ଗକୁ ଲୋଭନୀୟ ପ୍ରତିଶ୍ରୁତି ବର୍ଷା ହେଉଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ମାଗଣା ଯୋଜନାକୁ ତଥା ସବ୍‌ସିଡକୁ ବିରୋଧ କରୁଥିବା ବିଜେପି ଏବେ କ୍ଷମତା ପାଇଁ ଯୁବ, ଛାତ୍ର, ମହିଳା, କୃଷକ ଏବଂ ବରିଷ୍ଠ ନାଗରୀକଙ୍କ ସହ ବିଭିନ୍ନ ବର୍ଷ ପାଇଁ ମାଗଣା ଯୋଜନା ଏବଂ ପ୍ରତିଶ୍ରୁତିର ପସରା ଖୋଲି ଦେଇଛି। ଯେଉଁ ଯୋଜନାଗୁଡିକ ଭୋଟ କିଣିବା ଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି କୁହାଯାଇପାରେ। ବ୍ୟବସାୟ କରିବା ପାଇଁ ଏକ ତୃତୀୟାଂଶରୁ ଅଧିକ ମହିଳା ଭୋଟରଙ୍କ ପାଇଁ ବିଜେପି ସରକାର ୧୦୦୦୦ଟଙ୍କା ଲେଖାଏଁ ମଞ୍ଜୁର କରିଛନ୍ତି। ଏକ ବିଶାଳ ସମାବେଶରେ କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ଏହି ଟଙ୍କା ବଣ୍ଟନ ଯୋଜନାର ଶୁଭାରମ୍ଭ କରିଥିଲେ। ଏହା ବ୍ୟତୀତ ରାଜ୍ୟରେ କ୍ଷମତାସୀନ ଜେଡିୟୁ-ବିଜେପି ମେଣ୍ଟ ସରକାର ରାଜ୍ୟରେ ମହିଳାଙ୍କ ପାଇଁ ମାସିକ ଦେଢହଜାର ଟଙ୍କା ଲେଖାଏଁ ଭତା ମଧ ବହୁ ପୂର୍ବରୁ କାର୍ଯ୍ୟକାରୀ କରିସାରିଛନ୍ତି। ସେହିପରି କଂଗ୍ରେସ ସମେତ ବହୁ ବିରୋଧି ଦଳ ନେଇ ଗଠିତ ମହାମେଣ୍ଟରେ ନେତା ତଥା ବିଧାନସଭାରେ ବିରୋଧି ଦଳ ନେତା, ଆରଜେଡିର ନେତା ତେଜସ୍ୱୀ ଯାଦବ ମଧ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଲୋଭନୀୟ ପ୍ରତିଶ୍ରୁତି ଦେବାରେ ପଛରେ ପଡ଼ିନାହାଁନ୍ତି।



ନିର୍ବାଚନରେ ଯଦି ତାଙ୍କର ଦଳ କ୍ଷମତାସୀନ ହୁଏ ତେବେ ପ୍ରତି ପରିବାରରୁ ଜଣଙ୍କୁ ସରକାରୀ ଚାକିରୀ, ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ ଏବଂ ଜୀବିକା ଦିଦି ତଥା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ର ସଦ୍ୟମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସାଙ୍ଗକୁ ମାସିକ ୩୦ହଜାର ଟଙ୍କା ବେତନ ଦିଆଯିବ। ଏହା ବ୍ୟତୀତ ଜୀବିକା ଦିଦିମାନେ ନେଇଥିବା ଋଣକୁ ଛାଡ କରାଯିବା ସହ ବିନା ସୁଧରେ ଦୁଇବର୍ଷ ପର୍ଯ୍ୟନ୍ତ ଋଣ ଯୋଗାଣ, ସେମାନଙ୍କୁ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ପାଇଁ ମାସିକ ୨ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହା ସହ ଜୀବିକା ଦିଦିମାନଙ୍କୁ ୫ଲକ୍ଷ ଟଙ୍କାର ମାଗଣା ବୀମା ଦିଆଯିବ। ଏହା ନିସନ୍ଦେହ ଯେ, ବିହାରରେ ମହିଳା ଭୋଟ ପାଇଁ ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଉଭୟ ମେଣ୍ଟ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଗଲା ସାଧାରଣ ନିର୍ବାଚନରେ ବିହାରରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ମତଦାନ ହାର ଅଧିକ ଥିଲା। ନିର୍ବାଚନ ବୈତରଣୀ ପାର ହେବା ତଥା କ୍ଷମତା ଦଖଲ ପାଇଁ ମହିଳାଙ୍କ ଭୋଟ ଉପରେ ଉଭୟ ମେଣ୍ଟ ନିର୍ଭରଶୀଳ। ଏହି ନିର୍ବାଚନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜାତିଗତ ଜନଗଣନା, ଯାହାକି ରାଜ୍ୟରେ ଦଶନ୍ଧି ଦଶନ୍ଧି ଧରି ବଳବତର ଥିବା ପୁରୁଣା ସମୀକରଣକୁ ବଦଳାଇ ଦେଇଛି। ଏହା ବୋମା ବିସ୍ଫୋରଣ ପରି ରାଜ୍ୟ ରାଜନୀତିର ଚୀର ପରିଚିତ ଚେହେରାକୁ ବଦଳାଇ ଦେଇଛି କେବଳ ଏତିକି ନୁହେଁ, ହିନ୍ଦୁ ଏକତାର ଧ୍ୱନୀ ଦେଇଆସୁଥିବା ଏବଂ ଜାତିଗତ ଜନଗଣନାକୁ ବିରୋଧ କରି ଆସୁଥିବା ବିଜେପି ଶେଷ ୨୦୨୭ ସୁଦ୍ଧା ଦେଶରେ ଜାତିଗତ ଜନଗଣନା କରିବାକୁ ରାଜି ହୋଇଛି। ଆହୁରି ମଧ ଚଳିତ ନିର୍ବାଚନ ଦୁଇଟି ଭିନ୍ନ ଦର୍ଶନ ଉପରେ ଲଢେଇ। ଗୋଟିଏ ପଟେ ବିଜେପିର ସମାନ ଭାବନା ଏବଂ ଅନ୍ୟପଟେ ବିରୋଧି ଦଳମାନଙ୍କର ସମତାର ଧାରଣା ଉପରେ ଲଢେଇ ହେବ। କୁହାଯାଇପାରେ। ବିଜେପିର ଧାରଣା ହେଉଛି ଯେ, ସମସ୍ତ ଜାତି ଉପଜାତି ଓ ସମ୍ପ୍ରଦାୟର ଲୋକେ ହିନ୍ଦୁତ୍ୱର ଏକ ବୃହତ ଛତ୍ର ତଳେ ଏକତ୍ର ହେବା ଜରୁରୀ। ସେହିପରି ବିରୋଧି ଦଳର ସମତା ଧାରଣା ହେଉଛି ପ୍ରତ୍ୟେକ ଜାତି ବା ସମ୍ପ୍ରଦାୟ ସମାଜରେ ସେମାନଙ୍କ ଜନସଂଖ୍ୟା ଅନୁପାତରେ ରାଜନୈତିକ କ୍ଷମତା ସେମାନଙ୍କ ହକ୍ ପାଇବାକୁ ପ୍ରୋତ୍ସାହିତ କରେ। ଏହା ନିସନ୍ଦେହ ଯେ, ବିହାର ନିର୍ବାଚନ ଭାରତୀୟ ଗଣତନ୍ତ୍ରରେ ସାମାଜିକ ନ୍ୟାୟ'ର ଭବିଷ୍ୟତ ନିର୍ଣ୍ଣୟ କରିବା ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇନପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ହାସ୍ୟ ଅଭିନେତା ସତୀଶ ଶାହାଙ୍କ ପରଲୋକ



**ମୁମ୍ବାଇ, ୨୫।୧୦:** ବଲିଉଡ୍‌ର ପ୍ରତିଷ୍ଠିତ ହାସ୍ୟ ଅଭିନେତା ସତୀଶ ଶାହାଙ୍କ ପରଲୋକ ହୋଇଛି। ୭୪ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ସେ କିଡ଼ନୀ ରୋଗରେ ପୀଡିତ ଥିଲେ। ସେ ପ୍ରାୟ ୨୫୦ ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି। ଜଣେ ପ୍ରଖ୍ୟାତ ହାସ୍ୟ ଅଭିନେତା ଭାବେ ବଲିଉଡରେ ତାଙ୍କର ଏକ ଭିନ୍ନ ପରିଚୟ ରହିଥିଲା। ସତୀଶ ଶାହ ୨୫ ଜୁନ୍ ୧୯୫୧ରେ ବମ୍ବେରେ ଜନ୍ମଗ୍ରହଣ କରିଥିଲେ। ସେ ଏକ କୁଚ୍ଛି ଗୁଜରାଟୀ ପରିବାରରୁ ଆସିଛନ୍ତି। ଶାହ ୧୯୭୮ ମସିହାରେ ଅରବିନ୍ଦ ଦେଶାଇ କି ଆଜିବ ଦାସ୍ତାନ ସହିତ ତାଙ୍କର ଚଳଚ୍ଚିତ୍ର ଜୀବନ ଆରମ୍ଭ କରିଥିଲେ। ୧୯୮୩ ମସିହାରେ ବ୍ୟଙ୍ଗ ଚଳଚ୍ଚିତ୍ର ଜାନେ ଭି ଦୋ ୟାରୋରେ ମ୍ୟୁନିସିପାଲ କମିଶନର ଡି'ମେଲୋ ଭୂମିକା ପାଇଁ ସେ ବ୍ୟାପକ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ଚଳଚ୍ଚିତ୍ର କ୍ୟାରିୟରରେ, ସେ ହମ୍ ସାଥ୍ ସାଥ୍ ହେ (୧୯୯୯), କଲ ହୋ ନା ହୋ (୨୦୦୩), ମୁଝସେ ଶାଦି କରୋଗି (୨୦୦୪), ଏବଂ ଓମ୍ ଶାନ୍ତି ଓମ୍ (୨୦୦୭) ସମେତ ୨୫୦ ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଟେଲିଭିଜନରେ, ସେ ୧୯୮୪ ସିଟ୍‌କମ୍ ୟେ ଜୋ ହେ ଜିନ୍ଦେଗି ମାଧ୍ୟମରେ ବହୁଳ ଭାବରେ ପରିଚିତ ହୋଇଥିଲେ, ଯେଉଁଥିରେ ସେ ଏହାର ପ୍ରତ୍ୟେକ ୫୫ ଏପିସୋଡ୍‌ରେ ଏକ ଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ପରେ ସେ ଫିଲ୍ମି ଚକ୍କର (୧୯୯୫) ଏବଂ ସାରାଭାଇ ବନାମ ସାରାଭାଇ (୨୦୦୪) ସମେତ ଅନେକ ଲୋକପ୍ରିୟ ଧାରାବାହିକରେ ଅଭିନୟ କରିଥିଲେ, ଯେଉଁଠାରେ ଇନ୍ଦ୍ରବଦନ ସାରାଭାଇଙ୍କ ଚରିତ୍ରରେ ତାଙ୍କର ଅଭିନୟ ଯଥେଷ୍ଟ ପ୍ରଶଂସା ପାଇଥିଲା। ସାରାଭାଇ ବନାମ ସାରାଭାଇ ଏବଂ ଫିଲ୍ମି ଚକ୍କରରେ ରତ୍ନା ପାଠକ ଶାହଙ୍କ ସହିତ ତାଙ୍କର ଯୋଡି ମଧ୍ୟ ଭଲ ଭାବରେ ପ୍ରଶଂସିତ ହୋଇଥିଲା। ଅଭିନୟ ବ୍ୟତୀତ, ସେ କମେଡି ସର୍କସରେ ବିଚାରକ ଭାବରେ କାର୍ଯ୍ୟ କରିବା ସହିତ କମେଡି-ଆଧାରିତ ରିଅଲିଟି ପ୍ରୋଗ୍ରାମିଂ ସହିତ ଜଡିତ ଥିଲେ।

## ୭୦୦ ଫୁଟ ତଳକୁ ଖସିଲା ଜିପ୍: ୮ ମୃତ

**କାଠମାଣ୍ଡୁ, ୨୫।୧୦ :** ନେପାଳର ପାହାଡ଼ିଆ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୮ଜଣ ଯୁବକଙ୍କର ମୃତ୍ୟୁ ଘଟିଥିଲା ବେଳେ ୧୦ ଜଣ ଆହତ ହୋଇଛନ୍ତି। ୧୮ ଜଣ ଯାତ୍ରୀ ଜିପରେ ଯାଉଥିବା ବେଳେ ୭୦୦ଫୁଟ୍ ତଳକୁ ଖସି ପଡିବାରୁ ଦୁର୍ଘଟଣା ଘଟିଛି। ଶୁକ୍ରବାର ରାତି କର୍ଣ୍ଣାଲି ପ୍ରାନ୍ତରେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ସୂଚନାନୁଯାୟୀ, ରୁକୁମ ପଶ୍ଚିମ ଜିଲ୍ଲାର ବାଫିକୋଟ ଅଞ୍ଚଳର ଝାରମାରେ ଅଞ୍ଚଳରେ ଏହି ସଡ଼କ ଦୁର୍ଘଟଣା ଘଟିଛି। ଜିପଟି ମୁସିକୋଟର ଖଲଙ୍ଗା ବଜାରରୁ ଆଠ ବିସ୍କଟ ପୌରପାଳିକାର ସିଆଲିଖାରି ଗ୍ରାମକୁ ଯାଉଥିଲା। ଡ୍ରାଇଭରଙ୍କ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଛି। ଅଧିକ ରାତି ହୋଇଥିବାରୁ ଜିପଟି ନିୟନ୍ତ୍ରଣ ହରାଇ ଘାଟିରେ ଖସିପଡିଥିଲା। ମୃତକଙ୍କ ବୟସ ୧୫ ରୁ ୩୦ ବର୍ଷ ମଧ୍ୟରେ ବୋଲି ଜଣାପଡିଛି। ଦୁର୍ଘଟଣା ପରେ ସେମାନଙ୍କ ପରିବାରରେ ଶୋକର ବାତାବରଣ ଖେଳିଯାଇଛି।

# ୩୦ରୁ ଭାରତର ଯୁଦ୍ଧାଭ୍ୟାସ ; ପାକିସ୍ତାନ ଛାନିଆ

**ଇସ୍ଲାମାବାଦ, ୨୫।୧୦ :** ଭାରତ ୩୦ ଅକ୍ଟୋବରରୁ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ୩ ବାହିନୀର ଯୁଦ୍ଧାଭ୍ୟାସ 'ଏକ୍ସ ତ୍ରିଶୂଳ' ନିମନ୍ତେ ନୋଟିସ୍ ଟୁ ଏୟାରମେନ (ଏନଓଟିଏମ) ଜାରି କରିଛି। ଗୁଇନ୍ଦା ବିଶେଷଜ୍ଞଙ୍କ ଅନୁସାରେ ସରକ୍ରିକ ଓ ପଶ୍ଚିମ ସୀମା ନିକଟରେ ଏହି ଅଭ୍ୟାସ ଅସାଧାରଣ ଭାବେ ଓ କ୍ଷେତ୍ରରେ ଅନୁଷ୍ଠିତ ହେବ। ଭାରତର ଯୋଜନା ଅନୁସାରେ ବିମାନ କ୍ଷେତ୍ରର ଆରକ୍ଷଣ ୨୮,୦୦୦ ଫୁଟ ପର୍ଯ୍ୟନ୍ତ ରହିବ।




ଏହି ଅଭ୍ୟାସ କାଳରେ ଦକ୍ଷିଣ କମାଣ୍ଡ ସେନା ଆକ୍ରମକ ଅଭିଯାନ, ସୌରାଷ୍ଟ୍ର ଉପକୂଳରେ ଉଭୟଚର ଅଭ୍ୟାସ ସହିତ ଇଣ୍ଟେଲିଜେନ୍ସ, ଇଲେକ୍ଟ୍ରୋନିକ୍ ୱାରଫେୟାର ଓ ସାଇବର ଅପରେସନ ଭଳି ମଲ୍ଟି ଡୋମେନ ଯୁଦ୍ଧ ଗତିବିଧି ହେବ। ତେବେ ଭାରତର ନୋଟାମ ଜାରି ପରେ ଏବେ ପାକିସ୍ତାନ ତା'ର ମଧ୍ୟ ଓ ଦକ୍ଷିଣ ଏୟାର ସ୍ପେସର ଅନେକ ଏୟାର ରୁଟକୁ ନିଷିଦ୍ଧ ଘୋଷଣା କରିଛି। ଜିଓ ଇଣ୍ଟେଲିଜେନ୍ସ ବିଶେଷଜ୍ଞ ଡେମିୟନ ସାଇମନଙ୍କ ଅନୁସାରେ ଏହା ପାକିସ୍ତାନର ପ୍ରତିକ୍ରିୟା ଓ ସେ ସମ୍ଭାବିତ ସୈନ୍ୟ ଅଭ୍ୟାସ ଅଥବା ଅସ୍ତ୍ର ପରୀକ୍ଷଣ ପ୍ରସ୍ତୁତି କରୁଛି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିକଟରେ ରାଜସ୍ଥାନର ଜୈସାଲମେରରେ କହିଥିଲେ ଯେ, ଅପରେସନ ସିନ୍ଦୂର ପାକିସ୍ତାନକୁ ସ୍ପଷ୍ଟ ସନ୍ଦେଶ ଦେଇଛି ଯେ, ଭାରତ ସୀମା ପାର କୌଣସି ଆତଙ୍କବାଦର ଜବାବ ସଠିକ ଓ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ସହ ଦେବ। ଗତ ମେ ମାସରେ ହୋଇଥିବା ଏହି ଅଭିଯାନରେ ଭାରତ ପାକିସ୍ତାନର ଆତଙ୍କବାଦୀଙ୍କ ଆଡ୍ଡାକୁ ସଠିକ ଟାର୍ଗେଟ କରିଥିଲା, ଏଥିରେ ଶତାଧିକ ଆତଙ୍କବାଦୀ ପ୍ରାଣ ହରାଇଥିଲେ।

ତେବେ ବିଶେଷଜ୍ଞଙ୍କ ଅନୁସାରେ ଦୁଇ ପଡୋଶୀ ଦେଶ ଗୋଟିଏ ସମୟରେ ସାମରିକ ଅଭ୍ୟାସ ଘୋଷଣା କରିବା କ୍ଷେତ୍ରରେ ଉତ୍ତେଜନାର କାରଣ ହୋଇପାରେ। ଏକ୍ସ ତ୍ରିଶୂଳ ଅଭ୍ୟାସ ଭାରତର ବଢୁଥିବା ମିଳିତ ଯୁଦ୍ଧ କ୍ଷମତା ଓ ଆତ୍ମନିର୍ଭର ପ୍ରତିରକ୍ଷା କ୍ଷମତା ପ୍ରଦର୍ଶିତ କରିବା ଉଦ୍ଦେଶ୍ୟରେ କରାଯାଉଛି।

## ବସରେ ଥିବା ମୋବାଇଲ ବ୍ୟାଟେରୀ ଯୋଗୁଁ ଘଟିଲା ଅଗ୍ନିକାଣ୍ଡ!

**ହାଇଦ୍ରାବାଦ, ୨୫।୧୦:** ଆନ୍ଧ୍ର ପ୍ରଦେଶର କୁରନୁଲରେ ଅଗ୍ନିକାଣ୍ଡ ଘଟଣାର ଯାଞ୍ଚ ଜାରି ରହିଛି। ଏହି ମଧ୍ୟରେ ଏକ ଆଶ୍ଚର୍ଯ୍ୟକର ଦାବି ସାମ୍ନାକୁ ଆସିଛି। ଏହି ମୁତାବିକ ବସ୍ ଭିତରେ ରଖାଯାଇ ଥିବା ୨୩୪ଟି ମୋବାଇଲ ଯୋଗୁଁ ନିଆଁ ଖୁବ୍ ଜୋରରେ ଲାଗି ଥିଲା। ଆନ୍ଧ୍ର ପ୍ରଦେଶର କୁରନୁଲରୁ ବେଙ୍ଗାଲୁରୁ ଯାଉଥିବା ଘରୋଇ ବସରେ ନିଆଁ ଲାଗିବା ଯୋଗୁଁ ୨୦ଜଣ ଲୋକ ଜୀବନ୍ତ ଜଳିଗଲେ। ଏହି ଦୁର୍ଘଟଣା ସକାଳ ସମୟରେ ହୋଇଥିଲା, ଯେବେ କି ବହୁ ସଂଖ୍ୟାରେ ଯାତ୍ରୀ ଶୋଇ ଯାଇଥିଲେ।ଏନଡିଟିଭିର ରିପୋର୍ଟ ମୁତାବିକ ବସ୍‌ରେ ପାଖାପାଖି ୪୬ ଲକ୍ଷ ଟଙ୍କାର ୨୩୪ଟି ସ୍ମାର୍ଟଫୋନ୍‌ର କନ୍ସାଇନମେଣ୍ଟ ରଖା ଯାଇଥିଲା। ଏହି କନ୍ସାଇନମେଣ୍ଟ ହାଇଦ୍ରାବାଦର ଜଣେ ବ୍ୟବସାୟୀଙ୍କର ଥିଲା। ବ୍ୟବସାୟୀଙ୍କ ନାମ ମଗନନାଥ ଥିବା କୁହାଯାଉଛି। ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ୍‌ର ବ୍ୟାଟେରୀରେ ହୋଇଥିବା ବିସ୍ଫୋରଣ ଯୋଗୁଁ ନିଆଁ ଖୁବ୍ ଜୋରରେ ଜଳି ଉଠିଲା। ପୁଲିସ ଏହି ମାମଲାରେ ଦୁଇ ବସ୍ ଡ୍ରାଇଭରଙ୍କ ଅବହେଳା ଓ ଓଭରସ୍ପିଡ୍‌ର ମାମଲା ରୁଜୁ କରିଛି। ଦୁର୍ଘଟଣାରୁ ରକ୍ଷା ପାଇଥିବା ଜଣେ ଯାତ୍ରୀ ଏନ୍ ରମେଶଙ୍କର ଅଭିଯୋଗରେ ରୁଜୁ କରାଯାଇଛି। ବସ୍‌ରେ ଦୁଇ ଜଣ ଡ୍ରାଇଭର ଥିଲେ। ଏଥିରେ ଜଣେ ୩୦ ବର୍ଷୀୟ ସେବା ନାରାୟଣ। ହେଲେ ଦୁର୍ଘଟଣା ସମୟରେ ସେ ବସ୍ ଚଲାଉ ନଥଲେ। ବସ୍ ଚଲାଉ ଥିବା ଲକ୍ଷ୍ମୈୟା ଦୁର୍ଘଟଣା ପରେ ଫେରାର ହୋଇଯାଇଥିଲେ। ବର୍ତ୍ତମାନ ସେବା ନାରାୟଣ ପୁଲିସ ହେପାଜତରେ ଅଛନ୍ତି।

## ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ଘଟଣା
## ଘର ମାଲିକଙ୍କ ପୁଅକୁ ବାନ୍ଧିଲା ପୁଲିସ



**ମୁମ୍ବାଇ, ୨୫।୧୦:** ମହାରାଷ୍ଟ୍ର ସତାରାରେ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ଘଟଣାରେ ପୁଲିସ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପ୍ରଶାନ୍ତ ବାଙ୍କର। ମହିଳା ଡାକ୍ତର ଜଣଙ୍କ ଯେଉଁ ଘରେ ଭଡ଼ା ରହୁଥିଲେ, ତା'ର ମାଲିକଙ୍କ ପୁଅ ହେଉଛନ୍ତି ପ୍ରଶାନ୍ତ।

ମହିଳା ଡାକ୍ତରଙ୍କୁ ପ୍ରଶାନ୍ତ ମାନସିକ ନିର୍ଯାତନା ଦେଉଥିଲେ। ଏକଥା ଆତ୍ମହତ୍ୟା କରିବା ପୂର୍ବରୁ ମହିଳା ଡାକ୍ତର ଜଣଙ୍କ ନିଜ ବାମ ହାତର ପାପୁଲିରେ ଲେଖିଥିଲେ। ଉକ୍ତ ସୁଇସାଇଡ ଲେଖା ଆଧାରରେ ପୁଲିସ୍ ତାଙ୍କୁ ଗିରଫ କରିଛି। ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ସତାରା ଜିଲ୍ଲା ପୁଲିସ କରୁଛି। ପିଏସ୍‌ଆଇ ଗୋପାଳ ବଦାନେ ଓ ପ୍ରଶାନ୍ତଙ୍କ ନାଁରେ ପୁଲିସ୍ ଦୁଷ୍କର୍ମ ଓ ଆତ୍ମହତ୍ୟା ପାଇଁ ଉସକାଇବା ଭଳି ମାମଲା କରିଥିଲା। ଶୁକ୍ରବାର ପୁଲିସ ପ୍ରଶାନ୍ତଙ୍କୁ ଗିରଫ କରିଥିବା ବେଳେ ଏବେ ବି ପିଏସ୍‌ଆଇ ଗୋପାଳ ଫେରାର ରହିଛନ୍ତି। ପୁଲିସର କହିବା କଥା ଯେ, ପିଏସ୍‌ଆଇ ଗୋପାଳଙ୍କ ସହ ମିଶି ପ୍ରଶାନ୍ତ ମହିଳା ଡାକ୍ତରଙ୍କୁ ନିୟମିତ ମାନସିକ ନିର୍ଯାତନା ଦେଉଥିଲେ। ଭଡ଼ା ଘର ଖାଲି କରିବାକୁ ସେ ନିୟମିତ ତାଙ୍କୁ ଧମକ ଦେଉଥିଲେ। ପିଏସ୍‌ଆଇ ଗୋପାଳ ୫ ମାସରେ ମହିଳା ଡାକ୍ତରଙ୍କୁ ୪ ଥର ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଗୋପାଳଙ୍କ ଘନିଷ୍ଠ ସହଯୋଗୀ ହେଉଛନ୍ତି ପ୍ରଶାନ୍ତ। ତେଣୁ ଗୋପାଳଙ୍କ କଥାରେ ପ୍ରଶାନ୍ତ ମହିଳା ଡାକ୍ତରଙ୍କୁ ନିୟମିତ ନିର୍ଯାତନା ଦେଇ ଆସୁଥିଲେ ବୋଲି ପୁଲିସ୍ କହିଛି। ୨୮ ବର୍ଷୀୟ ମହିଳା ଡାକ୍ତର ଜଣଙ୍କ ଫଲଟନ ସ୍ଥିତ ଗୋଟିଏ ସରକାରୀ ହସ୍ପିଟାଲରେ କାମ କରୁଥିଲେ। ତାଙ୍କ ମୂଳ ଘର ବୀଡ ଜିଲ୍ଲାରେ। ଗୁରୁବାର ରାତିରେ ସ୍ଥାନୀୟ ହୋଟେଲରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା।

## ରାଜସ୍ଥାନ କୋଟାରେ ଓଡ଼ିଆ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**କୋଟା, ୨୫।୧୦ :** କୋଟା ସହରରେ ଜଣେ କୋଚିଂ ଛାତ୍ରଙ୍କ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ମୂଳତଃ ଓଡ଼ିଶାର ବାସିନ୍ଦା, ସେ କୋଟାରେ ନିଟ୍ ୟୁଜି ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ୨୪ ବର୍ଷୀୟ ଛାତ୍ର ଜଣକ ଚଳିତ ବର୍ଷ କୋଟା ଆସିଥିଲେ ଏବଂ ଦୀପାବଳି ଛୁଟି ପାଇଁ ଘରକୁ ଯାଇ ନଥିଲେ। ଆଜି (ଶନିବାର) ତାଙ୍କ କୋଠରିରୁ ତାଙ୍କ ମୃତଦେହ ମିଳିଥିଲା। କୋଟା ଜବାହାର ନଗର ପୋଲିସ ଷ୍ଟେସନ ଅଧିକାରୀ ରାମ ଲକ୍ଷ୍ମଣ ଗୁର୍ଜର କହିଛନ୍ତି ଯେ,ମାମଲାଟି ବର୍ତ୍ତମାନ ସନ୍ଦେହଜନକ। ମୃତକ ହେଉଛନ୍ତି ୨୪ ବର୍ଷୀୟ ରୋଶନ କୁମାର, ଯିଏକି ଓଡ଼ିଶାର ଗଞ୍ଜାମ ଜିଲ୍ଲାର ବାସିନ୍ଦା। ସେ ଚାରି ମାସ ପୂର୍ବରୁ ତାଙ୍କ ଭାଇ ଏବଂ କିଛି ବନ୍ଧୁଙ୍କ ସହିତ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ପାଇଁ କୋଟା ଆସିଥିଲେ। ସେମାନେ ରାଜୀବ ଗାନ୍ଧି ନଗରର ଏକ ହଷ୍ଟେଲରେ ରହୁଥିଲେ। ତାଙ୍କ ଭାଇଙ୍କ ରୁମ୍ ପାଖରେ ଥିଲା। ସେମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଠପଢ଼ା କରିଥିଲେ। ଯେତେବେଳେ ରୋଶନ ସକାଳେ କବାଟ ନଖୋଲିଲେ, ତାଙ୍କ ବନ୍ଧୁ ଏବଂ ଭାଇ କୌଣସି ସନ୍ଦେହ ପ୍ରକାଶ କଲେ ନାହିଁ। ସେମାନେ ଭାବିଲେ ଯେ ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଠପଢ଼ା କରିଥିବାରୁ ଶୋଇପଡ଼ିଛନ୍ତି। "କିନ୍ତୁ ଯେତେବେଳେ ରୋଶନ ମଧ୍ୟାହ୍ନ ଭୋଜନ ପାଇଁ ଆସିନଥିଲେ, ସେମାନେ ଦ୍ୱାର ବାଡ଼େଇଥିଲେ। ସେତେବେଳେ ମଧ୍ୟ ଦ୍ୱାର ନଖୋଲିବାରୁ, ସେମାନେ ୱାର୍ଡେନଙ୍କୁ ଜଣାଇଥିଲେ। ୱାର୍ଡେନ ଏକ ଭିନ୍ନ ଚାବି ସାହାଯ୍ୟରେ ତାଲା ଖୋଲିଥିଲେ ଏବଂ ରୋଶନଙ୍କୁ ବିଛଣାରେ ମୁହଁ ମାଡ଼ି ପଡ଼ିଥିବାର ଦେଖିଥିଲେ। ତା'ପରେ ପୋଲିସକୁ ସୂଚନା ଦିଆଯାଇଥିଲା। ହସ୍ପିଟାଲରେ ପହଞ୍ଚିବା ପରେ ରୋଶନଙ୍କୁ ମୃତ ଘୋଷଣା କରାଯାଇଥିଲା। ତାଙ୍କ ପରିବାରକୁ ସୂଚନା ଦିଆଯାଇଛି। ସେମାନଙ୍କ ପହଞ୍ଚିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ, ବୋଲି ରାମ ଲକ୍ଷ୍ମଣ ଗୁର୍ଜର କହିଛନ୍ତି। ରାମ ଲକ୍ଷ୍ମଣ ଗୁର୍ଜର କୁହନ୍ତି ଯେ, ତାଙ୍କ ଗ୍ରୁପର କେବଳ ଜଣେ ସଦସ୍ୟ ଗାଁକୁ ଯାଇଛନ୍ତି, ଯେତେବେଳେ ବାକିମାନେ କୋଟାରେ ରହି ପାଠ ପଢୁଥିଲେ। ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ନହେବା ପାଇଁ ସେମାନେ ଦୀପାବଳି ପାଇଁ ଯାଇ ନଥିଲେ। ତେବେ ଏହା ଆତ୍ମହତ୍ୟା କି ହତ୍ୟା, ମୃତ୍ୟୁର କାରଣ ପୋଷ୍ଟମର୍ଟମ ପରେ ହିଁ ସ୍ପଷ୍ଟ ହେବ। ବର୍ତ୍ତମାନ, କୋଠରୀଟି ବନ୍ଦ ରହିଛି। ପ୍ରାଥମିକ ତଦନ୍ତରେ କୌଣସି ପ୍ରକାରର ସୁଇସାଇଡ୍ ନୋଟ୍ ମିଳିନାହିଁ।

## ଆଉ ନାହାନ୍ତି ଥାଇଲାଣ୍ଡର ରାଣୀମା'

- ୯୩ ବର୍ଷ ବୟସରେ ତ୍ୟାଗ କଲେ ଶେଷ ନିଶ୍ୱାସ



**ବ୍ୟାଙ୍କକ, ୨୫।୧୦:** ଥାଇଲାଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ସିରିକିତଙ୍କର ୯୩ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଏପରି ଘଟଣା ଶୁକ୍ରବାର ବିଳମ୍ବିତ ରାତିରେ ଦେଖିବାକୁ ମିଳିଛି। ଯିଏ କି ବର୍ତ୍ତମାନର ରାଜା ଭାଜିରାଲଙ୍ଗକର୍ଣ୍ଣଙ୍କ ମାତା ଏବଂ ଦେଶର ସବୁଠାରୁ ଦୀର୍ଘକାଳୀନ ରାଜାଙ୍କ ପତ୍ନୀ ଭାବେ ପରିଚିତ ଥିଲେ। ସେ ରାଜା ଭୂମିବୋଲ୍ ଆଦୁଲ୍ୟାଦେଜଙ୍କ ସହିତ ୬୬ ବର୍ଷ ଧରି ବିବାହ ଜୀବନ ଅତିବାହିତ କରିଥିଲେ। ଏହି ଲମ୍ବା ବିବାହ ଯାତ୍ରାରେ ସେ କେବଳ ଜଣେ ଭଲ ସ୍ତ୍ରୀର ଭୂମିକାକୁ ତୁଲାଉନଥିଲେ ବରଂ ସମଗ୍ର ଥାଇଲାଣ୍ଡରେ ଏକ ଦୃଢ ଏବଂ ଦୟାଳୁ ସମ୍ରାଜ୍ଞୀର ଚରିତ୍ର ଭାବେ ପରିଚୟ ତିଆରି କରିଥିଲେ।

ଏହା ବ୍ୟତୀତ ସେ ଫ୍ୟାଶନ ଜଗତରେ ନିଜର ଏକ ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଫ୍ୟାଶନ ପାଇଁ କେବଳ ଥାଇଲାଣ୍ଡରେ ନୁହେଁ ବରଂ ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲେ। ଅନେକ ପାଶ୍ଚାତ୍ୟ ପତ୍ରିକାରେ ତାଙ୍କୁ ସ୍ଥାନିତ କରିଥିଲେ। ରାଣୀ ସିରିକିତ ୨୦୧୯ ମସିହାରୁ ହସ୍ପିଟାଲରେ ଭର୍ତ୍ତି ଥିଲେ। ସେହି ସମୟ ମଧ୍ୟରେ ସେ ରକ୍ତ ସଂକ୍ରମଣର ଶିକାର ହୋଇଥିଲେ। ଯାହା ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ଖରାପ କରିଦେଇଥିଲା। ବର୍ତ୍ତମାନ କିନ୍ତୁ ଚୁଲାଲଙ୍ଗକର୍ଣ୍ଣ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ହେଲେ ତାଙ୍କୁ ପୁନର୍ଜୀବିତ କରାଯାଇପାରିଲା ନାହିଁ। ଥାଇଲାଣ୍ଡର ଲୋକମାନେ ସେମାନଙ୍କ ରାଣୀଙ୍କ ପାଇଁ ଶୋକ ପ୍ରକାଶ କରୁଛନ୍ତି।

## ବିହାର ନିର୍ବାଚନ: ୬ ଜିଲ୍ଲାରେ ନାହାନ୍ତି ବିଜେପି ପ୍ରାର୍ଥୀ

**ପାଟନା, ୨୫।୧୦:** ବିହାରର ୨୪୩ ବିଧାନସଭା ଆସନ ମଧ୍ୟରୁ ବିଜେପି ୧୦୧ ଟି ଆସନରେ ନିର୍ବାଚନ ଲଢ଼ିବାକୁ ଯାଉଛି। ଏହି ୧୦୧ ଆସନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା ମଧ୍ୟ କରିସାରିଛି। ଏବେ ସମସ୍ତଙ୍କ ନଜର ୬ ଓ ୧୧ ତାରିଖ ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ଉପରେ। ହେଲେ ତା ଭିତରେ ଏକ ରୋଚକ ଖବର ସାମ୍ନାକୁ ଆସିଛି। ଏହି ଖବର ମୁତାବକ ମତଦାନ ପୂର୍ବରୁ ବିହାର ୬ ଜିଲ୍ଲା ବିଜେପି ମୁକ୍ତ ହୋଇଛି। ରାଜ୍ୟର ୬ ଟି ଜିଲ୍ଲାରେ ବିଜେପି ପ୍ରାର୍ଥୀ ଦେଇନାହିଁ। ଅର୍ଥାତ ଏହି ୬ ଜିଲ୍ଲାର ସମସ୍ତ ଆସନରେ ଇଣ୍ଡି ମେଣ୍ଟକୁ ଟକ୍କର ଦେଉଛନ୍ତି ବିଜେପିର ସହଯୋଗୀ ଦଳମାନଙ୍କର ପ୍ରାର୍ଥୀ। ଏହି ୬ ଜିଲ୍ଲା ମଧ୍ୟରେ ରହିଛି ମାଧେପୁରା, ଖଗାଡିଆ, ଶେଖପୁରା, ଶିହର, ଜହାନାବାଦ ଓ ରୋହତାସ । ଏହାର ଅର୍ଥ ହେଉଛି ଏହି ୬ ଜିଲ୍ଲାରେ ବିଜେପିର କୌଣସି ପ୍ରାର୍ଥୀ ନିର୍ବାଚନ ଲଢୁ ନାହାନ୍ତି । ସେହିଭଳି କିଛି ଜିଲ୍ଲାରେ ବିଜେପି କେବଳ ଗୋଟିଏ ଗୋଟିଏ ଆସନରେ ପ୍ରାର୍ଥୀ ଦେଇଛି। ସେସବୁ ଜିଲ୍ଲା ଭିତରେ ରହିଛି ସହରସା, ଲଖିସରାଇ, ନାଳନ୍ଦା, ବକ୍ସର, ଜମୁଇ। ଜେଡିୟୁ ଓ ଅନ୍ୟ ଏନଡିଏ ସହଯୋଗୀ ଦଳଗୁଡ଼ିକ ଏହି ସବୁ ଆସନରେ ପ୍ରାର୍ଥୀ ଦେଇଛନ୍ତି।

- ପୂର୍ବତନ ଅଧିକାରୀଙ୍କ ଚାଞ୍ଚଲ୍ୟକର ଖୁଲାସା

## ଆମେରିକାକୁ ପରମାଣୁ ଅସ୍ତ୍ରର ଚାବି ହସ୍ତାନ୍ତର କରିଥିଲେ ମୁଶରଫ

**ନୂଆଦିଲ୍ଲୀ ୨୫।୧୦:** ପୂର୍ବତନ ସିଆଇଏ ଅଧିକାରୀ ଜନ୍ କିରିଆକୋଙ୍କ ସାଂଘାତିକ ଖୁଲାସା। ପାକିସ୍ତାନ, ସାଉଦି ଆରବ ଓ ଦକ୍ଷିଣ ଏସିଆର ରାଜନୀତି ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ କଥା ପ୍ରକାଶ କରିଛନ୍ତି। କିରିଆକୋ ଏମିତି କିଛି କହିଛନ୍ତି ଯାହାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ବିଶେଷ କରି ଆମେରିକା ବିରୋଧରେ ବିଷ ଓଗାଳିଛନ୍ତି ସେ। ତାଙ୍କ କହିବା କଥା ଆମେରିକା ପୂର୍ବତନ ପାକିସ୍ତାନୀ ରାଷ୍ଟ୍ରପତି ପରଭେଜ ମୁଶାରଫଙ୍କୁ କୋଟି କୋଟି ଡଲାର ସହାୟତା ଦେଇ କିଣୁଥିଲା। ସମୟ



ଥିଲା ଯେତେବେଳେ ଆମେରିକା ପାକିସ୍ତାନର ପରମାଣୁ ଅସ୍ତ୍ରଶସ୍ତ୍ରକୁ ନିୟନ୍ତ୍ରଣ କରୁଥିଲା। ୧୫ ବର୍ଷ ଧରି ସିଆଇଏ ପାଇଁ କାମ କରୁଥିବା ଓ ପାକିସ୍ତାନରେ ଆତଙ୍କବାଦ ବିରୋଧୀ ଅଭିଯାନ ପାଇଁ ଦାୟୀ ଥିବା ଜନ୍ କିରିଆକୋ କହିଛନ୍ତି, "ଆମେରିକା ଏକଛତ୍ରବାଦୀଙ୍କ ସହିତ କାମ କରିବାକୁ ପସନ୍ଦ କରେ। କାରଣ ସେଠାରେ କୌଣସି ଜନସାଧାରଣ କିମ୍ବା ଗଣମାଧ୍ୟମ ଚାପ ନାହିଁ। ଆମେ ମୁଶାରଫଙ୍କୁ କିଣିଥିଲୁ ଏବଂ ସେ ଆମକୁ ପାକିସ୍ତାନରେ ଆମ ଇଚ୍ଛା ଅନୁସାରେ କାମ କରିବାକୁ ଅନୁମତି ଦେଇଥିଲେ। ସେ କହିଛନ୍ତି ଯେ, ମୁଶାରଫ ଡବଲ ଖେଳ ଖେଳୁଥିଲେ। ଗୋଟିଏ ପଟେ ସେ ଆତଙ୍କବାଦ ବିରୋଧରେ ଆମେରିକା ସହିତ ସହଯୋଗ କରିବାର ଅଭିନୟ କରୁଥିଲେ। ଅନ୍ୟପଟେ, ସେ ପାକିସ୍ତାନର ସେନା ଓ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ଭାରତ ବିରୋଧରେ ସକ୍ରିୟ ରଖିଥିଲେ। କିରିଆକୋ କହିଛନ୍ତି, ପାକିସ୍ତାନୀ ସେନା ଅଲ-କାଏଦା ବିଷୟରେ ଚିନ୍ତିତ ନଥିଲା। ସେମାନଙ୍କର ପ୍ରକୃତ ଚିନ୍ତା ଭାରତ ଥିଲା। ମୁଶାରଫ ସ୍ପଷ୍ଟ ଭାବରେ ଆମେରିକାକୁ ସମର୍ଥନ କରୁଥିଲେ କିନ୍ତୁ ପରଦା ପଛରେ ସେ ଭାରତ ବିରୋଧରେ କାମ କରୁଥିଲେ।

### ଭାରତକୁ ପ୍ରଶଂସା କଲେ ନୋବେଲ ଶାନ୍ତି ପୁରସ୍କାର ବିଜେତା
## ମହାତ୍ମା ଗାନ୍ଧୀଙ୍କୁ କହିଲେ ମୋ ଆଦର୍ଶ



**ନୂଆଦିଲ୍ଲୀ,୨୫।୧୦:** ନୋବେଲ ଶାନ୍ତି ପୁରସ୍କାର (୨୦୨୫) ବିଜୟିନୀ ଭେନେଜୁଏଲାର ଗଣତନ୍ତ୍ର ସମର୍ଥିତ ନେତା ମାରିଆ କୋରିନା ମଚାଡ଼ୋ ଭାରତକୁ ଖୁବ ପ୍ରଶଂସା କରିଛନ୍ତି। ମଚାଡୋ କହିଛନ୍ତି ଯେ, ସେ ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମରୁ ପ୍ରେରଣା ନେଇଛନ୍ତି। ସେ କହିଛନ୍ତି ଯେ, ଶାନ୍ତି କୌଣସି ଦୁର୍ବଳ ନୁହେଁ। ମହାତ୍ମା ଗାନ୍ଧୀ ମାନବ ଜାତିକୁ ଏହାର ମୂଲ୍ୟ ଶିଖାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜନେତା ତଥା କାର୍ଯ୍ୟକର୍ତ୍ତା ମଚାଡୋ ଭେନେଜୁଏଲାରେ ଗଣତନ୍ତ୍ରର ପୁନଃସ୍ଥାପନା ପାଇଁ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଲଢେଇ କରୁଛନ୍ତି। ମାରିଆ କହିଛନ୍ତି ଯେ, ନିଶ୍ଚିତ ଭାବେ ଶାନ୍ତି ପାଇବା ପାଇଁ ଆପଣଙ୍କୁ ସ୍ୱାଧୀନତାର ଆବଶ୍ୟକତା ଦରକାର ଓ ସ୍ୱାଧୀନତା ପାଇବା ପାଇଁ ଆପଣଙ୍କୁ ଶକ୍ତି ଦରକାର। ସେ ଭାରତକୁ ଏକ ମହାନ ଗଣତନ୍ତ୍ର ଓ ଅନ୍ୟ ଦେଶଙ୍କ ପାଇଁ ଏକ ଉଦାହରଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବରେ ସେ ଦେଖୁଛନ୍ତି। ଭାରତ ସହ ଭେଲେଜୁଏଲା ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ପରେ ଅନେକ ମୋର୍ଚ୍ଚାରେ ସମ୍ପର୍କକୁ ମଜଭୁତ କରିପାରିବ। ବିଶ୍ୱରେ ଭାରତର ସ୍ଥାନ ଏବଂ ଏହାର ଗଣତନ୍ତ୍ର ଉପରେ ମାଚାଡୋ କହିଛନ୍ତି, ଭାରତ ଅନେକ ଦେଶ ଏବଂ ପିଢ଼ି ପାଇଁ ଏକ ଉଦାହରଣ ହୋଇଆସିଛି। ମାଚାଡୋ କହିଛନ୍ତି, "ମୁଁ ଭାରତକୁ ହୃଦୟରୁ ପ୍ରଶଂସା କରେ। ମୋ ଝିଅ କିଛି ମାସ ପୂର୍ବରୁ ସେଠାକୁ ଯାଇଥିଲା, କିନ୍ତୁ ମୁଁ କେବେ ଭାରତ ଯାଇନାହିଁ। ସେ ତୁମର ଦେଶକୁ ଭଲପାଏ। ସେଠାରେ ମୋର ଅନେକ ଭେନେଜୁଏଲାର ବନ୍ଧୁ ରହୁଛନ୍ତି। ନିଶ୍ଚିତ ଭାବରେ, ମୁଁ ଭାରତୀୟ ରାଜନୀତିକୁ ଅନୁସରଣ କରେ ଏବଂ ମୁଁ ଆଶା କରୁଛି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ କଥା ହେବାର ସୁଯୋଗ ପାଇବି। ଗୋଟିଏ ଦିନ ଏକ ସ୍ୱାଧୀନ ଭେନେଜୁଏଲାରେ ତାଙ୍କୁ ଆତିଥ୍ୟ ଦେବାର ସୁଯୋଗ ମିଳିବ। ଯାହା ଆମର ସମ୍ପର୍କକୁ ମଜଭୁତ କରିପାରିବ।"

## ଟିଆଇ ପରେଡ୍‌ରେ ୫ ଅଭିଯୁକ୍ତଙ୍କୁ ଚିହ୍ନିଲେ ପୀଡ଼ିତା

**କୋଲକାତା, ୨୫।୧୦ (ସଂଚାର ବ୍ୟୁରୋ):** ଦୁର୍ଗାପୁରର ବେସରକାରୀ ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ପାଞ୍ଚ ଜଣ ଯୁବକଙ୍କୁ ଚିହ୍ନଟ କରିଛନ୍ତି ପୀଡ଼ିତା। କିନ୍ତୁ, ତାଙ୍କ ସହପାଠୀଙ୍କୁ ଟିଆଇ ପରେଡରେ ସାମିଲ କରାଯାଇ ନଥିଲା। କାରଣ, ସେ ଛାତ୍ରୀଙ୍କ ସହପାଠୀ ଥିଲେ ଏବଂ ତାଙ୍କୁ ପୂର୍ବରୁ ଜାଣିଥିଲେ। ଶୁକ୍ରବାର ଦୁଷ୍କର୍ମ ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ଗାପୁର ଉପ-ସଂଶୋଧନାଗାରରେ ଏକ ଟିଆଇ ପରେଡ ଅନୁଷ୍ଠିତ ହୋଇଥିଲା। ସେଠାରେ ସେ ବେସରକାରୀ ମେଡିକାଲ କଲେଜ ସଂଲଗ୍ନ ଅଞ୍ଚଳରୁ ଗିରଫ ହୋଇଥିବା ପାଞ୍ଚଜଣ ଯୁବକଙ୍କୁ ଚିହ୍ନଟ କରିଥିଲେ। ପୀଡିତାଙ୍କ ଓକିଲ ପାର୍ଥ ଘୋଷ ଦାବି କରିଥିଲେ ଯେ, ଘଟଣାର 'ମାଷ୍ଟରମାଇଣ୍ଡ' ତାଙ୍କ ସହପାଠୀ ୱାସିଫ୍ ଅଲି।

ଅକ୍ଟୋବର ୧୦ ତାରିଖରେ, ଦୁର୍ଗାପୁର ଆଇକ୍ୟୁ ସିଟି ହସ୍ପିଟାଲର ଦ୍ୱିତୀୟ ବର୍ଷର



ଦୁର୍ଗାପୁର ଦୁଷ୍କର୍ମ ମାମଲା

ଡାକ୍ତରୀ ଛାତ୍ରୀ ତାଙ୍କ ସହପାଠୀଙ୍କ ସହିତ ବାହାରକୁ ଯାଇଥିବା ସମୟରେ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ବୁଧବାର ଦୁର୍ଗାପୁର ମହକୁମା କୋର୍ଟର ବିଚାରପତି ଏକ ଟିଆଇ ପରେଡ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଦିନ ପ୍ରାୟ ୧୨ଟା ସମୟରେ, ନ୍ୟୁ ଟାଉନସିପ୍ ଥାନାର ପୋଲିସ ଓଡ଼ିଶାର ବାସିନ୍ଦା ଛାତ୍ରୀ ଏବଂ ତାଙ୍କ ମା'ଙ୍କୁ ନେଇ ଉପ-ସଂଶୋଧନ କେନ୍ଦ୍ରରେ ପହଞ୍ଚିଥିଲା। କିଛି ମିନିଟ୍ ମଧ୍ୟରେ ଦୁର୍ଗାପୁର ମହକୁମା କୋର୍ଟ ବିଚାରପତି ରାଜୀବ ସରକାର ସେଠାରେ ପହଞ୍ଚିଥିଲେ। ତା'ପରେ ଟିଆଇ ପରେଡ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେଡରେ ଦେଖିବା ମାତ୍ରେ ଛାତ୍ରୀ ଜଣକ ପାଞ୍ଚ ଜଣ ଯୁବକଙ୍କୁ ଚିହ୍ନଟ କରିଥିଲେ। ଏହି ପ୍ରକ୍ରିୟା ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ସମାପ୍ତ ହୋଇଥିଲା। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଥିଲା। ଉଲ୍ଲେଖନୀୟ ଯେ ଏହି ମାମଲାରେ ବିଭାସ ଚଟ୍ଟୋପାଧ୍ୟାୟଙ୍କୁ ସରକାରୀ ଓକିଲ ଭାବରେ ନିଯୁକ୍ତ କରାଯାଇଛି।

### ଟ୍ରମ୍ପଙ୍କୁ ଲାଗିଲା ବଡ଼ ଝଟକା
# ଆମେରିକା ନୁହେଁ, ସ୍ୱିଡେନରୁ ବିମାନ କିଣିବ ୟୁକ୍ରେନ

**ନୂଆଦିଲ୍ଲୀ,୨୫।୧୦:** ରୁଷ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନ ତା'ର ବାୟୁସେନାକୁ ଉନ୍ନତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ୟୁକ୍ରେନ ତା'ର ପୁରୁଣା ଯୁଦ୍ଧ ବିମାନକୁ ବଦଳାଇବା ପାଇଁ ୧୫୦ଟି ସାବ ଗ୍ରୀପେନ ଯୁଦ୍ଧ ବିମାନ କିଣିବା ପାଇଁ ସ୍ୱିଡେନ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ସ୍ୱିଡେନର ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନ ଏବଂ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଏହି ଚୁକ୍ତି ଘୋଷଣା କରିଛନ୍ତି।

ସ୍ୱିଡେନ ସରକାରଙ୍କ ଅନୁଯାୟୀ, ୟୁକ୍ରେନକୁ ଯୋଗାଇ ଦିଆଯିବାକୁ ଥିବା ବିମାନ ସଂଖ୍ୟା ୧୦୦ ରୁ ୧୫୦ ମଧ୍ୟରେ ହୋଇପାରେ। କ୍ରିଷ୍ଟରସନ କହିଛନ୍ତି ଯେ, ଏହି ଚୁକ୍ତି ଗ୍ରୀପେନ ସହିତ ଜଡିତ ଏକ ସମ୍ଭାବ୍ୟ ବୃହତ ରପ୍ତାନି ଚୁକ୍ତି ଆଡ଼କୁ ଏକ ପଦକ୍ଷେପ। ଗଣମାଧ୍ୟମ ଅନୁସାରେ, ଏହି ବର୍ଷ ପ୍ରଥମ ଥର ପାଇଁ ଗ୍ରୀପେନକୁ ସିଧାସଳଖ ଯୁଦ୍ଧରେ ବ୍ୟବହାର କରାଯାଇଥିଲା ଯେତେବେଳେ ଥାଇଲ୍ୟାଣ୍ଡ କାମ୍ବୋଡିଆ ସହିତ ଏକ ସଂଘର୍ଷରେ ଲଢୁଆ ବିମାନଗୁଡ଼ିକୁ ନିୟୋଜିତ କରିଥିଲା। ପୂର୍ବରୁ ଗ୍ରୀପେନ ଯୁଦ୍ଧ ବିମାନ ମୁଖ୍ୟତଃ ଏୟାର ପୋଲିସିଂ ପାଇଁ ବ୍ୟବହୃତ ହେଉଥିଲା ଏବଂ ୨୦୨୫ରେ ପୋଲାଣ୍ଡରେ ଆକାଶରେ ପାଟ୍ରୋଲିଂ କରିବା




ପାଇଁ ଏକ ନାଟୋ ମିଶନର ଅଂଶ ଭାବରେ ନିୟୋଜିତ ହୋଇଥିଲା।

ସ୍ୱିଡେନର ଗ୍ରୀପେନ ଯୁଦ୍ଧ ବିମାନ, ଲକହିଡ୍ ମାର୍ଟିନ୍‌ର ଏଫ-୩୫ ଏବଂ ଏଫ-୧୬, ଏବଂ ଡାସଲ୍ଟ ଆଭିଏସନ୍‌ର ରାଫେଲ୍ ଏବଂ ୟୁରୋଫାଇଟର୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରେ। ଗ୍ରୀପେନ ଯୁଦ୍ଧ ବିମାନ ଇ, ଅକ୍ଟୋବରରେ ସ୍ୱିଡିସ୍ ବାୟୁସେନାକୁ ପ୍ରଦାନ କରାଯାଇଥିଲା। ମୋଟ ୨୮୦ରୁ ଅଧିକ ଗ୍ରୀପେନ ଯୁଦ୍ଧ ବିମାନ ବିମାନ ଉତ୍ପାଦନ କରାଯାଇଛି। ଏହାର ସର୍ବାଧିକ ଗତି ପ୍ରାୟ ୨୪୦୦ କିମି/ଘଣ୍ଟା) ରହିଛି। ଏହା ବିଭିନ୍ନ ପ୍ରକାରର ବାୟୁରୁ ବାୟୁ ଏବଂ ବାୟୁରୁ ଭୁପୃଷ୍ଠ ଅସ୍ତ୍ର ବହନ କରିବାକୁ ଅନୁମତି ଦିଏ। ଏହାର ଇନ୍ଧନ କ୍ଷମତା ମଧ୍ୟ ଅଧିକ, ଯାହା ଏହାକୁ ପ୍ରାୟ ୪୦୦୦ କିମି ସର୍ବାଧିକ ପରିସର ପ୍ରଦାନ କରେ। ଗ୍ରୀପେନ ଯୁଦ୍ଧ ବିମାନ ହେଉଛି ସ୍ୱିଡିସ୍ ଏରୋସ୍ପେସ୍ କମ୍ପାନୀ ସାବ୍ ଦ୍ୱାରା ବିକଶିତ ଏକ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ବହୁମୁଖୀ ଯୁଦ୍ଧ ବିମାନ। ଏହାକୁ ଏକ ଚତୁର୍ଥ ପିଢ଼ିର ହାଲୁକା, ଏକକ-ଇଞ୍ଜିନ୍ ସୁପରସୋନିକ୍ ଜେଟ୍ ଭାବରେ ଅଭିହିତ କରାଯାଏ। ଯାହା ଆଧୁନିକ ଯୁଦ୍ଧ ପାଇଁ ଜରୁରୀ କୌଶଳ, କମ ମୂଲ୍ୟ, ଉଚ୍ଚ ଉପଲବ୍ଧତା ଏବଂ ଉନ୍ନତ ସେନ୍ସର ଫ୍ୟୁଜନ୍ ପ୍ରଯୁକ୍ତିର ଏକ ଶକ୍ତିଶାଳୀ ମିଶ୍ରଣ ପ୍ରଦାନ କରେ।

## ମହିଳାଙ୍କୁ ୬ ଲକ୍ଷ ଠକି ୨ ଗିରଫ

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଟାଉନ ପୋଲିସ ଦୁଇଜଣ ଠକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖବର ନେବାରୁ ଜଣାପଡ଼ିଛି ଯେ, ଜଗତସିଂହପୁର ବିରିଡି ଗ୍ରାମର ବୃନ୍ଦାବନ ମହାପାତ୍ରଙ୍କ ପୁଅ ବିଶ୍ୱଜିତ ମହାପାତ୍ର(୪୩) ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କେରଡ଼ାଗଡ଼ ରାଜପୁର ଗ୍ରାମର ଅମୂଲ୍ୟ ପାତ୍ରଙ୍କ ପୁଅ ସମୀର ପାତ୍ର(୨୫) ନାମକ ଦୁଇ ଜଣ ଯୁବକ କିଛି ସଂଖ୍ୟାଲଘୁ ମହିଳାଙ୍କୁ ସଲାସୁତୁରା କରି ଲୋଭ ଦେଖାଇ ସେମାନଙ୍କ ଠାରୁ ମୁଣ୍ଡପିଛା ୪ ହଜାର ଲେଖା ଟଙ୍କା ୧୬୫ ଜଣ ମହିଳା ମାନଙ୍କଠାରୁ ଆଦାୟ କରିବା ପରେ ପ୍ରତି ମାସରେ ୨ ହଜାର ଲେଖା ଟଙ୍କାର ୧୪ ମାସ ପର୍ଯ୍ୟନ୍ତ ରାସନ ସାମଗ୍ରୀ ପ୍ରତ୍ୟେକ ଲୋକଙ୍କୁ ଦେବାକୁ କହି ମାତ୍ର ୩ ମାସର ରାସନ ଦେଇ ଚଞ୍ଚକତା ପୂର୍ବକ ପାଖା ପାଖି ୬ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହେବା ପରେ ଗତକାଲି ରାତିରେ ଟାଉନ ଥାନା ଅଧିକାରୀ ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ଏ.ଏସ.ଆଇ ବୃନ୍ଦାବନ ବେହେରା ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀ ମାନଙ୍କ ଗ୍ରହଣରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ଭୁବନେଶ୍ୱରରୁ ଚଢ଼ାଉ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଣି ଥାନାରେ ଅଟକ ରଖି ବହୁ ପଚରା ଉଚରା ପରେ ଅଭିଯୁକ୍ତ ମାନେ ନିଜ ନିଜର ଦୋଷ ସ୍ୱୀକାର କରିଥିଲେ।

## ଗୋଚାଲାଣ ମାମଲାରେ ୫ ଗିରଫ

**ଜୟପୁର, ୨୫।୧୦ (ସଂଚାର ବ୍ୟୁରୋ):** ଗତକାଲି ଜାତୀୟ ରାଜପଥରୁ ବେଆଇନ ଗୋରୁ ବୋଝେଇ ଗାଡି ଚାଲାଣ କରୁଥିବା ମାମଲାରେ ଆଜି ଜୟପୁର ସଦର ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପାପଡ଼ାହାଣ୍ଡି ଅଞ୍ଚଳର କୁନା ହରିଜନ, ଦେବରାଜ ନାଗ, ନୂଆଗାଁ ଅଞ୍ଚଳର ଟୁନା ହରିଜନ ଓ ତେଲଙ୍ଗାନା ଅଞ୍ଚଳର ରାପାଲୁ ନାଗରାଜୁ ଓ ଅନ୍ଧାଟି ଅଞ୍ଜହେ। ପୁଲିସ ସୂଚନା ଅନୁଯାୟୀ ଗତକାଲି ଏହି ୫ଜଣ ଏକ ଟ୍ରକରେ ନବରଙ୍ଗପୁର ଅଞ୍ଚଳରୁ ଭଦ୍ରାଞ୍ଚଳମ ଯାଉଥିବା ସମୟରେ ତେଲିଗୁଡା ନିକଟରେ ସଦର ପୁଲିସ ପେଟ୍ରୋଲିଂ କରୁଥିବା ସମୟରେ ଗାଡି ଜବତ କରିଥିଲା। ଜୟପୁର ସହରର ଯୁବକ ସିଦ୍ଧାର୍ଥ ପାତ୍ର, ଶିବ ପ୍ରସାଦ ଗୌଡ, ବିଶ୍ୱନାଥ ନନ୍ଦ, ଚନ୍ଦନ ପାଣିଗ୍ରାହୀ ଓ ଗୁପ୍ତେଶ ରଥ ଏକ ତେଲେଙ୍ଗାନା ରେଜିଷ୍ଟ୍ରେସନ ଗାଡିରେ ଗୋ ଚାଲାଣ ହେଉଥିବା ଖବର ପାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଗୋଚାଲାଣ ଗାଡିକୁ ଅଟକ ରଖି ଯାଞ୍ଚ କରି ଜବତ କରିଥିଲା। ସେଥିରେ ମୋଟ ୩୭ଟି ଗୋରୁ ଥିବା ପୁଲିସ ସୂଚନା ଦେଇଛି। ୩୭ଟି ଗୋରୁ ମଧ୍ୟରୁ ୫ଟି ମରିଯାଇଥିବା ବେଳେ ୨୫ଟି ବଳଦ ଓ ୭ଟି ଗାଈ ବର୍ତ୍ତମାନ ସୂନାନଗର ଅଞ୍ଚଳରେ ଥିବା ପେ?ରପାଲିକା ଗୋଶାଳାରେ ରଖାଯାଇଛି। ସେଥିମଧ୍ୟରୁ ୨ଟି ଗାଈଙ୍କର ଅବସ୍ଥା ସଙ୍କଟାପନ୍ନ ହୋଇ ରହିଛି ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧନ ସୂଚନା ଦେଇଛନ୍ତି।

## ପିକ୍ଅପ୍ ଭ୍ୟାନ ସହ ୧୮୯ କେଜି ଗଞ୍ଜେଇ ଜବତ

**ମାଲକାନଗିରି, ୨୫।୧୦ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ମାଥିଲି ଥାନା ପୋଲିସକୁ ମିଳିଛି ଗଞ୍ଜେଇ ଚୋରା ଚାଲାଣ ରୋକିବାରେ ବଡ଼ ସଫଳତା। ୩୨୬ନମ୍ବର ଜାତୀୟ ରାଜପଥର ସଲପପଦର ଠାରେ ଜବତ ହୋଇଛି ଗଞ୍ଜେଇ ଚୋରାଚାଲାଣ ହେଉଥିବା ପିକଅପ୍ ଭ୍ୟାନ। ମାଥିଲି ଥାନା ଅଧିକାରୀଣୀ ଦିପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ମାଥିଲି ଥାନା ଏସ ଆଇ ସବିତା ମାଝୀ, ଏ ଏସଆଇ ସଦାଶିବ ପୂଜାରୀ ଓ ତାଙ୍କ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ମାଲକାନଗିରି ପଟୁ ଓଆର ୧୦ଏଫ ୪୫୬୮ନମ୍ବର ଏକ ପିକ୍ଅପ୍ ଭ୍ୟାନ ଦ୍ରୁତ ଗତିରେ ମାଥିଲି ଅଭିମୁଖେ ଆସୁଥିବା ଦେଖି ମାଥିଲି ପୋଲିସ ସଲପପଦର ଠାରେ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସକୁ ଦେଖି ପିକ୍ଅପ୍ ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗୀ ସେଠାରୁ ଦୌଡ଼ି ପଳାଇବାରେ ସଫଳ ହୋଇଥିଲେ। ପୋଲିସ ଗାଡିଟିକୁ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ରହିଥିବା ଜାଣିବାକୁ ପାଇଥିଲେ। ମାଥିଲି ତହସିଲଦାର ମାନସୀ ଭୋଇଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିଥିଲେ ସେଥିରେ ୧୮୯ କି.ଗ୍ରା ଗଞ୍ଜେଇ ରହିଥିବା ଜଣାପଡ଼ିଥିଲା।

## ୫ ଲକ୍ଷ ଟଙ୍କାର ସୁନା ଓ ନଗଦ ଟଙ୍କା ଲୁଟ୍

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରଞ୍ଚଳ ଅନ୍ତର୍ଗତ ଜଇପୁରା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘର ମାଲିକ ଘରେ ଶୋଇଥିବା ସମୟରେ ଚୋର ଘର ଭିତରେ ପଶି ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ନଗଦ ୭୦ ହଜାର ଟଙ୍କା ନେଇଯାଇଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଜଇପୁରା ଗ୍ରାମର ମହମ୍ମଦ ବସିଦ୍ ଖାନ୍ ଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋର ଘର ଭିତରେ ପଶି ଦୁଇହଳ କାନଫୁଲ, ସୁନାଚେନ୍, ସୁନା ମୁଦି ଓ ରୁପା ଗହଣା ସହିତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି।

## ଛଠ୍ ପୂଜାର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ



**ନୂଆଦିଲ୍ଲୀ, ୨୫।୧୦ (ସଂଚାର ବ୍ୟୁରୋ):** ପବିତ୍ର ଛଠ୍ ପୂଜାର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସୂର୍ଯ୍ୟ ଉପାସନା ଓ ଲୋକ ଆସ୍ଥାର ମହାପର୍ବ ଛଠ ପୂଜାର ପ୍ରଥମ ଉପବାସ 'ନହାୟ-ଖାୟ' ଅବସରରେ ସମସ୍ତ ବିହାରବାସୀ ଓ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଆସ୍ଥା, ତପସ୍ୟା ଓ ପବିତ୍ରତାର ଏହି ପର୍ବ ସୂର୍ଯ୍ୟଦେବ ଓ ଛଠି ମା'ଙ୍କ ଆରାଧନା ମାଧ୍ୟମରେ ପ୍ରତ୍ୟେକ ଲୋକଙ୍କ ଜୀବନରେ ଆଲୋକ, ଉତ୍ତମ ସ୍ୱାସ୍ଥ୍ୟ ଓ ପରିବାରର ମଙ୍ଗଳକାମନାର ସନ୍ଦେଶ ନେଇ ଆସୁ। ଏହି ପବିତ୍ର ଅବସରରେ ସୂର୍ଯ୍ୟଦେବ ଓ ଛଠି ମାଆଙ୍କ ଦିବ୍ୟ ଆଶୀର୍ବାଦ ସର୍ବଦା ସମସ୍ତ ଉପବାସୀ ଓ ଭକ୍ତମାନଙ୍କ ଉପରେ ରହୁ।

● ସରକାରୀ ଜମିରେ ଚାଷ କାମ

## ଦୁଇ ଗ୍ରାମର ଲୋକେ ମୁହାଁମୁହିଁ

**ଗଞ୍ଜାମ, ୨୫।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ସରକାରୀ ଜମିରେ ଚାଷ କରିବାକୁ ନେଇ ଦୁଇ ଗ୍ରାମର ଲୋକେ ମୁହାଁମୁହିଁ ହୋଇଛନ୍ତି। ସାନଖେମୁଣ୍ଡି ତହସିଲ୍ ର ସାମନ୍ତରାପୁର ଓ ବଡାଗଡ଼ ଗ୍ରାମ ମଧ୍ୟରେ ବିବାଦ ଦେଖାଦେଇଛି। ଚାଷ କରୁଥିବା ବେଳେ ବିରୋଧ କରି ବଡାଗଡ଼ ଗ୍ରାମବାସୀଙ୍କୁ ଅଟକ ରଖିଥିଲେ ସାମନ୍ତରାପୁର ଗ୍ରାମବାସୀ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଛି ପୋଲିସ।

## ଟ୍ରେନ୍ ଧକ୍କାରେ ମହିଳା ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ଛତ୍ରପୁର, ୨୫।୧୦ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଛତ୍ରପୁର ଟ୍ରେନ୍ ଧକ୍କାରେ ଜଣେ ମହିଳା ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ମତ୍ସ୍ୟଜୀବୀ ଜଣକ ହେଲେ ଛତ୍ରପୁର ବ୍ଲକ ଅନ୍ତର୍ଗତ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ବି. ଦାନାମ୍ମା ବୋଲି (୫୬) ବୋଲି ସୂଚନା ମିଳିଛି। ଦାନାମ୍ମା ଛତ୍ରପୁରରୁ ବାଲୁଗାଁ ମାଛ ବିକ୍ରି କରିବାକୁ ଯିବା ପାଇଁ ଛତ୍ରପୁର ଷ୍ଟେଶନ ଆସିଥିବା ବେଳେ ପଛପଟୁ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ରେଲୱେ ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ କ୍ଷତିପୂରଣ ପ୍ରଦାନ ପାଇଁ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ଯୁବନେତା ଏନ. ଦୀନବନ୍ଧୁ ଓ କେ. ଦାଶରଥିଙ୍କ ସମେତ ଗ୍ରାମବାସୀ ଓ ପରିବାରବର୍ଗ ଦାବି କରିଛନ୍ତି।

ରୋହିତଙ୍କ ଶତକ, ଫର୍ମକୁ ଫେରିଲେ କୋହଲି

# ସିଡ୍ନୀରେ ଭାରତର ଧମାକାଦାର ବିଜୟ

**ସିଡନୀ,୨୫।୧୦:** ଐତିହାସିକ ସିଡନୀ କ୍ରିକେଟ୍ ଗ୍ରାଉଣ୍ଡରେ ଗର୍ଜିଲା ରୋହିତ ଶର୍ମାଙ୍କ ବ୍ୟାଟ୍। କୋହଲି ବି ଖେଳିଲେ ଦମଦାର ଇନିଂସ। ରୋହିତଙ୍କ ଅପରାଜିତ ଶତକ ଓ କୋହଲିଙ୍କ ଅପରାଜିତ ଅର୍ଦ୍ଧଶତକ ଦମରେ ତୃତୀୟ ଦିନିକିଆକୁ ସଜରେ ୯ ୱିକେଟରେ ଜିତି ନେଇଛି ଭାରତ। ତଥାପି ଅଷ୍ଟ୍ରେଲିଆ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ୨-୧ରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୩୬ ରନ କରିଥିଲା। ଜବାବରେ ରୋହିତଙ୍କ ଅପରାଜିତ ୧୨୧ ରନ ଓ ବିରାଟଙ୍କ ଅପରାଜିତ ୭୪ ରନ ବଳରେ ୩୮.୩ ଓଭରରେ ଭାରତ ମ୍ୟାଚ୍ ଜିତି ନେଇଛି। ୨୩୭ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତକୁ ଦୁଇ ଓପନର ରୋହିତ ଶର୍ମା ଓ ଶୁଭମନ ଗିଲ୍ ଭଲ ଆରମ୍ଭ ଦେଇଥିଲେ। ଦୁଇ ବ୍ୟାଟର ୧୦.୨ ଓଭରରେ ୬୯ ରନ ଯୋଡ଼ି ଭାରତ ବିଜୟର ମୂଳଦୁଆ ପକାଇଥିଲେ। ଶୁଭମନ ଗିଲ୍ ୨୪



ରନ କରି ଆଉଟ୍ ହୋଇଥିଲେ। ଏହା ପରେ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ ରୋହିତ ଓ ବିରାଟ କୋହଲି। ଦୁଇ ବ୍ୟାଟର ନିଜର ଚିରାଚରିତ ଶୈଳୀରେ ବ୍ୟାଟିଂ କରିଥିଲେ। ରୋହିତ ଗତ ମ୍ୟାଚର ଫର୍ମକୁ ବଜାୟ ରଖିଥିବା ବେଳେ କୋହଲି ମଧ୍ୟ ଭଲ ଟଚ୍‌ରେ ନଜର ଆସିଥିଲେ। ଦୁହେଁ ଅଷ୍ଟ୍ରେଲିଆ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଦଳର ସ୍କୋରକୁ ଆଗେଇ ନେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ରୋହିତଙ୍କ ଏହା ୫୦ତମ ଶତକ। କୋହଲି ମଧ୍ୟ ଚମତ୍କାର ବ୍ୟାଟିଂ କରି ଦିନିକିଆରେ ୭୫ତମ ଅର୍ଦ୍ଧଶତକ ପୂରଣ କରିଥିଲେ। ଦୁଇ ବ୍ୟାଟରଙ୍କ ଆଗରେ ଅସହାୟ ନଜର ଆସିଥିଲେ କଙ୍ଗାରୁ ବୋଲର। ରୋହିତ ଶତକ ହାସଲ ପରେ ଦ୍ରୁତ ବ୍ୟାଟିଂ କରିଥିଲେ। ଏହା ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୬.୪ ଓଭରରେ ୨୩୬ ରନରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ମ୍ୟାଟ୍ ରେନଶ ସର୍ବାଧିକ ୫୬ ରନ କରିଥିବା ବେଳେ ମିଚେଲ୍ ମାର୍ଶ ୪୧ ରନ, ମାଥ୍ୟୁ ସର୍ଟ ୩୦ ରନ କରିଥିଲେ। ଆଲେକ୍ସ କେରି ୨୪ ଓ କୁପର କନୋଲି ୨୩ ରନ କରିଥିଲେ। ଭାରତ ପକ୍ଷରୁ ହର୍ଷିତ ରାଣା ଶାଣିତ ବୋଲିଂ କରି ୩୯ ରନ ଦେଇ ୪ ୱିକେଟ୍ ନେଇଛନ୍ତି। ୱାଶିଂଟନ ସୁନ୍ଦରଙ୍କୁ ଦୁଇଟି ୱିକେଟ୍ ମିଳିଛି। ସିରାଜ, ପ୍ରସିଦ୍ଧ, କୁଲଦୀପ ଓ ଅକ୍ଷର ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି।

୨ ନାବାଳିକା ଅପହରଣରୁ ଯୁବକକୁ ଆକ୍ରମଣ ଘଟଣା

## ୯ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ମାଲକାନଗିରି, ୨୫।୧୦ (ସଂଚାର ବ୍ୟୁରୋ):** ୨ ନାବାଳିକା ଅପହରଣକୁ ନେଇ ଗ୍ରାମବାସୀ ଅଭିଯୁକ୍ତକୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କାଲିମେଲା ପୋଲିସ୍। ସୂଚନା ମୁତାବକ ଗତ ୧ ତାରିଖରେ ଏମପିଭି-୩୩ ଗାଁର ବିକ୍ରମ ରାୟ (୨୪) ଓ ବିକ୍ରମ ହାଲଦାର (୨୨) ପଟେରୁ ଫାଣ୍ଡି ବଦଳି ପାୟତର ଏକ ଗାଁର ୨ ଜଣ ନାବାଳିକାଙ୍କୁ ଫୋନ୍‌ରେ ଯୋଗାଯୋଗ କରି ଗାଁରୁ କେଉଁଆଡକୁ ନେଇଯାଇଥିଲେ। ପରେ ଝିଅ ଓ ପୁଅମାନେ ନିଖୋଜ ହୋଇ ଯାଇଥିବା ସମ୍ପର୍କରେ ଉଭୟ ଗାଁର ପରିବାର ଲୋକେ ଖବର ପାଇ ଖୋଜାଖୋଜି କରିଥିଲେ। ତେବେ ପୁଅଙ୍କ ପରିବାର ସନ୍ଧାନ ପାଇ ପଡୋଶୀ ଛତିଶଗଡ଼ର ଜଗଦଲପୁରରୁ ଏକ ଗାଡିରେ ସମସ୍ତଙ୍କୁ ଗାଁକୁ ନେଇ ଆସିଥିଲେ। ଏହାପରେ ଗତ ୪ ତାରିଖରେ ଏହି ଘଟଣାର ସମାଧାନ ପାଇଁ ଉଭୟ ଗାଁର ଲୋକେ ଏକ ବୈଠକ ଆୟୋଜନ କରିଥିଲେ। ଝିଅ ଗାଁର ୩୦ ଜଣ ଏମପିଭି-୩୩ ଗାଁରେ ପହଞ୍ଚି ଅପରହଣ କରିଥିବା ୨ ଯୁବକକୁ ବୈଠକକୁ ଡାକିବାକୁ କହିଥିଲେ। ତେବେ ଉଭୟ ଯୁବକ ବୈଠକକୁ ଆସିବା ପରେ ଝିଅ ଗାଁର ଲୋକେ ସେମାନଙ୍କୁ ନିସ୍ତୁକ ମାଡ ମାରିଥିଲେ। ଗ୍ରାମବାସୀଙ୍କ ମାଡରେ ବିକ୍ରମ ହାଲଦାର ଗୁରୁତର ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୁଲିସ ପହଞ୍ଚି ଗୁରୁତର ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ଏମଭି-୫୫ ସ୍ୱାସ୍ଥ୍ୟକେନ୍ଦ୍ର ପରେ ମାଲକାନଗିରି, କୋରାପୁଟ, ବ୍ରହ୍ମପୁର ଓ ଶେଷରେ ବିଶାଖାପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଯୁବକଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କ ମା' ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତିକରି କାଲିମେଳା ପୋଲିସ୍ ପ୍ରଥମେ ୭ ଜଣ ଏବଂ ବର୍ତ୍ତମାନ ପୁଣି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

ମୟୂରଭଞ୍ଜ ପାଇଁ ପୁଣି ଲଜ୍ଜା

## ଦୁଇ ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ, ୨ ଅଟକ

**ବାରିପଦା, ୨୫।୧୦ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାରେ ପୁଣି ଲଜ୍ଜାଜନକ ଘଟଣା ଘଟିଯାଇଛି। ଦୁଇ ଆଦିବାସୀ ନାବାଳିକା ଗଣଦୁଷ୍କର୍ମ ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାଟି ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଘଟିଯାଇଛି। ଯାହାକି ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁଇ ନାବାଳିକାଙ୍କ ମଧ୍ୟରୁ ଜଣେ ଅଷ୍ଟମ ଓ ଜଣେ ନବମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ଗଣଦୁଷ୍କର୍ମ ଅଭିଯୋଗରେ ଦୁଇ ଜଣ ଥାନାରେ ଅଟକ ରଖାଯାଇଛି। ଦୁଇ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ପୁର୍ଣ୍ଣଚନ୍ଦ୍ରପୁର ଗ୍ରାମର ବୋଲି ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତକୁ ପୁଲିସ ଖୋଜିବା ଜାରି ରଖିଛି। ଏହି ଘଟଣାରେ ୭/୮ ଜଣ ସମ୍ପୃକ୍ତ ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରଖିଛନ୍ତି।

## ମା'ର ଯନ୍ତ୍ରଣା ସହିନପାରି ପୁଅର ଆତ୍ମହତ୍ୟା ; ମିଳିଲା ମୃତଦେହ

**ସମ୍ବଲପୁର, ୨୫।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ମହାଲକ୍ଷ୍ମୀନଗର ପଡ଼ାର ୨୨ ବର୍ଷୀୟ ଯୁବକ ସମ୍ବିତ ତ୍ରିପାଠୀ ନିଜର ମା'ଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମସାରରେ ଭର୍ତ୍ତି କରିଥିଲେ। ଚିକିତ୍ସା ସତ୍ତ୍ୱେ ତାଙ୍କ ମା'ର ରୋଗ ଜନିତ କଷ୍ଟ ଲାଘବ ହୋଇନଥଲା। ଏଥିରେ ସେ ଅତ୍ୟନ୍ତ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିଲେ ଏବଂ ବରଦାସ୍ତ କରି ପାରିନଥିଲେ। ଗତ ୨୨ ତାରିଖରେ ନିଜ ମା'ଙ୍କ ମୋବାଇଲକୁ ଏକ ଭାବ ବିହ୍ୱଳ ବାର୍ତ୍ତା ଦେଇ ହସ୍ପିଟାଲ ପରିସରରୁ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ସନ୍ଧାନ ଆତ୍ମୀୟ ସ୍ୱଜନ ନ ପାଇ ବୁର୍ଲା ଥାନାରେ ନିଖୋଜ ସଂକ୍ରାନ୍ତରେ ଜଣାଇଥିଲେ।

ନିଖୋଜ ମାମଲା ଭିତିରେ ବୁର୍ଲା ପୁଲିସ ମୋବାଇଲ ବାର୍ତ୍ତା ଆଧାରରେ ଅଗ୍ନିଶମ ବାହିନୀ ସହାୟତାରେ ପାୱାର ଚେନାଲରେ ଖୋଜିବା ପରେ ତାଙ୍କର ଗଳିତ ଶବକୁ ଆଜି ଉଦ୍ଧାର କରାଯାଇଛି। ପରିବାରବର୍ଗ ଶବ ଚିହ୍ନଟ କରିବା ପରେ ପୁଲିସ ପଞ୍ଚନାମା ସହିତ ଶବ ଡାକ୍ତରୀ ମାଇନା ଭିମସାରରେ କରାଇ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର ବ୍ୟବସ୍ଥା କରିଛି।

ମା' ଦୁଃଖରେ ମ୍ରିୟମାଣ ପୁଅର ସଲିଳ ସମାଧି ଏଭଳି ଏକ ହୃଦୟବିଦାରକ ଘଟଣା ସମସ୍ତଙ୍କୁ ସ୍ତବ୍ଧ ଓ ଚକିତ କରିଦେଇଛି। ଭିମସାରରେ କୀଡନି ଜନିତ ରୋଗରେ ପୀଡିତ ମା'ଙ୍କ ଯନ୍ତ୍ରଣା ଦେଖି ଅସହ୍ୟ ହୋଇ ପଡ଼ିଥିଲା ୨୨ ବର୍ଷର ପୁଅ ସୌରଭ ସମ୍ବିତ ତ୍ରିପାଠୀ। ଶେଷରେ ବୁର୍ଲା ପାୱାର କେନାଲରେ ଡେଇଁ ଜୀବନ ହାରିଛି ପୁଅ ସୌରଭ ସମ୍ବିତ ତ୍ରିପାଠୀ। ଯୁବକ ଜଣକ ବଲାଙ୍ଗିର ଜିଲ୍ଲା ମହାଲକ୍ଷ୍ମୀନଗରପଡ଼ାର ବୋଲି ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୬ ମାସରେ...

୪୦୧୯ କୋଟି ୫୩ ଲକ୍ଷ ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ପ୍ରସ୍ତାବିତ ମୋଟ ୩୩ଟି ପ୍ରକଳ୍ପ ଅନୁଗୁଳ, ଢେଙ୍କାନାଳ, କଟକ, ବଲାଙ୍ଗିର, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ପରି ୧୪ଟି ଜିଲ୍ଲାରେ ପ୍ରତିଷ୍ଠା ହେବ। ଗତ ୫୦୦ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ ଓ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ବୈଠକ ଜରିଆରେ ମୋଟ ୩୩୦ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହିସବୁ ପ୍ରକଳ୍ପ ଜରିଆରେ ରାଜ୍ୟରେ ୭.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହାଦ୍ୱାରା ୪.୭ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାବାଦ୍ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ୭୬ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ପଡ଼ିସାରିଥିବା ବେଳେ ୮ଟି ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ ହୋଇସାରିଛି। କାର୍ଯ୍ୟକ୍ଷମ ହୋଇଥିବା ଏହିସବୁ ପ୍ରକଳ୍ପ ଜରିଆରେ ମୋଟ ୨ ଲକ୍ଷ ୪ ହଜାର କୋଟି ଟଙ୍କା ନିବେଶ ହୋଇଛି।

ଆଜି ମଞ୍ଜୁରୀ ପାଇଥିବା ପ୍ରକଳ୍ପ ମଧ୍ୟରେ ସୁନ୍ଦରଗଡ଼ରେ କେମିକାଲ ଶିଳ୍ପ ପାଇଁ ୮୪ ହଜାର କୋଟି ଟଙ୍କା ନିବେଶ କରିବ ଆଦାନୀ ଏଣ୍ଟରପ୍ରାଇଜେସ୍। ସେହିଭଳି ଅନୁଗୁଳରେ ଜିନ୍ଦଲ ପାୱାର ପକ୍ଷରୁ ୧୪ ହଜାର ୮୦୦ କୋଟି ଟଙ୍କା ନିବେଶ କରାଯିବ। ଆହୁରି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ସମ୍ବଲପୁର ଜିଲ୍ଲାରେ ଏକ ଆଲୁମିନିୟମ ଶିଳ୍ପ ପାଇଁ ୧୦ ହଜାର ୫୧୭ କୋଟି ଟଙ୍କା ନିବେଶ କରିବାକୁ ଥିବା ବେଳେ କେନ୍ଦ୍ରାପଡାରେ ଆକମେ ଏନର୍ଜି ପ୍ରାଇଭେଟ ଲିମିଟେଡ ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆ ପ୍ରକଳ୍ପ ପାଇଁ ୨୩୪୪ କୋଟି ଟଙ୍କା ନିବେଶ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୫୦୦ ଦିନ ମଧ୍ୟରେ ବିକାଶକୁ ଗୁରୁତ୍ୱ ଦେଉଥିବା ମୋହନ ସରକାର ରାଜ୍ୟରେ ଦ୍ରୁତ ଶିଳ୍ପାୟନକୁ ଆଗେଇ ନେଉଥିବାରୁ ରାଜ୍ୟର ଅର୍ଥନୈତିକ ବିକାଶ ସାଙ୍ଗକୁ ଲୋକଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହୋଇପାରିଛି।

## ୨୮ରେ...

ବଙ୍ଗୋପସାଗର ଉପରେ ଥିବା ଅବପାତ ଘଣ୍ଟା ପ୍ରତି ୭ କିମି ବେଗରେ ପଶ୍ଚିମ ଆଡ଼କୁ ଅଗ୍ରସର ହେଉଛି। ଏହା ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆସନ୍ତାକାଲି ଗଭୀର ଅବପାତରେ ପରିଣତ ହେବ। ୨୭ ତାରିଖ ସୋମବାର ସକାଳେ ଏହା ଦକ୍ଷିଣ ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ରେ ପରିଣତ ହେବ। ପରେ ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ମଙ୍ଗଳବାର ସକାଳ ସୁଦ୍ଧା ଏକ ଭୟଙ୍କର ବାତ୍ୟାରେ ପରିଣତ ହେବ। ପରେ ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ସନ୍ଧ୍ୟାରୁ ରାତି ମଧ୍ୟରେ କାକିନାଡା ପାଖାପାଖି ଆନ୍ଧ୍ରପ୍ରଦେଶର ଉପକୂଳ ମଛଲିପଟ୍ଟନମ୍ ଓ କଳିଙ୍ଗପଟ୍ଟନମ୍ ମଧ୍ୟରେ ଏକ ଭୟଙ୍କର ବାତ୍ୟା ଭାବେ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ବେଗ ୧୧୦ କିମି ପର୍ଯ୍ୟନ୍ତ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆଇଏମଡି ପକ୍ଷରୁ କୁହାଯାଇଛି।

ଏହି ବାତ୍ୟା ପ୍ରଭାବରେ ଓଡ଼ିଶାର ଦକ୍ଷିଣାଞ୍ଚଳର ୫ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡା ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହ ଉପକୂଳର ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟ ପ୍ରଭାବିତ ହେବ। ବାତ୍ୟାଜନିତ ବର୍ଷା ପରିପ୍ରେକ୍ଷୀରେ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିରେ ପ୍ରଶାସନ ସଜାଗ ରହିବାକୁ କୁହାଯାଇଛି। ଏଥିପାଇଁ ୪ ଜିଲ୍ଲା ଗଞ୍ଜାମ, କେନ୍ଦ୍ରାପଡା, ବାଲେଶ୍ୱର ଓ ମାଲକାନଗିରି ଜିଲ୍ଲାରେ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଆଦେଶ ଅନୁସାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ, ଆଜିଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ କୌଣସି ଅଧିକାରୀ ମୁଖ୍ୟାଳୟ ଛାଡି ଯାଇପାରିବେ ନାହିଁ। କେବଳ ବିଶେଷ ପରିସ୍ଥିତିରେ ଜିଲ୍ଲାପାଳଙ୍କ ଅନୁମତି ପରେ ହିଁ ଛୁଟି ମିଳିପାରିବ ବୋଲି ଉକ୍ତ ଆଦେଶରେ ଉଲ୍ଲେଖ ରହିଛି। ସେହିପରି ବାଲେଶ୍ୱର ଜିଲ୍ଲାପାଳଙ୍କ ଆଦେଶରେ ମଧ୍ୟ ସମସ୍ତ ଛୁଟି ବାତିଲ୍ ହୋଇଛି। ସମସ୍ତ ଅଧିକାରୀଙ୍କୁ ମୁଖ୍ୟାଳୟରେ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଅଧିକାରୀ ଜିଲ୍ଲାପାଳଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତାକାଲିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏହାଛଡ଼ା ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଥିବା ବେଳେ ରିପୋର୍ଟ ଲେଖା ହେବା ବେଳକୁ 'ମୋନ୍ଥା' ଗୋପାଳପୁରଠାରୁ ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ୧୦୪୦ କିମି ଦୂରରେ ରହିଛି।

ଅନ୍ୟପକ୍ଷରେ ବାତ୍ୟାଜନିତ ପରିସ୍ଥିତିର ମୁକାବିଲା ପାଇଁ ଆଜି ରାଜସ୍ୱ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ରାଜୀବ ଭବନଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଶ୍ରୀ ପୂଜାରୀ କହିଛନ୍ତି 'ମୋନ୍ଥା' ପ୍ରଭାବରେ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏଥିରେ ପାଖାପାଖି ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ସରକାର ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ଅଛନ୍ତି ଓ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସରକାର କୃଷି, ଜଳସମ୍ପଦ, ଶକ୍ତି, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ସମବାୟ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରସ୍ତୁତି ଜାରି ରଖିଛନ୍ତି। ରାଜ୍ୟର ତଳିଆ ଓ ଜଳମଗ୍ନ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ସେଠାରେ ଖାଦ୍ୟ ପଦାର୍ଥ, ପାନୀୟ ଜଳ, ଗୋଖାଦ୍ୟ, ଆବଶ୍ୟକୀୟ ଔଷଧ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡ଼ିଲେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ। ସରକାର ଧନଜୀବନ ରକ୍ଷା ସହ ସମ୍ପତ୍ତିର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଏବେ ଭୂସ୍ଖଳନ ଓ ସହରୀ ବନ୍ୟା ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ଶ୍ରୀ ପୂଜାରୀ କହିବା ସହ କେହି ବି ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ବାତ୍ୟାପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ଏଥିସହ ସେ ଜନସାଧାରଣ କୌଣସି ଗୁଜବରେ ବିଶ୍ୱାସ ନ କରି କେବଳ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବାତ୍ୟା ସମ୍ପର୍କିତ ସୂଚନାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସରକାର ନିରନ୍ତର ବାତ୍ୟା ସମ୍ପର୍କିତ ସୂଚନା ଜାରି କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ଶ୍ରୀ ସିଂ କହିଛନ୍ତି।

## ପୂର୍ବ ଭାରତରେ...

ମଞ୍ଜୁରୀ ଦେଇଛି। ପୂର୍ବରୁ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ୨୦୨୮-୨୯ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ 'କୁକୁଟ ଉନ୍ନୟନ' ଉପ-ଯୋଜନା କାର୍ଯ୍ୟକାରୀ ପାଇଁ ଅନୁମୋଦନ ମିଳିଥିଲା। ବର୍ତ୍ତମାନ ଉପ-ଯୋଜନା 'କ୍ଷୁଦ୍ର ପ୍ରାଣୀ ଉନ୍ନୟନ' ଯୋଜନାକୁ ବି ମଞ୍ଜୁରୀ ମିଳିଛି। ଏହି ଯୋଜନାରେ ୪ ବର୍ଷ ପାଇଁ ୨୦୨୫-୨୬ ରୁ ୨୦୨୮-୨୯ ପର୍ଯ୍ୟନ୍ତ ମୋଟ ୧୨୯୪.୩୬ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବ। ଏହି ଯୋଜନା ଦ୍ୱାରା ପ୍ରାୟ ୨୩,୭୩୫ କୃଷକ (ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମେତ) ଉପକୃତ ହେବେ।

ଆଗାମୀ ୧୦ ବର୍ଷ ପାଇଁ ୨୦୦ଟି ଇ-ବସ୍ ପରିଚାଳନା ପ୍ରକଳ୍ପ ନିମନ୍ତେ ମୋଟ ୯୫୨.୫୬ କୋଟି ଟଙ୍କା କ୍ୟାବିନେଟରେ ଅନୁମୋଦନ ପାଇଛି। ପ୍ୟାକେଜ-୮ରେ କେଉଁଝର (୨୫), ବାରିପଦା (୨୫) ଓ ବ୍ରହ୍ମପୁର (୫୦) ପାଇଁ ୧୦୦ଟି ବସ୍ ଅନ୍ତର୍ଭୁକ୍ତ ରହିଛି। ସେପରି ପ୍ୟାକେଜ୍ ୯ରେ ଅନୁଗୁଳ (୨୫), ଝାରସୁଗୁଡ଼ା (୨୫) ଏବଂ ସମ୍ବଲପୁର (୫୦) ପାଇଁ ୧୦୦ଟି ବସ୍ ରହିଛି। ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପ୍ରମୁଖ ୬ଟି ସହରରେ ବସ୍ ଚାର୍ଜିଂ, ଡିପୋ ଭିତ୍ତିଭୂମି ନିର୍ମାଣ ଓ ଏହାର ବ୍ୟାପକ ପରିଚାଳନା, ରକ୍ଷଣାବେକ୍ଷଣ କ୍ଷେତ୍ରରେ କାର୍ଯ୍ୟକାରୀ ହେବ। ଯାହାଦ୍ୱାରା ସହରୀ ବିକାଶ ଓ ସହରାଞ୍ଚଳ ପରିବହନ ସେବାରେ ଉନ୍ନତି ଆଣିହେବ। ଏହି ଯୋଜନା 'ବିକଶିତ ଓଡିଶା', 'ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତ' ଏବଂ ଭିଜନ୍ ୨୦୪୭ ସୁଦ୍ଧା ଏକ ପୂର୍ଣ୍ଣାଙ୍ଗ ବିକଶିତ ରାଜ୍ୟ ଗଠନ ଦିଗରେ ଏକ ବିଶେଷ ପଦକ୍ଷେପ। ସେହିପରି କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏବେ ଦୈନିକ ପ୍ରାୟ ୩ ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରୁଆସୁଛି। ଏନେଇ ବିଭିନ୍ନ ରୁଟ୍‌ରେ ୬୭୦ଟି 'ଆମ ବସ୍' ଚଳାଚଳ କରୁଛି। ଆଜିର ଦିନରେ ଲକ୍ଷାଧିକ ସାଧାରଣ ଲୋକ ବସରେ ଯାତାୟାତ କରି ସରକାରୀ ଯୋଜନାର ଫାଇଦା ନେଉଛନ୍ତି। ସହରାଞ୍ଚଳ ପରିବହନ ଓ ଯାତାୟାତ ଦିଗରେ ଆବଶ୍ୟକୀୟ ସୁବିଧା ବୃଦ୍ଧି ଓ ସହରାଞ୍ଚଳ ପ୍ରଦୂଷଣ, କାର୍ବନ ନିର୍ଗମନ ହ୍ରାସ କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ।

ରାଜ୍ୟ କ୍ୟାବିନେଟ୍ ଆଜି ହିତାଧିକାରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଓ ୫ ଟଙ୍କା ମୂଲ୍ୟରେ ସବସିଡିଯୁକ୍ତ ଖାଦ୍ୟ ଯୋଗାଇବାର ନିରନ୍ତର ସେବା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ୫ ବର୍ଷ (୨୦୨୫-୨୬ରୁ ୨୦୨୯-୩୦) ପର୍ଯ୍ୟନ୍ତ ୫୧୨ କୋଟି ଟଙ୍କାର ବ୍ୟୟବରାଦ ସହ ଏକ ନୂତନ ଯୋଜନା 'ଆହାର'କୁ ଅନୁମୋଦନ କରିଛି। ଏହି ଯୋଜନା ମାଧ୍ୟମରେ ପ୍ରଦାନ କରାଯାଉଥିବା ପ୍ରତ୍ୟେକ ଭୋଜନର ମୂଲ୍ୟ ୨୩ ଟଙ୍କାରୁ ୨୭ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ମଧ୍ୟରୁ ହିତାଧିକାରୀଙ୍କ ଅବଦାନ ୫ ଟଙ୍କା ଅପରିବର୍ତ୍ତିତ ରହିଛି। ଅର୍ଥାତ୍ ପ୍ରତି ଭୋଜନ ପାଇଁ ସରକାରୀ ସବସିଡି ୧୮ରୁ ୨୨ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକରେ ଫସଲ ବିବିଧିକରଣ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଖରିଫ ୨୦୨୧ରେ ପ୍ରାରମ୍ଭ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଏହି ପ୍ରକଳ୍ପର ଆୟକଟ୍ ଅଞ୍ଚଳସ୍ଥିତ ଉଚ୍ଚ ଏବଂ ମଧ୍ୟମ ଜମିର ଧାନ ଚାଷକୁ ପରିବର୍ତ୍ତନ କରି ଫସଲ ଚାଷରେ ବିବିଧତା ଆଣିବା। କାର୍ଯ୍ୟକ୍ରମର ସଫଳତା ଉପରେ ଆଧାର କରି ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷରେ ଏକ ନୂତନ କୃଷି ବିବିଧତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ ଦୁଇଟି ନୂତନ ଉପାଦାନକୁ ସାମିଲ କରାଯାଇଛି, ସ୍ୱଦେଶୀ ସୁଗନ୍ଧିତ ଧାନ ଚାଷର ପ୍ରସାର ଓ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା। ଏହାଛଡ଼ା ରାଜ୍ୟ କ୍ୟାବିନେଟରେ ଆଜି ଏହି ଯୋଜନାକୁ ୨୦୨୫-୨୬ରୁ ୨୦୨୭-୨୮ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ୧୫୨୩.୯୮ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରୀ ମିଳିଛି। ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନା ମାଧ୍ୟମରେ ସମର୍ଥିତ ଓ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟାନ୍ୱିତ ହେବ। ୩ ବର୍ଷରେ ମୋଟ ୧୧.୫୦ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଏହି କାର୍ଯ୍ୟକ୍ରମ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୧.୯୫ ଲକ୍ଷ ହେକ୍ଟର ଉଚ୍ଚ ଓ ମଧ୍ୟମ ଜମିରେ ଧାନଚାଷକୁ ଅଣଧାନ ଓ ଉଚ୍ଚ ମୂଲ୍ୟଯୁକ୍ତ ଫସଲରେ ପରିବର୍ତ୍ତନ କରାଯିବ ଏବଂ ୧.୯୭ ଲକ୍ଷ ହେକ୍ଟର ନିୟମିତ ଧାନ ଚାଷ ଅଞ୍ଚଳକୁ ସ୍ୱଦେଶୀ ସୁଗନ୍ଧିତ ଧାନ ଚାଷ, ଯାହାର ରପ୍ତାନୀ ସମ୍ଭାବନା ଓ ଦେଶୀୟ ବଜାରରେ ଚାହିଁଦା ରହିଛି, ସେଥିରେ ପରିବର୍ତ୍ତନ କରାଯିବ।

## ଜଗିଥିଲା...

ସେମାନଙ୍କ ମଧ୍ୟରୁ ଜଣଙ୍କ ନାମ ଅର୍ଜୁନ ସିକୋକା ହୋଇଥିବା ବେଳେ ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ସେହିପରି ଟିକିରି ଗାଁ ନିକଟରେ ଏକ କୋଇଲା ବୋଝେଇ ଟ୍ରକ ବାଇକ୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଏହା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଫଳତଃ ଟିକିରି ଓ ରାୟଗଡା ମଧ୍ୟରେ ଯାତାୟାତ ଠପ୍ ହୋଇଯାଇଛି। ଏହି କାରଣରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଛି। ଏହାଛଡ଼ା ରାଇଘର ଭାରତମାଳା ରାସ୍ତାରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ବାଇକ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେବାଗାଁ ପଞ୍ଚାୟତର କୁରୁବେଲା ଗ୍ରାମ ଦେଇ ଯାଇଥିବା ଭାରତମାଳା ରାସ୍ତା ଉପରେ ତିନି ଦିନ ଧରି ଏକ ଟ୍ରକ (ଏପି୩୯ଟିଏ ୮୧୬୬) ଛିଡ଼ା ହୋଇ ରହିଥିଲା। ତେବେ ଅପରାହ୍ନ ପ୍ରାୟ ୩ଟା ସମୟରେ ଉମରକୋଟରୁ ନିଜ ଘର କଚରାପାରା ଆଦିବାସୀ ଗ୍ରାମକୁ ଫେରୁଥିବା ଦୁଇ ଜଣ ଯୁବକ ଦ୍ରୁତ ଗତିରେ ଆସି ଉକ୍ତ ଟ୍ରକ୍ ପଛପଟେ ପିଟିହୋଇଯାଇଥିଲେ। ଫଳତଃ ଉଭୟ ସେମାନଙ୍କ ବାଇକ୍ ସହ ଟ୍ରକ୍ ତଳେ ପଶିଯାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ସେମାନେ ଅଚ୍ଚୁ ଗଣ୍ଡଙ୍କ ପୁଅ ରୋହିତ (୨୩) ଓ ସନତରାମ ପାଣ୍ଡେଙ୍କ ପୁଅ ରାଜୁ (୨୧) ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ରାଇଘର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ରାଇଘର ମେଡିକାଲକୁ ପଠାଇଛି। ଏଥିସହ ଏନେଇ ୨୨୩/୨୫ରେ ଏକ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକାର ଛାୟା ଖେଳିଯାଇଛି।

## ଅଷ୍ଟ୍ରେଲୀୟ...

ସେମାନଙ୍କ ବୟାନ ରେକର୍ଡ କରିଥିଲେ। ଏହାପରେ ସ୍ଥାନିୟ ଏମ୍‌ଆଇଜି ପୁଲିସ ଷ୍ଟେସନରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୭୪ (ମହିଳାଙ୍କ ଭଦ୍ରତାକୁ ଆଘାତ କରିବା ପାଇଁ ଅପରାଧିକ ବଳ ବ୍ୟବହାର) ଓ ୭୮ (ପିଛା କରିବା) ଅନୁଯାୟୀ ଏକ ମାମଲା ଦାଏର କରିଥିଲେ।

ସ୍ଥାନୀୟ ଲୋକେ ଅଧିକାରୀ ଜଣଙ୍କ କହିଛନ୍ତି ଯେ ସ୍ଥାନୀୟ ଲୋକେ ସନ୍ଦିଗ୍ଧ ଯୁବକଙ୍କ ମୋଟର ସାଇକେଲ ନମ୍ବର ପୁଲିସ୍‌କୁ ଦେବା ପରେ ଏହାକୁ ଆଧାର କରି ତାଙ୍କୁ ଗିରଫ କରାଯାଇଛି। ତେବେ ତାଙ୍କ ବିରୁଦ୍ଧରେ ପୂର୍ବରୁ ଅପରାଧିକ ମାମଲା ରହିଛି ଓ ସଦ୍ୟ ମାମଲାରେ ତଦନ୍ତ ଚାଲିଛି ବୋଲି ଅଧିକାରୀ ଶ୍ରୀ ରଘୁବଂଶୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ଉପରେ ବିସିସିଆଇ ସ୍ପଷ୍ଟୀକରଣ ଦେଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏପରି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିବା ସହ କହିଛନ୍ତି ଯେ ଭାରତ ସବୁବେଳେ ଉଚ୍ଚସ୍ତରୀୟ ଓ ସମ୍ମାନପୂର୍ଣ୍ଣ ଆତିଥ୍ୟରେ ବିଶ୍ୱାସ କରେ। ଏପରି ଘଟଣାରେ ଆମେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁ। ଘଟଣା ସମ୍ପର୍କରେ ଖବର ପାଇବା କ୍ଷଣି ମଧ୍ୟପ୍ରଦେଶ ପୁଲିସ୍ ତ୍ୱରିତ ପଦକ୍ଷେପ ନେଇ ପ୍ରଶଂସନୀୟ କାର୍ଯ୍ୟ କରିଛି। ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ତେବେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ପ୍ରତିଟି ଦଳର ସଦସ୍ୟାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ଆବଶ୍ୟକ ସ୍ଥଳେ ଏହାକୁ କଡ଼ାକଡ଼ି କରାଯିବ ବୋଲି ଶ୍ରୀ ସାଇକିଆ କହିଛନ୍ତି। ସେହିପରି ମଧ୍ୟପ୍ରଦେଶ ସରକାରଙ୍କ ମନ୍ତ୍ରୀ କୈଳାଶ ବିଜୟବର୍ଗିଜ୍ କହିଛନ୍ତି ଯେ ଏପରି ଆଚରଣ ଭାରତର ଭାବମୂର୍ତ୍ତିରେ ଏକ କଳା ଦାଗ ସଦୃଶ। ଏହି ମାମଲାରେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୁନିଶ୍ଚିତ କରିଛନ୍ତି।

## ଦୁଇ...

ଅଘଟଣ ଘଟିଥିବା ବେଳେ ଦୁଇ ମୃତକ ହେଲେ ଉସୁର ଥାନା ଅନ୍ତର୍ଗତ ନେଲାକାଙ୍କେର ଗାଁର ରବି କଟମ (୨୫) ଓ ତିରୁପତି ସୋଡି (୩୮)। ମିଳିଥିବା ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଉସୁର ଥାନା ଅନ୍ତର୍ଗତ ନେଲାକାଙ୍କେର ଗାଁରେ ପାଖାପାଖି ୫୦ ଜଣ ସଶସ୍ତ୍ର ମାଓବାଦୀ ଆସି ରବି ଓ ତିରୁପତିଙ୍କୁ ଉଠାଇନେଇଥିଲେ। ସେମାନେ ଉଭୟଙ୍କୁ ଜଙ୍ଗଲ ଭିତରକୁ ନେଇ ପରେ ଗଳା କାଟି ସେମାନଙ୍କୁ ହତ୍ୟା କରିଥିଲେ। ଆଜି ସକାଳେ ଗାଁ ଲୋକେ ଜଙ୍ଗଲକୁ ଯାଉଥିବା ସମୟରେ ସେମାନଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ତେବେ ଉଭୟଙ୍କ ମୃତଦେହ ନିକଟରେ ଏକ ପୋଷ୍ଟର ପଡ଼ିଛି, ଯେଉଁଥିରେ ପୁଲିସ ଇନଫର୍ମର ସନ୍ଦେହରେ ସେମାନଙ୍କୁ ହତ୍ୟା କରାଯାଇଥିବା ମାଓବାଦୀମାନେ ଉଲ୍ଲେଖ କରିଛନ୍ତି। ଖବର ପାଇ ଉସୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଏପରି ଏକ କାଣ୍ଡ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳାଇଦେଇଛି।

### ବଢୁଛି ପନିପରିବା ଦର

# କାର୍ତ୍ତିକ ମାସରେ ହନ୍ତସନ୍ତ ଖାଉଟି

**ଅଧିକାଂଶ ପରିବା ଦର ୮୦ଟଙ୍କା ଉପରେ**

**ଆସୁଛି ବାତ୍ୟା, ଆହୁରି ଦର ବଢ଼ିବା ଆଶଙ୍କା**



**କାକଟପୁର/ଅସ୍ତରଙ୍ଗ,୨୫।୧୦ (ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ମାସ ପାଇଁ ପରିବା ଦର ହୁ ହୁ ହୋଇ ବଢ଼ି ଚାଲିଛି। ଏବେ ଅଧିକାଂଶ ପନିପରିବା ଦର ୮୦ଟଙ୍କା ଉପରେ। ଅନ୍ୟପଟେ କାର୍ତ୍ତିକ ମାସରେ ଆମିଷ ଦର କମିଥାଏ। ହେଲେ ଏଥର ପୁରା ଓଲଟା ସ୍ଥିତି। ଆମିଷ ଦର କମୁନାହିଁ। ଆଗକୁ ବର୍ଷା ଓ ବାତ୍ୟା ଭୟ ଶହ ପଞ୍ଚୁକ ଥିବାରୁ ପରିବା ଦର ଶହେ ଟଙ୍କା ଛୁଇଁବା ଆଶଙ୍କା ଦେଖାଗଲାଣି।

କାର୍ତ୍ତିକ ମାସରେ ସାଧାରଣତଃ ପରିବା ଦର ବଢ଼ିଥାଏ ଓ ଆମିଷ ଦର କମିଥାଏ। ବିଶେଷ କରି ଚିକେନ ଦର ବହୁ ମାତ୍ରାରେ ତଳକୁ ଖସି ଆସିଥାଏ। ଆମିଷ ପ୍ରେମୀ ବା ପରିବା ଦରରୁ ବର୍ତ୍ତିବାକୁ ଲୋକେ ଆମିଷ କୁ ଭରଷି ଚଳିଯାଆନ୍ତି। ଏଥର କିନ୍ତୁ ଦର ଖସି ନାହିଁ। ପୂର୍ବରୁ ଚିକେନ କେଜି ୨୨୦ଥିବା ବେଳେ ଏବେ କେଉଁଠି ୨ଶହ ତ ଆଉ କେଉଁଠି ୨୧୦ଟଙ୍କା ରହିଛି। ପରିବା ଦରରୁ ବର୍ତ୍ତିବାକୁ ଆମିଷ ବଜାର ଆସି ଦର ଶୁଣି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ଚିକେନ ଦୋକାନୀ କହିବା କଥା, ପୂର୍ବରୁ ଚାହିଦା କମିଲେ ଷ୍ଟକ ଅଧିକ ରହୁଥିବାରୁ ଦର ଶହେରୁ ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ଖସି ଆସେ। ଏବେ ସେଭଳି ଚାହିଦା କମୁନାହିଁ। କାର୍ତ୍ତିକ ପରେ ବାହାଘର ଋତୁ ଆରମ୍ଭ ହୋଇଯାଉଥିବାରୁ ଚିକେନ ଦର ଖସୁନଥିବା ଚିକେନ ଦୋକାନୀ କହିଛନ୍ତି। ମାଛ ଦର ମଧ ଆଦୌ କମି ନାହିଁ।

ପରିବା ଦର ଲୋକଙ୍କୁ ଚିନ୍ତାରେ ପକାଇଛି। ଯେଉଁ ପରିବାରେ ହାତ ମାରିଲେ ୮୦ତଳକୁ କୌଣସି ପରିବା ନାହିଁ। ଶନିବାର ସାପ୍ତାହିକ ହାଟ ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ କେଜି ପିଛା ବାଇଗଣ ୮୦ରୁ ୯୦ଟଙ୍କା, ପୋଟଳ, କାକୁଡି, ଭେଣ୍ଡି ଓ ଟମାଟୋ ଦର ୮୦ଟଙ୍କା ଲେଖାଏଁ ରହିଥିଲା। କାର୍ତ୍ତିକ ମାସ ପାଇଁ ଚାହିଦା ଯୋଗୁଁ ଦର ବଢ଼ିଛି। ଅସ୍ତରଙ୍ଗ ମୁଖ୍ୟ ସାପ୍ତାହିକ ହାଟ କୁ ଅସ୍ତରଙ୍ଗ ବ୍ଲକ ସମେତ ରାଜ୍ୟର କୋଣ ଅନୁକୋଣରୁ ପରିବା ଆସିଥାଏ। ଆଗକୁ ଲଘୁଚାପ ଜନିତ ବର୍ଷା ପାଇଁ ପାଣିପାଗ ବିଭାଗ ଆକଳନ କଲାଣି। ବାତ୍ୟା ଭୟ ଥିବାରୁ ପରିବା ନଷ୍ଟ ହେବାର ଆଶଙ୍କା ଥିବାରୁ ଦର ଆହୁରି ବଢ଼ି ପାରେ ବୋଲି ପରିବା ଦୋକାନୀ ସୁରେଶ ବରାଳ ଓ ଦିନା ସ୍ୱାଇଁ କହିଛନ୍ତି। ଏହାରି ଭିତରେ ସାଧାରଣ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ୫ଶହ ଟଙ୍କାରେ ବି ପରିବା ବ୍ୟାଗ ପୁରୁନାହିଁଦର ବାଧୁଥିବାରୁ ବାଧ୍ୟ ହୋଇ ୫ଶହ ଗ୍ରାମ, ଅଢ଼େଇଶ ଗ୍ରାମ ନେବାକୁ ବାଧ୍ୟ ହେଉଛନ୍ତି। କାର୍ତ୍ତିକ ମାସର ଫାଇଦା ଉଠାଇ କେତେକ ଅସାଧୁ ବ୍ୟବସାୟୀ ଚଢ଼ା ଦର ନେଉଥିବାରୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବୀ ହେଉଛି।

### ଝାଲପଡ଼ାରେ ବସୁଧା ଯୋଜନାରେ ମିଳୁନି ପାଣି

# ଗୋଟିଏ ନଳକୂଅ ଭରସାରେ ଶହେରୁ ଅଧିକ ପରିବାର

**ଯାଜପୁର,୨୫।୧୦ (ସଂଚାର ବ୍ୟୁରୋ):** 'ବସୁଧା' ଯୋଜନା ମାନେ ହେଉଛି ସବୁଠି ପାଣି, ସବୁଙ୍କ ପାଇଁ ପାଣି - କିନ୍ତୁ ଯାଜପୁର ବ୍ଲକ୍‌ର ଝାଲପଡ଼ା ପଞ୍ଚାୟତରେ ଏହା ଏବେ ସ୍ୱପ୍ନର ଯୋଜନା ହୋଇ ରହିଛି। ୧.୨୬ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ଏହି ପାଣି ପ୍ରକଳ୍ପ ଆଜି ମାତ୍ର ୫୦ ପରିବାରକୁ ପାଣି ଯୋଗାଉଛି, ଯେଉଁଠାରେ ୪ଶହରୁ ଅଧିକ ପରିବାର ଗୋଟିଏ ନଳକୂଅ ଉପରେ ଜୀବନ ବଞ୍ଚାଇ ରଖିଛନ୍ତି।

୨୦୧୭ରେ ଆରମ୍ଭ ହୋଇ ୨୦୨୩ରେ ଶେଷ ହୋଇଥିବା ପ୍ରକଳ୍ପଟି, ଝାଲପଡ଼ା ତଳ ହରିଜନ ସାହି (ମାଉଣ୍ଡ ପଡ଼ିଆ) ନିକଟରେ ନିର୍ମିତ ହୋଇଥିଲା। ୪ଟି ୱାର୍ଡର ୪୬୦ ପରିବାର ଓ ୧୮୫୫ ଜଣ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଥିଲା ଲକ୍ଷ୍ୟ। ପାଇପ୍ ବିଛାଇବା, ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ଓ ଟ୍ୟାପ୍ ସଂଯୋଗ ସବୁ କାମ ହୋଇଥିଲା। କିନ୍ତୁ ଆଜି ଗାଁର ଅଧାରୁ ଅଧିକ ଅଞ୍ଚଳ ପାଣି ପାଇବାରୁ ବଞ୍ଚିତ। ଜଳଜୀବନ ମିଶନ (ଜେଜେଏମ) ରିପୋର୍ଟ ଅନୁସାରେ, ଯଦିଓ ୪୬୦ ପରିବାରକୁ ପାଇପ୍ ସଂଯୋଗ ଦିଆଯାଇଛି ବୋଲି ଦର୍ଶାଯାଇଛି, ବାସ୍ତବରେ ବହୁତ ସ୍ଥାନରେ ପାଇପ୍ ନାହିଁ କିମ୍ବା ପାଣି ପହଞ୍ଚୁନାହିଁ। ୧୫ ନମ୍ବର ୱାର୍ଡରେ ୧୨୨ ପରିବାର ପାଇଁ ପାଇପ୍ ସଂଯୋଗ ରେକର୍ଡ ରହିଛି, କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ 'ପାଇପ୍ ନାହିଁ, ପାଣି ନାହିଁ' ଖରାଦିନରେ ନଳକୂଅଟି ପାଣି ଯୋଗାଇ ପାରୁନଥିବାରୁ ଗ୍ରାମବାସୀମାନେ ବିବଶ ହୋଇ ବ୍ରହ୍ମଣୀ ନଦୀ ପାଖରେ ଚୁଆ ଖୋଳି ପାଣି ନେଉଛନ୍ତି। ୧୨ ଓ ୧୩ ନମ୍ବର ୱାର୍ଡରେ ୫୦ ପରିବାର ପାଇଁ ମାତ୍ର ୭-୮ ଟି ଟ୍ୟାପ୍ ଚାଲୁ ଅଛି। ସାନବାଗସାହି ଗ୍ରାମରେ ପାଇପ୍ ସଂଯୋଗ ରହିଲେ ମଧ ପାଣି ଆସୁନାହିଁ। ଫଳରେ ଶତାଧିକ ପରିବାର ଚୁଆ ପାଣି ଉପରେ ନିର୍ଭର। ଗ୍ରାମବାସୀ ଶୀଘ୍ର ପାଣି ଯୋଗାଣ ପାଇଁ ଦାବି କରିଛନ୍ତି।

ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନିଲ ସାମଲ କହିଛନ୍ତି, "ମୋଟର ଲଗାଇ ପାଣି ଚୋରି ହେଉଥିବା ଫଳରେ ଚାପ ହ୍ରାସ ପାଉଛି। ମେଗା ପ୍ରକଳ୍ପ ସଫଳ ଭାବେ ଚାଲୁ ନହେଲେ, ଏଭଳି ଅବସ୍ଥା ଚାଲିଥିବ।" ଯେଉଁ ପ୍ରକଳ୍ପ ଲକ୍ଷ୍ୟ ଥିଲା ସବୁଘରେ ପାଣି, ସେହି ପ୍ରକଳ୍ପ ଆଜି ହେଲା ଗୋଟିଏ ନଳକୂଅ ଉପରେ ଶହେରୁ ଅଧିକ ଜୀବନର ଭରସା।



## ତୃତୀୟ ଲିଙ୍ଗୀ ଚିହ୍ନଟ ଓ ଆଚରଣଗତ ସମସ୍ୟାର ସମାଧାନ ନିମନ୍ତେ ପ୍ରଶିକ୍ଷଣ

**ଖୋର୍ଦ୍ଧା,୨୫।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ତୃତୀୟ ଲିଙ୍ଗ ଚିହ୍ନଟ ଏବଂ ଆଚରଣଗତ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଶିକ୍ଷଣ କର୍ମଶାଳା ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ମାନଙ୍କୁ ନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ତୃତୀୟଲିଙ୍ଗ କଲ୍ୟାଣ ଟ୍ରଷ୍ଟର ସଚିବ ମେଘନା ସାହୁ ତୃତୀୟ ଲିଙ୍ଗ ପିଲାମାନଙ୍କୁ କିପରି ଚିହ୍ନଟ କରିବେ ଏବଂ ଏହାର ଲକ୍ଷଣ କ'ଣ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହ ତୃତୀୟଲିଙ୍ଗ ପିଲାମାନଙ୍କ ପାଇଁ କ'ଣ ବ୍ୟବସ୍ଥା ରହିବା ଆବଶ୍ୟକ ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ମନସ୍ତତ୍ତ୍ୱବିତ୍ ନିବେଦିତା ମହାନ୍ତି ଟ୍ରାନ୍ସଜେଣ୍ଡର ପିଲାମାନଙ୍କ ସହିତ କିପରି ବ୍ୟବହାର କରିବେ ସେ ବିଷୟରେ ଏକ ଅଧିବେଶନ ନେଇ ଆଚରଣଗତ ପରିବର୍ତ୍ତନ କ'ଣ ଘଟେ ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କି କି ସେବାର ଆବଶ୍ୟକତା ଅଛି ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ ଶ୍ରୀମତୀ ବାଣିଶ୍ରୀ ପଟ୍ଟନାୟକ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ କ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟା ଏବଂ ସେଗୁଡିକୁ କିପରି ସମାଧାନ କରାଯାଇ ପାରିବ ସେ ସମ୍ବନ୍ଧରେ ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ଅବଗତ କରାଇ ଥିଲେ। ଏହି କର୍ମଶାଳାରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ୧୪ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

## ସମ୍ ହସ୍ପିଟାଲ୍‌ରେ ୯ ମାସ ଶିଶୁର ବିରଳ ଅସ୍ତ୍ରୋପଚାର



**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ନିବାସୀ ଅନୀଲ ପଲେଇ ଓ ତାଙ୍କ ପତ୍ନୀ ବର୍ଷା ପଲେଇଙ୍କ ୯ ମାସର ଶିଶୁ ପୁତ୍ର ଜନ୍ମ ହେବା ପର ଠାରୁ ହିଁ ଅନବରତ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତ ରହୁଥିଲା। ଯାହା ଫଳରେ ଶିଶୁଟିକୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଦେଖାଦେଇଥିଲା। ଉଭୟ ମାତା ପିତା ଶିଶୁ ପୁତ୍ରର ଚିକିତ୍ସା ନିମନ୍ତେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଇବା ସତ୍ତ୍ୱେ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନଥିଲା। ଶେଷରେ ଶିଶୁଟିର ପିତାମାତା ସେପ୍ଟେମ୍ବର ୧୨ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଥିଲେ। ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ଥିବା ଶିଶୁଟିର ହସ୍ପିଟାଲ୍‌ର ଶିଶୁ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମମତାଦେବୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଯାଇଥିଲା। ଶିଶୁଟିକୁ ଅଧିକ ମାତ୍ରାରେ ନିମୋନିଆ ହୋଇଯାଇଥିବା ଯୋଗୁଁ ତାକୁ ଭେଂଟିଲେଟରରେ ରଖାଯାଇଥିଲା। ଏଭଳି ଜଟିଳ ସମସ୍ୟାରେ ପୀଡ଼ିତ ଥିବା ଶିଶୁଟିକୁ ହସ୍ପିଟାଲ୍‌ର ସିଟିଭିଏସ୍ (କାର୍ଡିଆକ୍ ସର୍ଜନ) ଡାକ୍ତର ସଂଗ୍ରାମ କେଶରୀ ବେହେରାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯିବା ସହ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସିଟିଭିଏସ୍ ସର୍ଜନ ଡାକ୍ତର ବେହେରା ଏବଂ କାର୍ଡିଆକ୍ ଆନେସ୍ଥେସିଆ ବିଭାଗର ଡାକ୍ତରଙ୍କ ଦ୍ୱାରା ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା। ଶିଶୁର ପୋଷ୍ଟ ଅପରେଟିଭ କେୟାର ଭଲ ଭାବରେ ପେଡ଼ିଆଟ୍ରିକ ଆଇସିୟୁ ଟିମ୍, ଡାକ୍ତର ଏବଂ ନର୍ସମାନଙ୍କ ଦ୍ୱାରା ନିଆଯାଇଥିଲା। ଅସ୍ତ୍ରୋପଚାର ପରେ ଶିଶୁଟି ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

## ବ୍ରାଉନସୁଗାର୍ ବ୍ୟବସାୟୀ ଗିରଫ, ୭୫ ଗ୍ରାମ୍ ହେରୋଇନ୍ ଜବତ



**ପାରାଦୀପ,୨୫।୧୦ (ସଂଚାର ବ୍ୟୁରୋ):** ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ଆଜି ପାରାଦୀପ ଗଡରୁ ବ୍ରାଉନସୁଗାର୍ ବ୍ୟବସାୟୀ ଜଗତସିଂହପୁର ଅବକାରୀ ବିଭାଗ ଦ୍ୱାରା ଗିରଫ ଓ ୭୫ ଗ୍ରାମ୍ ହେରୋଇନ୍ ଜବତ। ଇନ୍ସପେକ୍ଟର ପ୍ରସାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ ସ୍ଥିତ ଶନି ମନ୍ଦିର ନିକଟରୁ ୭୫ ଗ୍ରାମ୍ ହେରୋଇନ୍ ଜବତ କରିଛି ପାରାଦୀପ ଅବକାରୀ ରେଞ୍ଜ, ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୭୫୦୦୦୦ ଟଙ୍କା। ଏହି ଅଭିଯାନରେ ସରୋଜ କୁମାର ମଲ୍ଲିକ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଯାଜପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଗତ କିଛି ମାସ ଧରି ପାରାଦୀପଗଡରେ ରହି ହେରୋଇନ୍ ବ୍ୟବସାୟରେ ଲିପ୍ତ ଥିଲେ।

## ଡା. ଅଲେଖ ପ୍ରଧାନ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ନୂତନ ସୁପରିଣ୍ଟେଣ୍ଡେଣ୍ଟ



**ଛତ୍ରପୁର,୨୫।୧୦ (ସଂଚାର ବ୍ୟୁରୋ):** ଡା. ଅଲେଖ ପ୍ରଧାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସୁପରିଣ୍ଟେଣେଣ୍ଟେ ଭାବେ ନିଯୁକ୍ତ କରାଯାଇଛି। ସେ ପୂର୍ବରୁ ଏହି ଚିକିତ୍ସାଳୟରେ ଶିଶୁ ବିଶେଷଜ୍ଞ ଭାବେ ପ୍ରାୟ ୧୧ ବର୍ଷ ଧରି ସେବା ଦେଇସାରିଛନ୍ତି ଓ ବର୍ତ୍ତମାନ ସେ ବ୍ରହ୍ମପୁର ସିଟି ହସ୍ପିଟାଲରେ କାର୍ଯ୍ୟରତ ଥିଲେ। ସେ ଜଣେ ଅଭିଜ୍ଞ, ନିଷ୍ଠାବାନ ଓ ଲୋକପ୍ରିୟ ଡାକ୍ତର ଭାବେ ଅଞ୍ଚଳରେ ଜଣାଶୁଣା ନାମ। ନୂତନ ଦାୟିତ୍ୱ ଗ୍ରହଣ ପରେ ଡା. ପ୍ରଧାନ ଚିକିତ୍ସାଳୟ ବୁଲି ବିଭିନ୍ନ ୱାର୍ଡ, ବିଭାଗ ଓ ବାହାର ପରିବେଶର ସମୀକ୍ଷା କରିଛନ୍ତି। ଡା. ପ୍ରଧାନଙ୍କ ନୂତନ ନିଯୁକ୍ତି ଉପଲକ୍ଷେ ମେଡିକାଲର ଡାକ୍ତର, ପ୍ୟାରାମେଡିକାଲ କର୍ମଚାରୀ, ସ୍ୱାସ୍ଥ୍ୟ ସେବା ସଂଗଠନ ଓ ସାଧାରଣ ଲୋକ ବିଭିନ୍ନ ଆଡୁ ଅଭିନନ୍ଦନ ଜଣାଇଛନ୍ତି।ତାଙ୍କ ନେତୃତ୍ୱରେ ଛତ୍ରପୁର ମେଡିକାଲ ଆହୁରି ସଚଳ ଓ ସେବାମୁଖୀ ହେବ ବୋଲି ଅଞ୍ଚଳବାସୀମାନେ ଆଶା ବ୍ୟକ୍ତ କରିଛନ୍ତି।

## ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବାଲିଅନ୍ତା,୨୫।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ମଣ୍ଡଳସ୍ତରୀୟ ସୁରଭି - ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ଅଧିବେଶନରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନ ଅଧିବେଶନରେ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି, ଅତିରିକ୍ତ ବିଡ଼ିଓ ଅପରାଜିତା ସ୍ୱାଇଁ, ମୋ ସ୍କୁଲ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ଏବଂ ମୋ ସ୍କୁଲ ସଭାପତି ପ୍ରଶାନ୍ତ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ । ବିଭିନ୍ନ କ୍ଷେତ୍ରରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ୯୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷକ ଯୋଗେନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଆମ ଓଡିଶା ନୃତ୍ୟ ନାଟିକା ଚଢେଇବର ବିଦ୍ୟାଳୟର ପିଲାମାନେ ପରିବେଷଣ କରିଥିଲେ ।



# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ

**ଫୁଲବାଣୀ,୨୫।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ପାଣ୍ଡୁ ପଦର ଅଞ୍ଚଳବାସୀ ଦୀର୍ଘ। ଦୀର୍ଘ ବର୍ଷ ହେବ ସରକାରଙ୍କ ନିକଟରେ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ ମଧ ଅଞ୍ଚଳବାସୀଙ୍କ ପାଇଁ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରି ନାହିଁ । ଡେଙ୍ଗା ଗାଡୁ ଠାରୁ ପବିଙ୍ଗିଆ ପଞ୍ଚାୟତର ଦୁଇଟି ୱାର୍ଡ ୮ ଏବଂ ୯ ନମ୍ବର ୱାର୍ଡ ରାସ୍ତା ତେଜାମାହା ଦେଇ ବନ୍ଧଗଡ଼ରେ ଏହି ରାସ୍ତା ସଂଯୋଗ ହୋଇଛି । ପ୍ରାୟ ଦୁଇଟି ୱାର୍ଡରେ ଡେଙ୍ଗା ଗାଡୁ, ଜଗାର ପଦର, ପାଣ୍ଡୁ ପଦର, କାମ୍ବାପଡ଼ା ଭଳି ପ୍ରାୟ ୬ରୁ ଅଧିକ ଗାଁ ରହିଥିବା ବେଳେ ୧୫୦ରୁ ଅଧିକ ଘର ରହିଛି । ସମୂହ ଅଞ୍ଚଳବାସୀଙ୍କ ପାଇଁ ରାସ୍ତାଟିଏ ହୋଇ ପାରି ନାହିଁ। ପୂର୍ବରୁ ଅଞ୍ଚଳବାସୀ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ, ତାହାର ସମାଧାନ ନହେବାରୁ ବାଧ ହୋଇ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ମଧ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ରାସ୍ତା ହୋଇ ପାରିନାହିଁ । ବର୍ଷା ଦିନେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାରି ଅଧା ବାଟରେ ରହିଥିଲା। ବର୍ତ୍ତମାନ ବର୍ଷା କମିଥିବା ବେଳେ ଯାତାୟତରେ ଅସୁବିଧା ହେବାରୁ ଦୁଇ ଦିନ ହେବ ଅଞ୍ଚଳରେ କୋଡିଏରୁ ଅଧିକ ଯୁବଗୋଷ୍ଠି ଓ ଅଞ୍ଚଳବାସୀ ଡେଙ୍ଗାଗାଡୁ ଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ରାସ୍ତାରେ ଥିବା ଖାଲଖମା ରାସ୍ତାକୁ ପଥର, ମାଟି ପକାଇ ମରାମତି କରିଛନ୍ତି । ଗ୍ରାମବାସୀ ବାରମ୍ବାର ରାସ୍ତା ନିର୍ମାଣ ପାଇଁ ଦାବୀ କରିଥିଲେ ମଧ ରାସ୍ତା ନିର୍ମାଣ ହେଉନଥିବା ଏବଂ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜ ନେତା ଗୁରୁତ୍ୱ ଦେଉ ନଥିବାରୁ ଅସନ୍ତୋଷ ଦେଖା ଦେଇଥିବା ବେଳେ ଅଞ୍ଚଳବାସୀ ଯାତାୟତରେ ଅସୁବିଧା ହେଉଥିବା କହିଛନ୍ତି ।

ଅଞ୍ଚଳବାସୀ ଏବଂ ଯୁବ ଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଥିବା ବେଳେ ଡେଙ୍ଗାଗାଡୁ ଠାରୁ ପାଣ୍ଡୁ ପଦର, କାମ୍ବା ପଡ଼ା, ତେଜା ମାହା ଦେଇ ବନ୍ଧଗଡ଼କୁ ତୁରନ୍ତ ରାସ୍ତା ନିର୍ମାଣ ଅଞ୍ଚଳବାସୀ ଦାବି କରିଛନ୍ତି ।



## ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ସକାଶେ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ

**ନବରଙ୍ଗପୁର,୨୫।୧୦ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ଶିକ୍ଷା ଅଧିକାରୀ, ନବରଙ୍ଗପୁର ଛତ୍ରପତି ସାହୁଙ୍କ ଅଧକ୍ଷତାରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ନେଇ ଏକ ସମ୍ମିଳନୀ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଉପ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ଜିଲ୍ଲା ଛାତ୍ରପୃତି ସଂଯୋଜକ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେସନ, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲାରେ ସୁପର-୧୦୦ ଆରମ୍ଭ କରିବା ପାଇଁ ହୋଇଥିବା ସ୍କ୍ରିନିର ଫଳାଫଳ ଉପରେ ସମୀକ୍ଷା କରାଯାଇଥିଲା । କିପରି ଭାବେ ଜିଲ୍ଲାରେ ଛାତ୍ରଛାତ୍ରୀ ମାନଙ୍କର ପରୀକ୍ଷାଫଳ ମାର୍କରେ ବୃଦ୍ଧି ହେବ ତାହା ଉପରେ କାର୍ଯ୍ୟକାରୀ ଯୋଜନା ତିଆରି କରାଯାଇଥିଲା । ଆଗାମୀ ଦଶମ ବୋର୍ଡ଼ ପରୀକ୍ଷାରେ ଜିଲ୍ଲାରେ କିପରି ଅଧିକ ଏ-୧, ଏ-୨ ଫଳାଫଳ ଅଧିକ ହେବ ତାହା ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜିଲ୍ଲା ମଙ୍ଗଳ ଅଧିକାରୀ ଛାତ୍ର ଛାତ୍ରୀ ମାନଙ୍କୁ ମିଳୁଥିବା ଛାତ୍ରବୃତ୍ତି ବିଷୟରେ ଆଲୋଚନା କରିଥିଲେ। ଏହାସହିତ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ କିପରି ଅନୁସୂଚିତ ଜନଜାତି ପିଲାମାନଙ୍କୁ ୫୦୦୦ ଟଙ୍କା ମିଳିବ ତା ଉପରେ ଆଲୋଚନା ହୋଇଥିଲା। ସେହିପରି ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ଉପରେ ଆଲୋଚନା ହୋଇଥିଲା। ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ରାଜ୍ୟ ଛାତ୍ର ବୃତ୍ତି ପୋର୍ଟାଲରେ ଏବଂ ଓଟିଆର୍ ଜାତୀୟ ଛାତ୍ର ବୃତ୍ତି ପୋର୍ଟାଲରେ ଆବେଦନ କରାଯାଇପାରିବ। ଛାତ୍ର ବୃତ୍ତି ଆବେଦନ କରିବାର ଶେଷ ତାରିଖ ୧୬ ଡିସେମ୍ବର ୨୦୨୫ ବୋଲି ସୂଚନା ଦିଆଯାଇଥିଲା।

# ସମ୍ଭାବ୍ୟ ବାତ୍ୟା ପାଇଁ ସତର୍କତା ଜାରି

**ଗଞ୍ଜାମ ପାଇଁ ଅରେଞ୍ଜ ଆଲର୍ଟ**

**ସମସ୍ତ ସରକାରୀ ଛୁଟି ବାତିଲ**

**ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

**ଛତ୍ରପୁର,୨୫।୧୦ (ସଂଚାର ବ୍ୟୁରୋ):** ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱରଙ୍କ ତରଫରୁ ଗଞ୍ଜାମ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ବାତ୍ୟା "ମୋନ୍ଥା" ପାଇଁ ପ୍ରସ୍ତୁତି ଓ ୨୫ ଅକ୍ଟୋବର ଠାରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ଥିବାରୁ ପ୍ରଶାସନ ପକ୍ଷରୁ ଉଚ୍ଚ ସତର୍କତା ଜାରି କରାଯାଇଛି।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ ବିଶେଷ ଆଦେଶ ଜାରି କରିଛନ୍ତି। ଜାରି ହୋଇଥିବା ପତ୍ରରେ ସ୍ପଷ୍ଟ କରାଯାଇଛି ଯେ ପରବର୍ତ୍ତୀ ୬ ଦିନ ସମୟସୀମାରେ ମଧରେ କୌଣସି ସରକାରୀ ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟ ଛାଡ଼ିବେ ନାହିଁ। ସମ୍ଭାବ୍ୟ ପରିସ୍ଥିତିକୁ ମଧ ନଜର ରଖି ସମସ୍ତ ଛୁଟି ବାତିଲ୍ କରିଦିଆଯାଇଛି। କୌଣସି କର୍ମଚାରୀଙ୍କୁ ବିଶେଷ ଆବଶ୍ୟକତାରେ ମୁଖ୍ୟାଳୟ ଛାଡିବାକୁ ହେଲେ ପୂର୍ବ ଲିଖିତ ଭାବେ ଜିଲ୍ଲାପାଳଙ୍କ ଅନୁମତି ଆବଶ୍ୟକ ବୋଲି ଆଦେଶରେ ଉଲ୍ଲେଖ ରହିଛି। ଏହି ନିର୍ଦ୍ଦେଶ ଜିଲ୍ଲାର ସମସ୍ତ ବିଭାଗକୁ ପଠାଇ ଦିଆଯାଇଛି ଯାହାଦ୍ୱାରା ପ୍ରଶାଶନ ସଜାଗ ଓ ପ୍ରସ୍ତୁତ ରହିପାରିବ। ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ ଓ ସତର୍କ ରହିବା, ବନ୍ୟା ପ୍ରଭାବିତ ଅଞ୍ଚଳ, ନଦୀ, ନାଳ ଓ ବିଦ୍ୟୁତ୍ ଖୁଣ୍ଟି ନିକଟରେ ନ ରହିବା ପାଇଁ ଅନୁରୋଧ କରାଯାଇଛି। ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ଫେରାଇ ଆଣାଯାଉଛି ଓ ଅନ୍ୟମାନଙ୍କୁ ସମୁଦ୍ରକୁ ପ୍ରବେଶ କରିବାରେ ପ୍ରତିବନ୍ଧ କରାଯାଇଛି।

ପ୍ରଶାସକୀୟ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ଆଦେଶ ଯାଏଁ ଏହି ପ୍ରତିବନ୍ଧ ବୈଧରୂପେ ଜାରି ରହିବ। ଅତ୍ୟାବଶ୍ୟକ ସମୟରେ ନିକଟତମ ପ୍ରଶାସନିକ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ଆପତ୍କାଳୀନ କଣ୍ଟ୍ରୋଲ୍ ରୁମ ସହ ଯୋଗାଯୋଗ କରିବାକୁ ଅପିଲ୍ କରାଯାଇଛି

## ଜିଲ୍ଲା ପାଇଁ ଗୌରବ ଆଣିଲା କରପଡା ସର୍ଚ୍ଚ ଓ ରେସକ୍ୟୁ ଟିମ୍



**ବ୍ରହ୍ମପୁର,୨୫।୧୦ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ) ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଓଡିଶା ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶିକ୍ଷଣ ଏକାଡେମି, ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାରା ଓଡିଶାର ୨୧ ଗୋଟି ଜିଲ୍ଲାରୁ ବହୁ ସନ୍ଧାନ ଓ ଉଦ୍ଧାର ଏବଂ ପ୍ରାଥମିକ ଚିକିତ୍ସା କୌଶଳ ପ୍ରଦର୍ଶନ ପ୍ରତିଯୋଗିତା ପାଇଁ ପ୍ରତିଭାଗୀ ଯୋଗ ଦେଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ବହୁ ମୁଖି ବନ୍ୟା ଆଶ୍ରୟ ସ୍ଥଳୀ, କରପଡ଼ାର ଟିମକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା । ଏହି ପ୍ରତିଯୋଗିତାରେ କରପଡ଼ା ଟିମ ନିଜର ପାରଦର୍ଶୀତା ପ୍ରଦର୍ଶନ କରି ୨୦୨୪ ମସିହାରେ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଚଳିତ ବର୍ଷ ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ କଠିନରୁ କଠିନ ପରିଶ୍ରମ କରି ଉତ୍ତମ ପ୍ରଦର୍ଶନ କରିବାରୁ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ବାତ୍ୟା ଆଶ୍ରୟସ୍ଥଳୀର ଟିମ ରାଜ୍ୟ ସ୍ତରୀୟ ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତାରେ କରପଡ଼ା ପଞ୍ଚାୟତର ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ, ଦ୍ୱିତୀୟ ସ୍ଥାନ ଅଧିକାର କରି ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡିଶା ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ସାଂସଦ, ବିଧାୟକ, ଜିଲ୍ଲା ପ୍ରଶାସନ ଓ ଅଞ୍ଚଳବାସୀଙ୍କ ତରଫରୁ କରପଡ଼ା ଟିମକୁ ପ୍ରଶଂସାର ସୁଅ ଛୁଟିଛି।

## ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ

**ଖୋର୍ଦ୍ଧା,୨୫।୧୦ (ସଂଚାର ବ୍ୟୁରୋ):** ଜୟୀରାଜଗୁରୁ ଟାଉନ୍ ହଲ୍ ଠାରେ ଜିଲ୍ଲା ପୁଲିସ ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯକ୍ରମମୁଖ୍ୟ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆମ୍ରିତ ଋତୁରାଜ ଯୋଗଦେଇ ଜିଲ୍ଲା ସ୍ତରୀୟ ସାଇବର ସୁରକ୍ଷା ଅଭିଯାନର ଉଦଘାଟନ କରିବା ସହ ଶପଥ ପାଠ କରାଇଥିଲେ। ନିଜ ଉଦବୋଧନରେ ଜିଲ୍ଲାପାଳ କହିଥିଲେ ଯେ ବର୍ତ୍ତମାନ ଅଧିକ ଲୋକେ ସାଇବର ଠକାମୀର ଶିକାର ହେଉଛନ୍ତି। ଏଣୁ ସବୁ ବର୍ଗର ଜନସାଧାରଣମାନେ ସଚେତନ ହେବାର ଆବଶ୍ୟକତା ରହିଛି । ଏହି ଅବସରରେ ଜିଲ୍ଲାପାଳ ସାଇବର ଠକାମୀ ସଚେତନତା ବୃଦ୍ଧିମତା ଦେଖାଇବା ଜରୁରୀ ଥିଙ୍କ ସଙ୍ଗ ଅଡିଓ ଶୁଭାରମ୍ଭ କରିଥିଲେ ।



# ଅକ୍ଟୋବର ମାସ ଆସିଲେ ଅସ୍ତରଙ୍ଗବାସୀଙ୍କ ମନରେ ଛନକା ପଶେ

### ଆଜି ବି ମନରୁ ଲିଭିନି ବାତ୍ୟାର ସେହି କରୁଣ ଦୁଃଖ

**କାକଟପୁର/ଅସ୍ତରଙ୍ଗ,୨୫।୧୦ (ସଂଚାର ବ୍ୟୁରୋ):** ଅକ୍ଟୋବର ମାସ ବାତ୍ୟାର ମାସ । ଅକ୍ଟୋବର ଆସିଲେ ଓଡିଶା ମୁହାଁ ହୁଏ ବାତ୍ୟା । ଜଳରୁ ସ୍ଥଳକୁ ଆସି ରଚେ ତାଣ୍ଡବ । ପ୍ରତିବର୍ଷ ଅକ୍ଟୋବର ମାସ ଆସିଲେ ବାତ୍ୟା ଓଡିଶାକୁ ଧାଇଁ ଆସିବାର ନଜିର ରହିଛି । ଅତୀତର ପୃଷ୍ଠା ଯଦି ଆପଣ ରୋମନ୍ଥନ କରିବେ ତେବେ ଜାଣିବାକୁ ପାଇବେ ଯେ ଓଡିଶାକୁ ବଡ ବଡ ବାତ୍ୟା ହିଁ ଅକ୍ଟୋବର ମାସରେ ଆସିଛି । ଆଉ କିଛିଦିନ ପରେ ଅକ୍ଟୋବର ୨୯ । ପାର୍ବଣ ଋତୁ ପରେ ବାତ୍ୟା ଓଡିଶାକୁ ଆସେ। ତେଣୁ ଅକ୍ଟୋବର ଆସିଲେ ଓଡିଶା ଲୋକଙ୍କ ମନରେ ଛନକା ପଶେ। ୧୯୯୯ରେ ମହାବାତ୍ୟା କୁହନ୍ତୁ କି ୨୦୧୩ରେ ଫାଇଲିନ, ୨୦୧୪ରେ ହୁଦୁହୁଦୁ, ୨୦୧୮ରେ ତିତିଲି ଏବଂ ୨୦୨୪ରେ ଦାନା- ଓଡିଶାକୁ ଛୁଇଁ, ଓଡିଶାରେ ତାଣ୍ଡବ ରଚିଛି ଏ ସବୁ ଅକ୍ଟୋବର ମାସର ବାତ୍ୟା । ୧୯୯୯ରୁ ୨୦୨୪ ଯାଏଁ ୫ଟି ବାତ୍ୟା ଓଡିଶାରେ ପ୍ରଳୟ ରଚିଥିବା ବେଳେ ଆହୁରି ଅନେକ ବାତ୍ୟା ସାମାନ୍ୟ ପ୍ରଭାବ ପକାଇ ଯାଇଛି ।ପ୍ରାକୃତିକ ବିପର୍ଯ୍ୟୟକୁ ସାଥିରେ ନେଇ ଆସେ ଅକ୍ଟୋବର ମାସ। ୧୯୯୯ ମହାବାତ୍ୟା ଠାରୁ ବିଗତ ୨୫ବର୍ଷ ହେଲା ଲୋକଙ୍କ ମନରେ ଭୟ ଲାଗି ରହୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେବୀ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ଏହି ଅକ୍ଟୋବର ମାସରେ ବନ୍ୟା ଓ ବାତ୍ୟାକୁ ସାମ୍ନା କରିଛନ୍ତି। ତେଣୁ ଅକ୍ଟୋବର ମାସ ଆସିଲେ ପ୍ରଶାସନ ଠାରୁ ସାଧାରଣ ଲୋକେ ସମସ୍ତେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଚିନ୍ତାରେ ପଡିଥାନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେବୀ ନଦୀ ସନ୍ନିକଟରେ ଅବସ୍ଥିତ। ଅସ୍ତରଙ୍ଗ ବାସୀଙ୍କୁ ପ୍ରଳୟଙ୍କାରି ବନ୍ୟା ଓ ବଙ୍ଗୋପସାଗରର ବାତ୍ୟା ଲୋକଙ୍କ ଆଖିରୁ ନିଦ ହଜାଇ ଦିଏ। ୧୫ଗୋଟି ପଂଚାୟତ କୁ ନେଇ ଏହି ଅସ୍ତରଙ୍ଗ ବ୍ଲକରେ ନଗର, ଆଳସାହି, ତାଳଦା, ନୂଆଗଡ, ଝାଡ଼ଲିଙ୍ଗ, ଛୁରିଆନା, ଶିଶୁଅ, ଅସ୍ତରଙ୍ଗ ଓ ଆଳଙ୍ଗପୁର ଅଂଚଳରେ ବିଗତ ବନ୍ୟାରେ ଜଳମଗ୍ନ ହେଉଥିବା ବେଳେ ବାତ୍ୟା ହେଲେ ସମସ୍ତ ପଂଚାୟତବାସୀ ଚିନ୍ତିତ ହୋଇ ପଡନ୍ତି। ୧୯୯୯ରୁ ୨୦୨୪ ଯାଏଁ ଅକ୍ଟୋବର ମାସ ହିଁ ବାତ୍ୟାର ମାସ ସାଜିଥିବା ବେଳେ ଏବେ ପୁଣି ଅକ୍ଟୋବର ଆସୁଥିବାରୁ ଏଥର ବାତ୍ୟା ଆସୁଥିବାରୁ ତାହା କେତେ କ୍ଷତି କରିବ ତାକୁ ନେଇ ଏବେଠୁ ଭୟ ଘାରିଲାଣି ।



# ନୂଆପଡ଼ାରେ ପୁଲିସ ସୁରକ୍ଷାର ସମୀକ୍ଷା କଲେ ଡିଜିପି



**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ମଣ୍ଡଳୀରେ ଉପ-ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆଜି ନୂଆପଡା ଜିଲ୍ଲା ଗସ୍ତ କରି ନିର୍ବାଚନ ସମ୍ପର୍କିତ ପୋଲିସ୍ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ନିର୍ବାଚନ ସମୟରେ ପୋଲିସକୁ ସଜାଗ ଓ ତତ୍ପର ରହିବାକୁ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଡିଜିପି ଶ୍ରୀ ଖୁରାନିଆ ପ୍ରଥମେ ଓଡ଼ିଶା, ଛତିଶଗଡ ସୀମାନ୍ତରେ ଅବସ୍ଥିତ ସୁନାବେଡା ଓ ଦାତୁନାମା ସିଆରପିଏଫ କ୍ୟାମ୍ପ ଓ ପରେ ଜାମଙ୍ଗାରେ ଅବସ୍ଥିତ ଆଇଆର ବାଟାଲିୟନ କ୍ୟାମ୍ପ ପରିଦର୍ଶନରେ ଯାଇ ସେଠାରେ ମୃତୟନ ଥିବା ଅର୍ଦ୍ଧ ସାମରିକ ବଳ ତଥା ଓଡିଶା ପୋଲିସର ବରିଷ୍ଠ ଅଧିକାରୀ ଓ ଯବାନମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କଠିନ ପରିଶ୍ରମ ନିମନ୍ତେ ସେମାନଙ୍କୁ ଉତ୍ସାହିତ କରିବା ସହ ଉପନିର୍ବାଚନ ନିମନ୍ତେ ପ୍ରସ୍ତୁତ ଓ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ।

ଏହାପରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଡିଜିପି ବରିଷ୍ଠ ପୋଲିସ୍ ଅଧିକାରୀମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି, ଭୋଟ୍ ଗ୍ରହଣ କେନ୍ଦ୍ରଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଏବଂ ମାଓବାଦୀ ପ୍ରବଣ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ନିମନ୍ତେ ପଦକ୍ଷେପ ଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ।

ଏହା ସହ ନିର୍ବାଚନ ଆଚରଣ ବିଧିର କଡାକଡି ଅନୁପାଳନ କରିବାକୁ ଡିଜିପି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ, ମୁକ୍ତ ଏବଂ ନିରପେକ୍ଷ ଭାବରେ ସମାପନ ହେବା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ଅଧିକ ଫୋର୍ସ ମୁତୟନ କରିବା, ଆନ୍ତଃରାଜ୍ୟ ସୀମାନ୍ତରେ କଡ଼ା ପାଟ୍ରୋଲିଂ କରିବା ଏବଂ ଅସାମାଜିକ ତତ୍ତ୍ୱ ଉପରେ ନଜର ରଖିବାକୁ ମଧ୍ୟ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଡିଜିପିଙ୍କ ଗସ୍ତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି (ଉତ୍ତରାଞ୍ଚଳ) ହିମାଂଶୁ ଲାଲ, ଡିଆଇଜି(ଅପେରସନ) ଅଖିଳେଶ୍ୱର ସିଂହ, ଡିଆଇଜି( ଦକ୍ଷିଣାଞ୍ଚଳ) ଡ଼. କେ. ଭି. ସିଂହ, ନୂଆପଡ଼ା ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଅମୃତ ପାଲ ସିଂହ, କଳାହାଣ୍ଡି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ନାଗରାଜ୍ ଦେବେରକୋଣ୍ଡା ଓ ବଲାଙ୍ଗିର ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ହୋଟେଲକୁ ଯାଇ ଆଉ ଫେରିଲେନି ଲିଜା



**ଭୁବନେଶ୍ୱର, ୨୫।୧୦(ସଂଚାର ବ୍ୟୁରୋ):** ହୋଟେଲରୁ ଖାଇବା ଆଣିବାକୁ ଯାଇ ଲିଜା ଘରୁ ବାହାରି ଯାଇ ଆଉ ଫେରିଲାନି। ରାତି ବଢୁଥାଏ... ବଡ଼ ଭଉଣୀର ଫେରିବା ବାଟକୁ ସାନ ଭଉଣୀ ଚାହିଁ ରହିଥାଏ । କେତେବେଳେ ଲିଜା ନାନୀ ଆସିଲେ ତା ସହ ମିଶି ଖାଇବୁ ହେଲେ ସେ ଆଉ ଫେରି ନଥିଲା କିନ୍ତୁ ଆସିଲା ପୋଲିସର ଗୋଟିଏ ଫୋନ୍ କଲ। ଶୀଘ୍ର ଆସନ୍ତୁ ତମାଣ୍ଡୋ ପେଟ୍ରୋଲ ପମ୍ପ ନିକଟରେ ଆପଣଙ୍କ ଭଉଣୀର ଆକସିଡେଣ୍ଟ ହୋଇଛି ।

ଛାତି ଥରି ଉଠିଲା ସାନ ଭଉଣୀର। ତୁରନ୍ତ ଯାଇ ପହଞ୍ଚି ଦେଖିଲା ସତକୁ ସତ ଲିଜା ନାନୀ ଦୁର୍ଘଟଣାରେ ଗୁରୁତର । ତମାଣ୍ଡୋ ପୋଲିସ ଘଟଣା ସ୍ଥଳରୁ ଆଉ ଜଣେ ଯୁବକ ସହିତ ଲିଜାକୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ଆଣିଲେ । ଯୁବକ ଜଣଙ୍କ ଚିକିତ୍ସା ଚାଲିଲା ହେଲେ ଲିଜାକୁ ଡାକ୍ତର ମୃତ ଘୋଷଣା କରିଦେଲେ। ଆଉ ମରଶରୀର ରଖାଯାଉଥିବା ଗୃହକୁ ନେଇଗଲେ । ତା'ପର ଦିନ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଲିଜାଙ୍କ ପରିବାର ବର୍ଗ ଓ ସମ୍ପର୍କୀୟମାନେ ଉପସ୍ଥିତ ଥାଆନ୍ତି । ଲିଜା ବାପାଙ୍କର କହିବା ଅନୁସାରେ ତାଙ୍କ ଘର ହେଉଛି ବାଙ୍କୀ ପାଟପୁରରେ। ଲିଜା ଓ ତାଙ୍କ ସାନ ଭଉଣୀ ମିଶି ଖଣ୍ଡଗିରି ବରବାରିରେ ରୁହନ୍ତି । ବାପା ମା' ସପ୍ତାହକୁ ଥରେ ଦୁଇ ଥର ଆସି ଝିଅମାନଙ୍କ ପାଖରେ ରହନ୍ତି । ଲିଜା ଗୋଟିଏ କମ୍ପାନୀରେ କାମ କରେ। ସାନ ଭଉଣୀ ପାଠ ପଢେ।

ଲିଜାଙ୍କର କୁଆଡେ ଜଣେ ଯୁବକ ସହିତ ପ୍ରେମ ସମ୍ପର୍କ ଥିଲା। ଦୁର୍ଘଟଣା ଦିନ ଲିଜା ଖାଇବା ଆଣିବାକୁ ଯୁବକ ବନ୍ଧୁଙ୍କ ସ୍କୁଟିରେ ଯାଇଥିଲେ । ପୋଲିସ କହିବା କଥା ସ୍କୁଟି ତମଣ୍ଡୋ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ପରେ ଯୁବକ ଜଣକ ହସ୍ପିଟାଲରେ ଚିକିତ୍ସିତ ହୋଇ ଥାନାରେ ଅଟକ ରହିଥିଲେ। ଲିଜାଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠା ଯାଇଥିଲା । କିନ୍ତୁ ପରିବାର ଲୋକେ ଲିଜାର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ସେମାନଙ୍କ ମନରେ କିଛି ସନ୍ଦେହ ରହୁଛି। ସେହି ଯୁବକ ପ୍ରେମିକ ଉପରେ ରହୁଛି ସନ୍ଦେହ । ତେଣୁ ତାଙ୍କ ନାଁରେ ପରିବାର ଲୋକେ ଏତଲା ଦେଇଥିଲେ । ସେ ହିଁ ଲିଜା ମୃତ୍ୟୁ ପାଇଁ ଦାୟୀ। ତେବେ ପୋଲିସ ସବୁ ଦିଗକୁ ବିଚାର କରି ତଦନ୍ତ କରୁଛି। ପୋଷ୍ଟ ମୋର୍ଟମ ରିପୋର୍ଟ ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ।

## ଘରୁ ଘୋଷାଡ଼ି ଆଣି ଦଳିଦେଲେ ହାତୀ

**ଭଞ୍ଜନଗର, ୨୫।୧୦ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୂଜାଗଡ ରେଞ୍ଜ ବେଲାଟୁଣି ଗ୍ରାମର ବିକ୍ରମ ନାୟକଙ୍କୁ (୪୦)ଙ୍କୁ ଶୁକ୍ରବାର ରାତିରେ ହାତୀପଲ ଘରୁ ଘୋଷାଡି ଆଣି ବିଲରେ ଦଳି ଚକଟି ମାରିଦେଇଛନ୍ତି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଖବରପାଇ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସରକାରଙ୍କ ନୀତି ନିୟମ ଅନୁସାରେ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ହାତୀପଲ ଗତକାଲି ରାତିରେ ମୂଜାଗଡ ଅଞ୍ଚଳରେ ବ୍ୟାପକ ଫସଲ କ୍ଷୟକ୍ଷତି କରିଥିଲେ। ଏହାପରେ ବେଲାଟୁଣି ଅଞ୍ଚଳ ଆଡ଼େ ହାତୀପଲ ଯାଇ ଫସଲ କ୍ଷତି କରିଥିଲେ। ଏହି ସମୟରେ ହାତୀପଲ ବିକ୍ରମ ନାୟକଙ୍କୁ ଘରୁ ଘୋଷାଡି ଆଣି ମାରି ଦେଇଥିବା ଅଭିଯୋଗ ହୋଇଛି।

## ରେବ ନଦୀରେ ଗାଧୋଇବା ବେଳେ ଅଘଟଣ, ଯୁବକ ମୃତ

**ଭଦ୍ରକ, ୨୫।୧୦ (ସଂଚାର ବ୍ୟୁରୋ) :** ରେବ ନଦୀରେ ଗାଧୋଇବା ବେଳେ ଅଘଟଣ । ଗଭୀର ପାଣିରେ ବୁଡ଼ି ଚାଲିଗଲା ଯୁବକଙ୍କ ଜୀବନ । ମୃତକ ଭଦ୍ରକ ଜିଲ୍ଲା ଧାମନଗର ଥାନା ଇଛଦା ଗାଁର ପ୍ରକାଶ ପାଣିଗ୍ରାହୀ ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ଇଛଦା ଗାଁର ପ୍ରକାଶ ପାଣିଗ୍ରାହୀ ଶନିବାର ରେବ ନଦୀରେ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ନଦୀର ଗଭୀର ପାଣିରେ ବୁଡ଼ିଯାଇଥିଲେ। ଏସମ୍ପର୍କରେ ଖବର ପାଇ ଧାମନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରକାଶଙ୍କୁ ଉଦ୍ଧାର କରିଥିଲା । ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ଅଣାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଗଛ ଡାଳ ବାଜି ଭାଙ୍ଗିଗଲା ଆମ ବସ୍ ଛାତ




**କଟକ, ୨୫।୧୦ (ସଂଚାର ବ୍ୟୁରୋ) :** କଟକ ସିଡିଏ ସେକ୍ଟର ୭ ଅଞ୍ଚଳରେ ଗଛ ଡାଳ ବାଜି ଭାଙ୍ଗିଲା ଆମ ବସ୍‌ର ଛାତ । ସିଡିଏ ସେକ୍ଟର ୭ ଇଲେକ୍ଟ୍ରି ଅଫିସ୍ ସମ୍ମୁଖରେ ଗଛ ଡାଳ ବାଜି ବସ୍‌ର ଛାତ ଭାଙ୍ଗି ଯାଇଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ବହୁ ବସ୍ ଗମନା ଗମନ କରନ୍ତି ହେଲେ ରାସ୍ତା ଉପରେ ନଇଁ ପଡ଼ିଥିବା ଗଛ ଡାଳକୁ କଟା ଯାଉନଥିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ସୌଭାଗ୍ୟବଶତଃ ବସ୍‌ରେ ଥିବା ଯାତ୍ରୀମାନଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ।

## ନିର୍ବାଚନରେ ଏଆଇ ଉତ୍ପନ୍ନ ବିଷୟବସ୍ତୁର ସଠିକ ବ୍ୟବହାର ହେଉ

- ସମସ୍ତ ନିର୍ଦ୍ଦେଶାବଳୀ ଅନୁପାଳନ କରୁ ରାଜନୈତିକ ଦଳ
- ପ୍ରଚାରରେ ଏଆଇ ପ୍ରବର୍ତ୍ତିତ ଛବିର ପଠନୀୟ ଲେବଲ୍ ରହୁ

**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ରାଜନୈତିକ ନେତାମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ବାର୍ତ୍ତା ଦେଉଥିବା ଦର୍ଶାଇ କୃତ୍ରିମ ଭାବରେ ଉତ୍ପନ୍ନ ସୂଚନାର ଅପବ୍ୟବହାର ହେଉଛି, ଯାହା ନିର୍ବାଚନ ସମୟରେ ରାଜନୈତିକ ଅଭିଯାନର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଥିବା ନୀତିନିୟମର ଉଲ୍ଲଂଘନ କରିବା ସହ ସମସ୍ତ ରାଜନୈତିକ ଅଂଶଗ୍ରହଣକାରୀଙ୍କ ପାଇଁ ସମାନ ସୁଯୋଗ ଓ ସମାନ ପରିବେଷ୍ଟନୀ ଉପଲବ୍ଧ କରିବାରେ ବ୍ୟାଘାତ ସୃଷ୍ଟି କରିବା ବିଷୟରେ ଭାରତର ନିର୍ବାଚନ ଆୟୋଗର ଦୃଷ୍ଟିକୁ ଆସିଲା ପରେ ଆୟୋଗ ନିର୍ଦ୍ଦେଶାବଳୀ ଜାରି କରିଛି ।

ପରାମର୍ଶିକ ଅନୁଯାୟୀ, ସୂଚନା ସୃଷ୍ଟି କରିବା, ପରିବର୍ତ୍ତନ କରିବା, ପ୍ରକାଶନ ଏବଂ ପ୍ରସାରଣ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଅନୁପଯୁକ୍ତ ବ୍ୟବହାର ଏକ ବଡ ଆହ୍ୱାନ, କାରଣ ଏହା ସତ୍ୟ ଭଳି ପ୍ରତ୍ୟୟ ହୁଏ ଏବଂ ଜନସାଧାରଣଙ୍କୁ ଅଜାଣତରେ ଭୁଲ ନିଷ୍ପତ୍ତିକୁ ଟାଣି ନେଇଥାଏ। ନିର୍ବାଚନର ସ୍ୱଚ୍ଛତା ଏବଂ ଭୋଟରଙ୍କ ବିଶ୍ୱାସ ବଜାୟ ରଖିବା ଉପରେ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେଇଥାଏ।

ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର କ୍ଷମତା ରଖୁଥିବା ଡିପ ଫେକ୍ ଏବଂ କୃତ୍ରିମ ଭାବରେ ଉତ୍ପନ୍ନ ବିଷୟବସ୍ତୁ ଦ୍ୱାରା ଉପୁଜୁଥିବା ବର୍ଦ୍ଧିତ ବିପଦକୁ ଦୃଷ୍ଟିରେ ରଖି, ଏତଦ୍ୱାରା ଆୟୋଗ ସମ୍ବିଧାନର ଧାରା ୩୨୪ ଅଧୀନରେ ଥିବା ନିଜର ପୂର୍ଣ୍ଣ କ୍ଷମତାକୁ ପ୍ରୟୋଗ କରି, ନିର୍ବାଚନ ତାଲିକା ପ୍ରସ୍ତୁତି ଏବଂ ନିର୍ବାଚନ ପରିଚାଳନା ପାଇଁ ତଦାରଖ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ସମ୍ବନ୍ଧରେ ସମସ୍ତ ରାଜନୈତିକ ଦଳକୁ ଆଇଟି ନିୟମ, ୨୦୨୧ ଏବଂ ଏହି ସମ୍ବନ୍ଧରେ ଆୟୋଗ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀ ଏବଂ ପରାମର୍ଶର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଦାୟିତ୍ୱକୁ ପୁନଃସ୍ମରଣ କରାଇ ଦେଉଛନ୍ତି। ସମସ୍ତ ରାଜନୈତିକ ଦଳଙ୍କୁ ନିର୍ବାଚନ ପ୍ରଚାରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସମୁଚିତ, ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଏହି ପରାମର୍ଶଗୁଡ଼ିକୁ ପାଳନ କରିବାକୁ ଅନୁରୋଧ କରାଯାଉଛି। ନିଜ ପ୍ରଚାରରେ ମିଥ୍ୟା ସୂଚନା/ ଭୁଲ ସୂଚନା/ଅପସୂଚନା ଦେଉଥିବା କୌଣସି ଏଆଇ-ସୃଷ୍ଟ ବିକୃତ / ବିଭ୍ରାନ୍ତିକର ବିଷୟବସ୍ତୁ ବ୍ୟବହାରରୁ ବିରତ ରୁହନ୍ତୁ।

## ଛତ୍ର ବଜାର ଅର୍ବାନ ହାଟ ନିଲାମ ନିଷ୍ପତ୍ତିକୁ ବ୍ୟବସାୟୀ ସଙ୍ଘର ବିରୋଧ



**କଟକ, ୨୫।୧୦ (ସଂଚାର ବ୍ୟୁରୋ) :** କଟକ ଛତ୍ର ବଜାର ଅର୍ବାନ ହାଟ ନିଲାମ କରିବାକୁ ସିଏମସି ପକ୍ଷରୁ ଯେଉଁ ନିଷ୍ପତ୍ତି ହୋଇଛି, ତାକୁ ବିରୋଧ କରିଛି ପରିବା ବ୍ୟବସାୟୀ ସଙ୍ଘ। ହାଟ ନିଲାମ କରାଯିବା ପରିବର୍ତ୍ତେ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ସଂଘକୁ ଦିଆଯିବା ନେଇ ଦାବି ହୋଇଛି। ଯଦି ଏନେଇ କୌଣସି ଆଲୋଚନା ନହୁଏ ଏବଂ ସିଏମସି ତାର ନିଷ୍ପତ୍ତିରେ ଅଟଳ ରୁହେ, ତେବେ ଆଗାମୀ ୨୮ ଓ ୨୯ ତାରିଖ ଅର୍ବାନ ହାଟ ବନ୍ଦ ରଖିବାକୁ ସଙ୍ଘ ନିଷ୍ପତ୍ତି ନେଇଛି। ପୂର୍ବରୁ ଅର୍ବାନ ହାଟ ପିଣ୍ଡି ପିଛା ୨୦ ଟଙ୍କା ୟୁଜର ଫି ଆକାରରେ ଆଦାୟ ହେଉଥିଲା, କିନ୍ତୁ ଏବେ ତାକୁ ଟେଣ୍ଡର କରିବା ଲାଗି ସିଏମସି ପ୍ରଶାସନ ନିଷ୍ପତ୍ତି ନେଇଛି । ଯାହାକୁ ସଙ୍ଘ ବିରୋଧ କରିଛି ।

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଉଦ୍‌ଯାପିତ

## ଶିକ୍ଷକ କର୍ତ୍ତବ୍ୟ ପ୍ରତି ଯତ୍ନବାନ୍ ହେଲେ ଛାତ୍ରଛାତ୍ରୀଙ୍କ ବିକାଶ ସମ୍ଭବ: ସାରଦା



**ନିଶ୍ଚିନ୍ତକୋଇଲି, ୨୫।୧୦(ସଂଚାର ବ୍ୟୁରୋ):** ଶନିବାର ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରାମକୃଷ୍ଣପୁର ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ମୁଖ୍ୟବକ୍ତା ଭାବେ ବିଡିଓ ଦ୍ୱିବ୍ୟାନ୍ଦୁ ଦାସ, ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଇଓ ମୋନାଲିସା ସରକାର, ପ୍ରଧାନଶିକ୍ଷକ ନିମାଇଚରଣ ସାହୁ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଭିନେତା ଅରିନ୍ଦମ୍ ରାୟ ଯୋଗଦାନ କରି ସୁରଭି ମହୋତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଗୁଣାବଳୀକୁ ପ୍ରକାଶିତ କରିବା ସମ୍ଭବ ବୋଲି ମତପ୍ରକାଶ କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜର କର୍ତ୍ତବ୍ୟ ପ୍ରତି ଯତ୍ନବାନ୍ ହେଲେ ଛାତ୍ରଛାତ୍ରୀଙ୍କ ସୈକ୍ଷିକ ବିକାଶ ସମ୍ଭବପର ହୋଇପାରିବ ବୋଲି ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ମତପ୍ରକାଶ କରିଥିଲେ। ସମସ୍ତ ପ୍ରତିଭାବାନ୍ ଛାତ୍ର ଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ଯୁବନେତାଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଗୋପ ଗ୍ରାମର ଚିତ ରଞ୍ଜନ କରଙ୍କ ଅଜଣା ଗାଡି ଧକ୍କାରେ ୪୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ବାଇକ ଯୋଗେ କଟକରୁ ଫେରୁଥିବା ବେଳେ ସାଲେପୁର କୁଳିଆ ନିକଟରେ ଏକ ଅଜଣା ଦୃତଗାମୀ ଗାଡି ତାଙ୍କୁ ଧକ୍କା ଦେଇଥିଲା। ପାଟ୍ରୋଲିଂ କରୁଥିବା ପୋଲିସ ରାସ୍ତାରୁ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ କର ବିଜେପି କେନ୍ଦ୍ରାପଡ଼ା ନଗର କମିଟିର ପୂର୍ବତନ ସାଧାରଣ ସମ୍ପାଦକ ତଥା ବୁଥ କମିଟି ପରିଚାଳକ ଭାବେ କାର୍ଯ୍ୟକରି ଦଳୀୟ ମହଲରେ ଲୋକପ୍ରିୟ ହୋଇ ପାରିଥିଲେ। ତାଙ୍କ ମର ଶରୀର ଗ୍ରାମରେ ପହଁଚିବା ପରେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଧାନସଭା ନେତ୍ରୀ ଗୀତାଞ୍ଜଳୀ ସେଠୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ସମ୍ପାଦକ ଅମିତାବ ସୁଆରଙ୍କ ସମେତ ବହୁ କର୍ମକର୍ତ୍ତା ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ପୁରୀରୁ ମୁହଁ ଫେରାଉଛନ୍ତି ବିଦେଶୀ ପର୍ଯ୍ୟଟକ

**ପୁରୀ,୨୫।୧୦(ସଂଚାର ବ୍ୟୁରୋ):** ଭିତ୍ତିଭୂମି ବଢ଼ିଛି, ତାରକା ହୋଟେଲ ଦୁଇଗୁଣା ହେଲାଣି। ବିଦେଶରୁ ବିମାନ ଆଗମନ ବି ବଢ଼ିଛି। ପୁରୀ ଓ କୋଣାର୍କରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି କିନ୍ତୁ

**ଚିନ୍ତା ବଢ଼ାଇଲା ଓଡ଼ିଶା ପର୍ଯ୍ୟଟନର ରିପୋର୍ଟ**



ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମୁଛି। ପୂର୍ବରୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିଲା। କୋଭିଡ ପରଠୁ ଆକର୍ଷଣ ହରାଇଛି। ଆଧ୍ୟାତ୍ମିକ ନଗରୀ ପୁରୀ ଓ ଐତିହ୍ୟ ସମ୍ପନ୍ନ ବିଶ୍ୱର ସପ୍ତାଶ୍ଚର୍ଯ୍ୟ କୋଣାର୍କ। ଓଡ଼ିଶା ପର୍ଯ୍ୟଟନର ଏହି ପ୍ରାଣକେନ୍ଦ୍ରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଫେଲ ମାରୁଛି। ଓଡ଼ିଶା ପର୍ଯ୍ୟଟନ ବିଭାଗର ପରିସଂଖ୍ୟାନ ରିପୋର୍ଟରେ ଏଭଳି ଚିନ୍ତା ଜନକ ତଥ୍ୟ ସାମ୍ନାକୁ ଆସିଛି। କରୋନା ପରଠୁ ପୁରୀକୁ ଆସୁଥିବା ବିଦେଶୀ ଅତିଥିଙ୍କ ସଂଖ୍ୟା କମି କମି ଯାଉଛି। ଓଡ଼ିଶା ପର୍ଯ୍ୟଟନ ବିଭାଗର ରିପୋର୍ଟ ମୁତାବକ ୨୦୧୯ରୁ ୨୦୨୩ ମଧ୍ୟରେ ପୁରୀରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୩୭ ହଜାରରୁ ୯ ହଜାରକୁ ଖସି ଆସିଛି। ସେହିପରି କୋଣାର୍କରେ ମଧ୍ୟ ୭ ହଜାରରୁ ୩ ହଜାର ୮ଶହକୁ କମିଛି। ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଟୁର ଅପରେଟର।

ପୂର୍ବ ଅପେକ୍ଷା ପୁରୀରେ ତାରକା ହୋଟେଲ ସଂଖ୍ୟା ବଢ଼ିଛି। ବିଦେଶରୁ ଓଡ଼ିଶାକୁ ବିମାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତଥାପି ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି। ଏଥିପାଇଁ ବିଦେଶରେ ପର୍ଯ୍ୟଟନୀସ୍ଥଳର ପ୍ରଚାର ପ୍ରସାର ଅଭାବକୁ ଦାୟୀ କରାଯାଉଛି। ବିସ୍ତୀର୍ଣ୍ଣ ବେଳାଭୂମି ସତ୍ତ୍ୱେ ପର୍ଯ୍ୟାପ୍ତ ଖୋଲାମେଲା ସ୍ଥାନ ପ୍ରସ୍ତୁତ ହୋଇ ପାରୁନାହିଁ। କୋଣାର୍କ, ଚିଲିକାକୁ ଛାଡ଼ିଦେଲେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ କୌଣସି ଭିତ୍ତିଭୂମି ନଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ହୋଟେଲ ମାଲିକ। ଶ୍ରୀକ୍ଷେତ୍ରରେ ବିଦେଶୀଙ୍କୁ ଆକୃଷ୍ଟ କଲା ଭଳି ସ୍ଥାନ ପ୍ରସ୍ତୁତ କରିନପାରିବା। ନିୟମିତ ବ୍ୟବଧାନରେ ଭ୍ରମଣ ମେଳା ନକରିବା ଓ ପ୍ରଚାର ପ୍ରସାର ହେଉନଥିବାର ଫଳ ଏବେ ପର୍ଯ୍ୟଟନ ଶିଳ୍ପ ଉପରେ ପଡିଛି।

### ● ସମ୍ବଲପୁର ଚାକିରି କେଲେଙ୍କାରୀ

## ଠକ ସର୍ଦ୍ଦାର ପରେ ବନ୍ଧାହେଲେ ସହଯୋଗୀ

**ଭୁବନେଶ୍ୱର, ୨୫।୧୦(ସଂଚାର ବ୍ୟୁରୋ):** ସମ୍ବଲପୁରରେ ଚାକିରି ନାଁରେ ଠକେଇ ମାମଲା। ଠକେଇର ମାଷ୍ଟରମାଇଣ୍ଡ ଆରମ୍ୟାକ୍ସ ପ୍ରାଇଭେଟ ଲିମିଟେଡର ଦୁଇ ମୁଖିଆଙ୍କୁ ଗିରଫ ପରେ ଏବେ ତାଙ୍କ ଏଜେଣ୍ଟଙ୍କୁ ବାନ୍ଧିଛି ପୁଲିସ। ସମ୍ବଲପୁର ପରେ ବରଗଡ଼ରେ ଏବେ ପୁଲିସର ଧରପଗଡ଼ ଚାଲିଛି। ସମ୍ବଲପୁରରୁ ବରଗଡ଼ ଚାକିରି କେଲେଙ୍କାରୀରେ ସମ୍ପୃକ୍ତ ଦଲାଲଙ୍କୁ ଖୋଜୁଛି ପୋଲିସ। ବରଗଡ଼ ପୁଲିସ ଠକ କମ୍ପାନିର ଦଲାଲ ତଥା ସୁପରଭାଇଜରଙ୍କୁ ଖୋଜି ଖୋଜି ବାନ୍ଧୁଛି। ଯେଉଁମାନେ ସାଧାରଣ ଗରିବ ମହିଳାଙ୍କଠାରୁ ଝାଡୁଦାର ଚାକିରି ନାଁରେ ଟଙ୍କା ଆଦାୟ କରୁଥିଲେ। ସେମାନେ କେତେ ମହିଳାଙ୍କ ଠାରୁ କେତେ ଟଙ୍କା ଲୁଟିଛନ୍ତି ଖୋଳତାଡ଼ ଚାଲିଛି। ଭଟଲି ଥାନା ପୁଲିସ ୨ ସୁପରଭାଇଜର ଓ ଭେଡେନ ଥାନା ପୁଲିସ ୩ ଜଣ ସୁପରଭାଇଜରଙ୍କୁ ଗିରଫ କରିଛି। ଅନ୍ୟପଟେ ଠକେଇର ଶିକାର ହୋଇଥିବା ଲୋକେ ଭେଡେନ ଥାନାକୁ ଆସି ଅଭିଯୋଗ କରିବା ସହ ଟଙ୍କା ଫେରାଇବାକୁ ଦାବି କରିଛନ୍ତି।

## ପାର୍ବଣ ଋତୁରେ ଟ୍ରେନରେ ଯାତ୍ରା କଲେଣି ଦେଢ଼କୋଟି ଯାତ୍ରୀ

**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ପାର୍ବଣ ଋତୁରେ ଭାରତୀୟ ରେଳବାଇ ବର୍ତ୍ତମାନ ସୁଦ୍ଧା ଟ୍ରେନ୍ ମାଧ୍ୟମରେ ଦେଢ଼ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିଛି। ଉତ୍ସବ ସମୟରେ ଏହି ସଂଖ୍ୟା ୨.୫୦ କୋଟି ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ବିହାର ଏବଂ ୟୁପିର ଆଖପାଖ ଅଞ୍ଚଳର ୩୦ ଟି ପ୍ରମୁଖ ଷ୍ଟେସନରେ ବୃହତ ହୋଲ୍ଡିଂ ଅଞ୍ଚଳ ସହିତ ସଜ୍ଜିତ କରାଯାଇଛି।

ନିକଟ ଅତୀତରେ, ରେଳ ଭିତ୍ତିଭୂମିରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଉଲ୍ଲେଖନୀୟ ପ୍ରଗତି ଆଣିଛି। ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା, ଯାହା ପୂର୍ବରୁ ମାତ୍ର କିଛି ଶହ ଥିଲା, ଏବେ ରେକର୍ଡ ଭାଙ୍ଗିଛି। ରେଳପଥ ନିର୍ମାଣ କାର୍ଯ୍ୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି, ଯାହା ପାଖାପାଖି ଏକ ଦଶନ୍ଧି ପୂର୍ବରୁ ବର୍ଷକୁ ମାତ୍ର ୪୦୦-୬୦୦ କି. ମି. ଥିଲା, ଯାହା ଆଜି ବର୍ଷକୁ ୪,୦୦୦ କିମିରୁ ଅଧିକ ହୋଇଯାଇଛି। ରେଳ କର୍ମଚାରୀମାନେ ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ଦିନରାତି କାର୍ଯ୍ୟ କରୁଛନ୍ତି ଯାହା ଦ୍ୱାରା ପର୍ବପର୍ବାଣୀ ପାଇଁ ସମସ୍ତେ ସୁରକ୍ଷିତ ଭାବରେ ଘରେ ପହଞ୍ଚିପାରିବେ। ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ, ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଦିନରାତି ନଜର ରଖାଯାଉଛି। ସମସ୍ତ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇ, ଦାନାପୁର ରେଳ ଷ୍ଟେସନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ ଏରିଆ ମଧ୍ୟ ସ୍ଥାପନ କରିଛି। ଭାରତୀୟ ରେଳବାଇ ଛଟ ପୂଜା ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଦାନାପୁର ରେଳ ଷ୍ଟେସନରେ, ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରୋଗୀ ଓ ଡାକ୍ତରୀ ଦଳ ରଖାଯାଇଛି।

## ଚିନ୍ତା ବଢ଼ାଇଲାଣି ସ୍କ୍ରବ ଟାଇଫସ୍; ୨ମୃତ, ୧୫୬୪ ସଂକ୍ରମିତ

**ସୁନ୍ଦରଗଡ଼, ୨୫।୧୦(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ପାଇଁ ଅଶୁଭ ଅକ୍ଟୋବର ମାସ। ପ୍ରତିବର୍ଷ ଏହି ମାସରେ ସ୍କ୍ରବ ଟାଇଫସ୍‌ରେ ଅଧିକ ଲୋକ ଆକ୍ରାନ୍ତ ହେଉଛନ୍ତି। ଚଳିତବର୍ଷ ଏଥିରେ ୨ ଜଣଙ୍କ ଜୀବନ ଗଲାଣି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗ କହୁଛି ଡରିବାର ଆଦୌ କାରଣ ନାହିଁ। ଚଳିତ ବର୍ଷ ସ୍ଥିତି ନିୟନ୍ତ୍ରଣରେ ଅଛି। ସୁନ୍ଦରଗଡ଼ରେ ଚିଗର ପୋକ କାମୁଡ଼ାରୁ ହେଉଥିବା ଏହି ରୋଗରେ ଚଳିତ ବର୍ଷ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୪୬ ଜଣ ଆକ୍ରାନ୍ତ ଅଛନ୍ତି। ଖାସ୍ କରି ଅକ୍ଟୋବର ମାସରେ ଏହି ରୋଗୀଙ୍କ ସଂଖ୍ୟା ବଢୁଛି। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏନେଇ ସଚେତନ କରିବା ସହ ଚିଗର ପୋକକୁ ଦମନ କରିବା ନେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସାଧାରଣତଃ ଏହି ଚିଗର ପୋକ ବୁଦା, ଜଙ୍ଗଲ ବା କ୍ଷେତ ମାନଙ୍କରେ ବର୍ଷାଦିନ ଆରମ୍ଭରୁ ଥଣ୍ଡା ବଢ଼ିବା ପର୍ଯ୍ୟନ୍ତ ଦେଖିବାକୁ ମିଳନ୍ତି। ଏହି ସମୟରେ ଚାଷୀ କ୍ଷେତ, ଜଙ୍ଗଲକୁ ଯିବା ବେଳେ ପୋକ କାମୁଡ଼ାର ଶିକାର ହୋଇ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇଥାନ୍ତି । ଏହି ଗ୍ରାଫ୍ ଏବେ ଉପରମୁହାଁ ହେବାର ଲାଗିଛି। ଯାହାକୁ ନେଇ ସାଧାରଣରେ କୋକୁଆ ଭୟ ଖେଳିଯାଇଛି। ଅନ୍ୟପଟେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ କହିଛନ୍ତି, ଅନ୍ୟବର୍ଷ ତୁଳନାରେ ଚଳିତ ବର୍ଷ ପଜିଟିଭ ଓ ମୃତ୍ୟୁହାର କମ୍ ରହିଛି। ନିଜ ଘର ଆଖପାଖକୁ ସ୍ୱଚ୍ଛରଖିବା ସହ ଜ୍ୱର ହେଲେ ତୁରନ୍ତ ଆସି ଚିକିତ୍ସା କରିବା ପାଇଁ ସେ ଜନସାଧାରଣଙ୍କୁ ଅପିଲ କରିଛନ୍ତି।

### ଜମୁଛି ନୂଆପଡ଼ା ଉପନିର୍ବାଚନ ପ୍ରଚାର

## ଯାଜପୁରର ଦୁଇ ମହାଶକ୍ତି ବବି ଓ ଲିକୁ ମୁହାଁମୁହିଁ





**ଯାଜପୁର,୨୫।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ଆସିବା ସହିତ ରାଜନୈତିକ ହାଲଚାଲ୍ ତୀବ୍ର ହେଇଯାଇଛି। ଏହି ଉପନିର୍ବାଚନ କେବଳ ଏକ ଆସନ ପାଇଁ ଲଢ଼େଇ ନୁହେଁ, ଏହା ହେଉଛି ଯାଜପୁର ରାଜନୀତିର ଦୁଇ ପ୍ରଭାବଶାଳୀ ମୁହଁ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ (ବବି) ଓ ବିଜେପି ନେତା ତଥା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ)ଙ୍କ ଅସଲି ରାଜନୀତିକ ପ୍ରତିଭା ଓ ପ୍ରଭାବର ପରୀକ୍ଷା କ୍ଷେତ୍ର।

ନୂଆପଡ଼ାର ଗଳି, ଗ୍ରାମରେ ବିଭିନ୍ନ ଦଳୀୟ ପତାକା ଲାଗିଛି, ମାଇକ୍‌ରେ ନିର୍ବାଚନୀ ନାରା ପ୍ରଚାର ଶୁଭୁଛି। ଏପଟେ ବିଜେଡି ନେତା ବବି ନିଜ ଦଳ ପାଇଁ ସମସ୍ତ ଶକ୍ତି ନେଇଛନ୍ତି। ଦଳୀୟ ପ୍ରଚାର ଓ ସମ୍ମିଳନୀରେ ନିଜ ପ୍ରଭାବ ଦେଖାଉଛନ୍ତି। ସେହିପରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ) ବିଜେପି ପକ୍ଷରୁ ଆଗୁଆ ଅଛନ୍ତି। ବବିଙ୍କୁ ବିଜେଡି ନୂଆପଡ଼ାର ପ୍ରଚାର ପରିଚାଳନା ଦାୟିତ୍ୱ ଦେଇଛି, ଯେପରି ଲିକୁ ବିଜେପିର ସମସ୍ତ ଯୁଦ୍ଧ ଯୋଜନାର ସାରଥି ସାଜିଛନ୍ତି। ଦୁଇଜଣ ନେତା ନିଜ ଦଳରେ ସକ୍ରିୟ ରଣନୀତିକାର ଭାବେ ଦେଖାଯାଉଛନ୍ତି ଏବଂ ଦୁଇଜଣଙ୍କ ମଧ୍ୟରେ ଅନୌପଚାରିକ ଏକ ଶୀତଳ ଯୁଦ୍ଧ ଚାଲିଛି।

ଦଳୀୟ ସ୍ତରରେ ଯେପରି ବିଜେଡିର ସ୍ନେହାଙ୍ଗିନୀ ଓ ବିଜେପିର ଜୟ ମୁଖ୍ୟ ପ୍ରାର୍ଥୀ ଭାବେ ଯୁଦ୍ଧରେ ଅଛନ୍ତି, ସେପରି ଭିତରେ ବବି ଓ ଲିକୁଙ୍କ ରଣନୀତି ଦଳର ଭବିଷ୍ୟତ ନିର୍ଣ୍ଣୟ କରୁଛି। ଦଳ ଭିତରୁ ଗୁଞ୍ଜରଣ ଯେ, ଯାଜପୁର ନେତାଙ୍କ ଏହି ଲଢ଼େଇ ଅସଲି ରାଜନୀତିକ ପ୍ରଭାବ ମାପିବାର ପରୀକ୍ଷା ହେବ। ବବିଙ୍କ ପାଇଁ ଏହି ଉପନିର୍ବାଚନ ଏକ ମାନ ସମ୍ମାନର ମାମଲା, ଯେଉଁଠାରେ ସେ ନିଜ ରାଜନୀତିକ ଧାରାକୁ ପୁନଃ ସଜାଇବାକୁ ଚାହୁଁଛନ୍ତି। ଲିକୁଙ୍କ ପାଇଁ ଏହି ଯୁଦ୍ଧ ହେଉଛି ଦଳ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିବାର ଅବସର। ଦୁଇଜଣ ନିଜ ନିଜ ଦଳ ପାଇଁ ନୂଆପଡ଼ାକୁ ଜିତିବାର ମିଶନ୍ ଭାବରେ ନେଇଛନ୍ତି। ନୂଆପଡ଼ାର ଫଳାଫଳ ଯାଜପୁର ରାଜନୀତିରେ କାହା ପାଇଁ ଶୁଭ ସଂକେତ ହେବ, ତାହା ସମୟ କହିବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପ୍ରତିଦିନ ଖସୁଛି ସୁନା, ରୁପା

## ଲାଭ ଉଠାଇବାକୁ ବିକୁଛନ୍ତି ନିବେଶକ




**ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ):** ଧନତେରସ୍ ଓ ଦୀପାବଳି ସମୟରେ ଆକାଶଛୁଆଁ ସ୍ତରରେ ପହଞ୍ଚିଥିବା ସୁନା ଓ ରୁପାର ଦାମ୍ ଗତ କିଛି ଦିନ ହେଲାଣି ଲଗାତାର ଭାବେ ତଳକୁ ଖସୁଛି। ସବୁଦିନ ଦରରେ ହ୍ରାସ ଘଟୁଛି। ଶୁକ୍ରବାର ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୬୫୦ ଟଙ୍କା ହ୍ରାସ ପାଇ ୧,୧୪,୦୦୦ ଟଙ୍କା ହୋଇଛି। ସେହି ସମୟରେ ୨୪ କ୍ୟାରେଟ୍ ସୁନା ଦାମ୍ ୭୧୦ ଟଙ୍କା ହ୍ରାସ ପାଇ ୧,୨୪,୩୭୦ ଟଙ୍କାକୁ ଖସିଆସିଛି। ରୁପା କେଜି ମଧ ଆଜି ୪୦୦୦ ଟଙ୍କା କମ୍ ହୋଇ ୧,୭୦,୦୦୦ ଟଙ୍କା ହୋଇଛି। ଚଳିତ ମାସ ୧୮ ତାରିଖରୁ ସୁନା ମୂଲ୍ୟରେ ନିୟମିତ ହ୍ରାସ ଘଟୁଛି। ଅକ୍ଟୋବର ୧୭ରେ ୨୨ କ୍ୟାରେଟ୍ ସୁନା ଦାମ୍ ୧,୨୧,୧୭୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୩୨,୭୭୦ ଟଙ୍କା ଭଳି ରେକର୍ଡ ସ୍ତରରେ ପହଞ୍ଚିଥିଲା। ତା' ପରେ କିନ୍ତୁ ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ୭୭୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ଦାମ୍‌ରେ ୮୪୦୦ ଟଙ୍କାର ହ୍ରାସ ଘଟିଛି। ସେହିପରି, ରୁପା କେଜି ଯାହାର ମୂଲ୍ୟ ଚଳିତ ମାସ ୧୫ ତାରିଖରେ ରେକର୍ଡ ୨,୦୭,୦୦୦ ଟଙ୍କାକୁ ବଢ଼ିଥିଲା ତାହା ମଧ ୧,୭୦,୦୦୦ ଟଙ୍କାକୁ ହ୍ରାସ ପାଇଛି। ରୁପା ଦର ବି ସବୁଦିନ କମୁଛି। ଇତି ମଧରେ ରୁପା ଦାମ୍‌ରେ ୩୭ ହଜାର ଟଙ୍କାର ହ୍ରାସ ଘଟିଛି।

ବଜାର ବିଶେଷଜ୍ଞମାନଙ୍କ ମତରେ ଦର ବଢ଼ିବା ସମୟରେ ସୁନା ଓ ରୁପା କିଣିଥିବା ନିବେଶକମାନେ ବିକ୍ରି ଆରମ୍ଭ କରିଥିବାରୁ ଦାମ୍ ଖସୁଛି। ସେମାନେ ଲାଭ ପାଇବା ଲାଗି ଉଭୟ ଧାତବ ପଦାର୍ଥକୁ ବିକ୍ରି କରୁଛନ୍ତି। ଅନ୍ତର୍ଜାତୀୟ ବଜାରରେ ସୁନା ଓ ରୁପା ଦରରେ ୧୦ ପ୍ରତିଶତର ହ୍ରାସ ହୋଇଛି। ଭୂରାଜନୈତିକ ସଙ୍କଟରେ ସୁଧାର, ଆମେରିକୀୟ ଡଲାର ଶକ୍ତିଶାଳୀ ହେବା, ବିଭିନ୍ନ ଦେଶ ସହ ବାଣିଜ୍ୟ ରାଜିନାମା କରିବାକୁ ଆମେରିକା ଉଦ୍ୟମ କରୁଥିବା ଭଳି ଘଟଣା ପ୍ରଭାବରେ ସୁନା ଓ ରୁପା ଦର ହ୍ରାସ ପାଉଛି। ତେବେ ଏହି ହ୍ରାସ ଧାରା ଶେଷ ହେବା ପରେ ପୁଣି ଉଭୟ ସୁନା ଓ ରୁପା ଦର ବଢ଼ିବ ବୋଲି କିଛି ବିଶେଷଜ୍ଞ ଆକଳନ କରିଛନ୍ତି। ସୁନା ଦାମ୍ ୧୦ ଗ୍ରାମ ପିଛା ୨ ଲକ୍ଷ ଟଙ୍କା ଅତିକ୍ରମ କରିବ ଏବଂ ରୁପା କେଜି ୧,୪୫,୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିବ ବୋଲି ସେମାନେ କହିଛନ୍ତି।

# ଟାଲି ସଲ୍ୟୁସନ୍ସର 'ଟ୍ୟାକ୍ସ ଆଣ୍ଡ୍ ଆକାଉଣ୍ଟିଂ ଟାଇଟାନ୍ସ'




ଭୁବନେଶ୍ୱର,୨୫।୧୦(ସଂଚାର ବ୍ୟୁରୋ): ରାଜ୍ୟର ଟିକସ ଓ ଆକାଉଣ୍ଟିଂ ଜଗତର ପ୍ରଫେସନାଲମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଓ ସେମାନଙ୍କ ସଫଳତାକୁ ପାଳନ କରିବା ଲକ୍ଷ୍ୟ ନେଇ ଟାଲି ସଲ୍ୟୁସନ୍ସ ପକ୍ଷରୁ 'ଟ୍ୟାକ୍ସ ଆଣ୍ଡ୍ ଆକାଉଣ୍ଟିଂ ଟାଇଟାନ୍ସ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆକାଉଣ୍ଟାଣ୍ଟ, ଟିକସ ଆଇନଜୀବୀ ଓ ଅନ୍ୟ ପ୍ରଫେସନାଲ୍‌ମାନଙ୍କ ଅବଦାନର ପ୍ରଶଂସା କରାଯାଇଥିଲା। ରାଜ୍ୟର ୨୬ ଜଣ ପ୍ରଫେସନାଲ୍‌ଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କମ୍ପାନିର ବରିଷ୍ଠ ଡିଜିଏମ୍ (ପାର୍ଟନର ସେଲ୍ସ) ନିଳୟ ଦାସ ଗୁପ୍ତା କହିଥିଲେ ଯେ ଓଡ଼ିଶାର ଟିକସ ଓ ଆକାଉଣ୍ଟିଂ ସମୁଦାୟର ଅତୁଳନୀୟ ଯୋଗଦାନକୁ ପାଳନ କରି ଆମେ ବେଶ୍ ରୋମାଞ୍ଚିତ। ପ୍ରଯୁକ୍ତିକୁ ଗ୍ରହଣ କରିବାରେ ସେମାନଙ୍କ ସମର୍ପଣ ଭାବ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଆମେ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ମିଳିତ ଉଦ୍ୟମକୁ ପାଳନ କରୁଛୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୧୦୦ରୁ ଅଧିକ ଟିକସ ଓ ଆକାଉଣ୍ଟିଂ ପ୍ରଫେସନାଲ୍ ଯୋଗଦେଇଥିଲେ।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୫,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୫,୧୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୫,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୫,୧୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୫,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୫,୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୫,୩୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୪୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୫,୬୨୦ ଓ ୧,୧୫,୧୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୫,୦୦୦ ଟଙ୍କା ହୋଇଛି।

# ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଆସିପାରେ ଜିଓ ଆଇପିଓ

**ମୁମ୍ବାଇ, ୨୫।୧୦:** ଭାରତର ପ୍ରମୁଖ ବ୍ରୋକରେଜ୍ ହାଉସ୍, ଆ ଇ ସି ଆ ଇ ସି ଆ ଇ ସିକ୍ୟୁରିଟିଜ୍ ପକ୍ଷରୁ ସେପ୍ଟେମ୍ବର ୨୦୨୭ ସୁଦ୍ଧା ଜିଓ ପ୍ଲାଟଫର୍ମସ ଲିମିଟେଡ୍‌ର ଇକ୍ୱିଟି ମୂଲ୍ୟକୁ ୧୪୮ ବିଲିୟନ ଡଲାର (ପ୍ରାୟ ୧୩,୦୦୦ ବିଲିୟନ ଟଙ୍କା) କୁ ଉନ୍ନୀତ କରିଛି। ନିକଟରେ ପ୍ରକାଶିତ ଏକ ରିପୋର୍ଟରେ, ଏହି ବ୍ରୋକରେଜ୍ ଫାର୍ମ ଆଶା ପ୍ରକାଶ କରିଛି ଯେ ଜିଓ ପ୍ଲାଟଫର୍ମସର ଇବିଆଇଟିଡିଏ/ନେଟ ଲାଭ ସିଏଜିଆରରେ ଆର୍ଥିକ ପ୍ରଦର୍ଶନ ୨୦୨୫ ରୁ ୨୦୨୮ ଆର୍ଥିକ ବର୍ଷ ମଧରେ ୧୮ ରୁ ୨୧ ପ୍ରତିଶତ ବୃଦ୍ଧି ପାଇବ। ୨୦୨୮ ଆର୍ଥିକ ବର୍ଷ ସୁଦ୍ଧା କମ୍ପାନୀର ମୁକ୍ତ ନଗଦ ପ୍ରବାହ ୫୫୮ ବିଲିୟନ ଡଲାରକୁ ବୃଦ୍ଧି ପାଇବା ଆଶା କରାଯାଉଛି। ଆଇସିଆଇସିଆଇ ସିକ୍ୟୁରିଟିଜ୍ ମଧ ସ୍ପେକ୍ଟ୍ରମ୍ ମୂଲ୍ୟରେ ହ୍ରାସର ପୂର୍ବାନୁମାନ କରିଛି, ଯାହାର ସିଧାସଳଖ ଲାଭ ଜିଓ ପ୍ଲାଟଫର୍ମସକୁ ମିଳିବ। ଗତ ମାସରେ, ଅନ୍ୟ ଏକ ବ୍ରୋକରେଜ୍ ଫାର୍ମ, ଜେପି ମୋର୍ଗାନ୍, ଜିଓ ପ୍ଲାଟଫର୍ମସର ଇକ୍ୱିଟି ମୂଲ୍ୟାଙ୍କନ ୧୩୬ ବିଲିୟନ ଡଲାର (ପ୍ରାୟ ୧୧,୯୩୬ ବିଲିୟନ ଟଙ୍କା) ଆକଳନ କରିଥିଲା। ଆଇସିଆଇସିଆଇ ସିକ୍ୟୁରିଟିଜ୍ ପୂର୍ବ ଆକଳନ ଅପେକ୍ଷା ୧୨ ବିଲିୟନ ଡଲାର (ପ୍ରାୟ ୧,୦୫୦ ବିଲିୟନ ଟଙ୍କା) ଅଧିକ ମୂଲ୍ୟାଙ୍କନ ଆକଳନ କରିଛି। ଉଲ୍ଲେଖନୀୟ ଯେ ନିକଟରେ ଅନୁଷ୍ଠିତ ହୋଇଥିବା ରିଲାଏନ୍ସର ବାର୍ଷିକ ସାଧାରଣ ବୈଠକରେ, ଅଧକ୍ଷ ମୁକେଶ ଅମ୍ବାନୀ ୨୦୨୬ ର ପ୍ରଥମାର୍ଦ୍ଧରେ ଜିଓର ଆଇପିଓ ଯୋଜନା ରହିଥିବା ଘୋଷଣା କରିଥିଲେ। ଏହି ସମୟରେ ଜିଓର ଇକ୍ୱିଟି ମୂଲ୍ୟରେ ବୃଦ୍ଧି ନିବେଶକଙ୍କ ଆଗ୍ରହକୁ ଆହୁରି ବୃଦ୍ଧି କରିବ। ଆଇସିଆଇସିଆଇ ସିକ୍ୟୁରିଟିଜ୍ ଅନୁଯାୟୀ ଜିଓ ପ୍ଲାଟଫର୍ମସ ଲିମିଟେଡ୍ ମଧ ନୂତନ ବ୍ୟବସାୟ ଯେପରିକି କଣ୍ଟେଣ୍ଟ, ଷ୍ଟୋରେଜ୍, ଡିଜିଟାଲ୍ ଏଣ୍ଟରପ୍ରାଇଜ୍ ସମାଧାନ, ଏମଏସଏମଇ ପାଇଁ ମ୍ୟାନେଜଡ୍ ସେବା ଏବଂ ରିଲାଏନ୍ସ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଏଆଇ ପ୍ରଚଳନକୁ ଆଗକୁ ବଢ଼ାଉଛି। ଏହି ନୂତନ କ୍ଷେତ୍ରଗୁଡ଼ିକ ମଧମ ଅବଧିରେ ଆହୁରି ମୂଲ୍ୟ ସୃଷ୍ଟି କରିପାରିବ। କମ୍ପାନୀ ଆକଳନ କରିଛି ଯେ ଜିଓ ପ୍ଲାଟଫର୍ମସର ଅଣ-କନେକ୍ଟିଭିଟି ବ୍ୟବସାୟ ୨୦୨୫ ରୁ ୨୦୨୮ ଆର୍ଥିକ ବର୍ଷ ମଧରେ ୪୬.୭ ପ୍ରତିଶତ ହାରରେ ବୃଦ୍ଧି ପାଇବ। ବ୍ରୋକରେଜ୍ ଫାର୍ମ ଅନୁଯାୟୀ ଜିଓ ପ୍ଲାଟଫର୍ମସ ଯେଉଁଭଳି ଭାବରେ ଦ୍ରୁତ ୫ଜି ପ୍ରଚଳନ (ରୋଲଆଉଟ୍) କରିଛି ଏବଂ ୬ଜି ପେଟେଣ୍ଟ ହାସଲ କରିଛି ତାହା ମଧ କମ୍ପାନୀପାଇଁ ଲାଭଦାୟକ ହେବ। ବର୍ତ୍ତମାନ ୫ଜି ବଜାରର ଜିଓର ୬୬ ପ୍ରତିଶତରୁ ଅଧିକ ଅଂଶ ରହିଛି।

ଆଇସିଆଇସିଆଇ ସିକ୍ୟୁରିଟିଜ୍ ଏହାର ରିପୋର୍ଟରେ ଭାରତୀୟ ଟେଲିକମ୍ କମ୍ପାନୀଗୁଡ଼ିକର ମୂଲ୍ୟାଙ୍କନକୁ ଉନ୍ନତ କରିବାର ଅନେକ କାରଣ ଉଲ୍ଲେଖ କରିଛି। ଏଥିରେ ଟେଲିକମ କ୍ଷେତ୍ରର ଉନ୍ନତ ବ୍ୟବସାୟ, ସୁଦୃଢ଼ ଆର୍ଥିକ ଢାଞ୍ଚା, ବ୍ୟବସାୟ କ୍ଷେତ୍ରରେ ୫ଜି କୁ ପ୍ରୋତ୍ସାହନ ଏବଂ ଡାଉନଗ୍ରେଡ୍ ପାଇଁ ହ୍ରାସ ପାଇଥିବା ସୁଯୋଗ ଅନ୍ତର୍ଭୁକ୍ତ। ଟେଲିକମ୍ କମ୍ପାନୀଗୁଡ଼ିକ ଫିକ୍ସଡ୍ ବ୍ରଡବ୍ୟାଣ୍ଡ, ମୂଲ୍ୟଯୁକ୍ତ ସେବା ସହିତ ଏଣ୍ଟରପ୍ରାଇଜ୍ ସେବା କ୍ଷେତ୍ରରେ ସେମାନଙ୍କର ପ୍ରାଧାନ୍ୟ ବିସ୍ତାର କରୁଛନ୍ତି, ଯେଉଁଥିରେ ଡାଟା ସେଣ୍ଟର, ସାସ (SaaS) ଏବଂ ମ୍ୟାନେଜଡ୍ ସର୍ଭିସେସ ଭଳି ଉତ୍ପାଦ ସାମିଲ ରହିଛି।




## ଇକ୍ୱିଟି ମୂଲ୍ୟ ୧୪୮ ବିଲିୟନ ଡଲାର ହେବ

# ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର-୨୦୨୪ ପୁରସ୍କାର ସମାରୋହ

**କୋଲକାତା,୨୫।୧୦(ସଂଚାର ବ୍ୟୁରୋ):** ସାହିତ୍ୟ ଏକାଡେମୀ ପ୍ରତିବର୍ଷ ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପ୍ରଦାନ କରିଆସୁଛି। ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ୨୦୨୪ ପ୍ରଦାନ ଉତ୍ସବ ଚଳିତ ବର୍ଷ ଶୁକ୍ରବାର ଜାତୀୟ ପାଠାଗାରର ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାଷା ଭବନ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାହିତ୍ୟ ଏକାଡେମୀ ସଚିବ କେ.ଏସ୍. ରାଓ ନିଜେ ପରିଚାଳନା କରିଥିଲେ। ସେ ପ୍ରାରମ୍ଭରେ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଦର୍ଶକଙ୍କୁ ସୂଚନା ଦେଇଥିଲେ ଏବଂ ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ଜୀବନୀ ଏବଂ କାର୍ଯ୍ୟ ବିଷୟରେ ଜଣାଇଥିଲେ। ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ ଏହି ପୁରସ୍କାର ପ୍ରଦାନ କରିଥିଲେ। ତାଙ୍କ ଭାଷଣରେ ସେ ଭାରତର ପରିପ୍ରେକ୍ଷୀରେ ଅନୁବାଦର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଖ୍ୟାତ ସୃଜନଶୀଳ ଲେଖକମାନେ କିପରି ଅନୁବାଦ ଜଗତରେ ପ୍ରବେଶ କରିଛନ୍ତି ଏବଂ ଅନୁବାଦ ଅଭ୍ୟାସ ଦ୍ୱାରା ପ୍ରଭାବିତ ହୋଇଛନ୍ତି ତାହା ତାଙ୍କ ଭାଷଣରେ ଉଜ୍ଜ୍ୱଳ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ବିଦ୍ୱାନ ପ୍ରଫେସର ସୁକାନ୍ତ ଚୌଧୁରୀ ଉପସ୍ଥିତ ଥିଲେ। ତାଙ୍କ ଭାଷଣରେ ସେ ଅନୁବାଦ ଅଭ୍ୟାସରେ ସାମାଜିକ ସନ୍ଦର୍ଭର ଭୂମିକା, ବିଭିନ୍ନ ପ୍ରକାରର ଅନୁବାଦର ବିବିଧତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଷଣ ସାହିତ୍ୟ ଏକାଡେମୀର ଉପାଧକ୍ଷ ପ୍ରଫେସର କୁମୁଦ ଶର୍ମା ପ୍ରଦାନ କରିଥିଲେ। ତାଙ୍କ ଭାଷଣରେ ସେ ଭାରତର ପରିପ୍ରେକ୍ଷୀରେ ବହୁଭାଷୀର ଭୂମିକା ଏବଂ ଭାଷା ଶିକ୍ଷା ଏବଂ ଅଭ୍ୟାସରେ ଅନୁବାଦର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ୨୦୨୪ ର ପ୍ରାପ୍ତକର୍ତ୍ତାମାନେ ହେଉଛନ୍ତି - ଅଞ୍ଜନ ଶର୍ମା (ଆସାମୀୟ), ବାସୁଦେବ ଦାସ (ବଙ୍ଗଳା), ଉତ୍ତରା ବିଶ୍ୱାମୁଥାରି (ବୋରୋ), ଅର୍ଚ୍ଚନା କେଶର (ଡୋଗ୍ରି), ଅନିସୁର ରହମାନ (ଇଂରାଜୀ), ରାମନିକ ଅଗ୍ରବତ (ଗୁଜୁରାଟୀ), ମଦନ ସୋନି (ହିନ୍ଦୀ) ସିଦ୍ଧଲଙ୍ଗା ପଟ୍ଟାନଶେଟୀ (କନ୍ନଡ), ଗୁଲାବ ନବି ଅତାଶ (କାଶ୍ମୀରୀ), ମିଲିନ୍ଦ ମହାମଲ (କୋଙ୍କଣି), କେଶକର ଠାକୁର (ମୈଥୀଲି), କେ ଭି କୁମାରନ୍ (ମାଲାୟାଲମ୍), ସାଇବମଳା ଇନ୍ଦ୍ରକୁମାର (ମଣିପୁରୀ), ସୁଦର୍ଶନ ଆଥବାଲେ (ମରାଠୀ), ଅମର ବାନିଆ 'ଲୋହୋରୋ' (ନେପାଳୀ), ସୁଭାଷ ଚନ୍ଦ୍ର ଶତପଥୀ (ଓଡିଆ), ଚନ୍ଦନ ନେଗି (ପଞ୍ଜାବୀ), ସୋହାନ୍‌ଦାସ ଚରଣ (ରାଜସ୍ଥାନୀ), ସୋମନାଥ ଦାସ (ସଂସ୍କୃତ), ନାଜିର ହେମ୍ବ୍ରମ (ସାନ୍ତାଳୀ), (ଦିଗମ୍ବତ) ଶୋଭା ଲାଲଚାନ୍ଦାନୀ (ସିନ୍ଧି), ପି ବିମଳା (ତାମିଲ), ଦୁର୍ଲାପତି ରାଜେଶ୍ୱରୀ (ତେଲୁଗୁ)। ଅନିବାର୍ଯ୍ୟ ପରିସ୍ଥିତି ଯୋଗୁଁ, ଗୁଲାମ ନବୀ ଅତାଶ (କାଶ୍ମୀରୀ) ଏବଂ (ସ୍ୱର୍ଗତଃ) ଶୋଭା ଲାଲଚନ୍ଦାନୀ (ସିନ୍ଧି)ଙ୍କ କୌଣସି ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇପାରିନଥିଲେ। ଚନ୍ଦନ ନେଗି (ପଞ୍ଜାବୀ) ତାଙ୍କ ଝିଅ ପୁରସ୍କାର ଗ୍ରହଣ କରିଥିଲେ।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଶୀଘ୍ର ତୁଟିବ ଟାଟା ଗ୍ରୁପ୍ ବିବାଦ, ବୋର୍ଡରେ ବେଣୁ ଶ୍ରୀନିବାସନଙ୍କୁ ନିଯୁକ୍ତି ପରେ ବଢ଼ିଲା ଆଶା

ନୂଆଦିଲ୍ଲୀ,୨୫।୧୦: ଟାଟା ଟ୍ରଷ୍ଟ ଟ୍ରଷ୍ଟିଙ୍କ ମଧରେ ଲାଗି ରହିଥିବା ବିବାଦ ତୁଟିବାକୁ ଯାଉଛି। କାର୍ଯ୍ୟଧାରାରେ ସ୍ୱଚ୍ଛତା ଏବଂ ସୂଚନା ଶେୟାର ଭଳି ପ୍ରସଙ୍ଗରେ ମତଭେଦ ରହିଥିଲା। ଏବେ ବୋର୍ଡରେ ବେଣୁ ଶ୍ରୀନିବାସନଙ୍କୁ ପୁଣି ଥରେ ନିଯୁକ୍ତି ମିଳିଛି। ଟ୍ରଷ୍ଟିଙ୍କ ସହ ଇ-ମେଲ୍‌ରେ ତାଙ୍କ ଆଲୋଚନା ଜାରି ରହିଥିବାରୁ ଏହି ମାମଲାରେ ସହମତି ପ୍ରକାଶ ପାଇଥିବା ଆଶା କରାଯାଉଛି। ଏକ ପୋଷ୍ଟ ଶେୟାର କରି ଶ୍ରୀନିବାସ କହିଛନ୍ତି, ତାଳମେଳ ରକ୍ଷାକରି କାମ କରିବା ନେଇ ଆଶା ରହିଛି। ଏହାର ଜବାବରେ ଆଜୀବନ ଟ୍ରଷ୍ଟି ଭାବେ ମନୋନିତ ହୋଇଥିବା ମେହଲି ମିସ୍ତ୍ରୀ ଲେଖିଛନ୍ତି, ତାଳମେଳ ରକ୍ଷା କରି କାମ କରିବା ଆମ ମୂଳ ଲକ୍ଷ୍ୟ। ଜରୁରୀ ସୂଚନା ଶେୟାର କରିବା ନେଇ ସହମତି ପ୍ରକାଶ ପାଇଛି। ସବୁ ପୁରୁଣା କଥାକୁ ଭୁଲି ରତନଙ୍କ ଲକ୍ଷ୍ୟ ଅନୁସାରେ ଏକାଠି ହେବାକୁ ପଡିବ। ୨୧ ଅକ୍ଟୋବରରେ ବେଣୁ ଶ୍ରୀନିବାସନଙ୍କୁ ଆଜୀବନ ଟ୍ରଷ୍ଟି ନିଯୁକ୍ତି ମିଳିବା ପରେ ଏବେ ମେହଲି ମିସ୍ତ୍ରୀଙ୍କ ନାମ ପ୍ରସ୍ତାବ ଦିଆଯାଇଛି। ମିସ୍ତ୍ରୀ ସେହି ୪ ଟ୍ରଷ୍ଟିଙ୍କ ମଧରେ ରହିଛନ୍ତି ଯେଉଁମାନେ ଟାଟାସନ୍ସ ବୋର୍ଡରେ ନିୟମ ଉଲ୍ଲଘଂନ ଅଭିଯୋଗ ରହିଥିଲା।



# ସ୍କ୍ରାପ୍‌ରୁ ୩୭୭ କୋଟି ଆୟ



ନୂଆଦିଲ୍ଲୀ, ୨୫।୧୦: ସ୍କ୍ରାପ୍ ବିକ୍ରିରୁ କେନ୍ଦ୍ର ସରକାର ୩୭୭ କୋଟି ଟଙ୍କା ଆୟ କରିଛନ୍ତି। ସରକାରୀ କାର୍ଯ୍ୟାଳୟଗୁଡ଼ିକର ସଫେଇ କରିବା ଲାଗି ଏକମାସ ବ୍ୟାପୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସେଥିରେ ସଂଗ୍ରହ କରାଯାଇଥିବା ସ୍କ୍ରାପ୍‌କୁ ବିକ୍ରି କରାଯାଇଛି। ଏହି ଅଭିଯାନ ଦ୍ୱାରା ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୧୩୦ ଲକ୍ଷ ବର୍ଗଫୁଟ ସ୍ଥାନକୁ ଫାଙ୍କା କରାଯାଇପାରିଛି। କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାର୍ବଜନୀନ ଅଭିଯୋଗ ବିଭାଗକୁ ନୋଡାଲ୍ ଏଜେନ୍ସି ଭାବେ ବ୍ୟବହାର କରି ଏହି ସଫେଇ ଅଭିଯାନର ପଞ୍ଚମ ସଂସ୍କରଣ କାର୍ଯ୍ୟକାରୀ କରାଯାଇଛି। ଏହା ଚଳିତ ମାସ ୨ରୁ ଆରମ୍ଭ ହୋଇଥିବା ବେଳେ ୩୧ ପର୍ଯ୍ୟନ୍ତ ଚାଲିବ। ସେହି ଅଭିଯାନର ପୁରୁଣା ଫାଇଲ ଆଦି ସଫା କରାଯାଉଛି।

# ଚୀନର ସୋଲାର ମାର୍କେଟରେ ଭାରତର ଏଣ୍ଟ୍ରି

**ନୂଆଦିଲ୍ଲୀ୨୫।୧୦:** ଭାରତର ନବୀକରଣ ଉର୍ଜା କ୍ଷେତ୍ରକୁ ମିଳିଲା ନୂଆ ଗତି। ଚୀନ୍ର ସୋଲାର ମାର୍କେଟରେ ଏଣ୍ଟ୍ରି କଲା ଭାରତ। ଆଇଏନଓଏକ୍ସଜିଏଫଏଲ୍ ଗ୍ରୁପର କମ୍ପାନି ଆଇନକ୍ସ ସୋଲାର, ଚୀନର ଏକ ଅଗ୍ରଣୀ ସୌର ଶକ୍ତି କମ୍ପାନି ଲଙ୍ଗି ଗ୍ରୀନ୍ ଏନର୍ଜି ଟେକ୍ନୋଲୋଜି ସହ ପ୍ରାୟ ୭ ହଜାର କୋଟି ଟଙ୍କା ମୂଲ୍ୟର ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଭାରତର ନବୀକରଣୀୟ ଶକ୍ତି କ୍ଷେତ୍ରକୁ ନୂଆ ଗତି ଦେବ ବୋଲି ଆଶା ରଖାଯାଇଛି। ଏହି ଚୁକ୍ତି ଅନୁଯାୟୀ, ଆଇନକ୍ସ ସୋଲାର ଆଗାମୀ ତିନି ବର୍ଷ ମଧରେ ଲଙ୍ଗିକୁ ୫ ଗିଗାୱାଟ୍ ସୌର ମଡ୍ୟୁଲ୍ ଯୋଗାଇବ। ଏହି ଚୁକ୍ତି କେବଳଯେ ଭାରତର ସୌର ଶିଳ୍ପ ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ନୁହେଁ, ବରଂ ଏହା ବିଶ୍ୱରେ ଭାରତର ବଢୁଥିବା ଉତ୍ପାଦନ କ୍ଷମତାକୁ ମଧ ପ୍ରଦର୍ଶିତ କରୁଛି। ଫଳରେ ଚୀନ ଭଳି ଦେଶ ମଧ ଏବେ ଭାରତ ସହ ମିଶି କାମ କରିବା ଆରମ୍ଭ କଲେଣି। ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁସାରେ, ଚୀନର ଲୋଙ୍ଗି ଗ୍ରୀନ୍ ଏନର୍ଜି, ଆଇନକ୍ସ ସୋଲାରରୁ ଭାରତୀୟ ବଜାର ପାଇଁ ମଡ୍ୟୁଲ୍ କ୍ରୟ କରିବ। ଏହି ଚୁକ୍ତି ଅନୁଯାୟୀ, ଲୋଙ୍ଗି ଆଇନକ୍ସକୁ ଏହାର ଉନ୍ନତ ବୈଷୟିକ ବିଶେଷଜ୍ଞତା ଏବଂ ବିଶ୍ୱ ଗୁଣବତ୍ତା ମାନଦଣ୍ଡ ସହ ଅଭିଜ୍ଞତା ପ୍ରଦାନ କରିବ। ଯାହା ନିଶ୍ଚିତ କରିବ ଯେ, ଆଇନକ୍ସର ଉତ୍ପାଦଗୁଡ଼ିକ ଅନ୍ତର୍ଜାତୀୟ ଗୁଣବତ୍ତା ମାନଦଣ୍ଡ ପୂରଣ କରେ। ଏହି ଚୁକ୍ତି ଏଭଳି ସମୟରେ ହୋଇଛି ଯେତେବେଳେ ଭାରତ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସୋଲାର ମଡ୍ୟୁଲର ଘରୋଇ ଉତ୍ପାଦନକୁ ଦ୍ରୁତ ଭାବରେ ବିସ୍ତାର କରୁଛି। ବର୍ତ୍ତମାନ ଆଇନକ୍ସ ସୋଲାର ଅହମ୍ମଦାବାଦ ବାଭଲାରେ ଏହାର ନୂଆ ସୌର ମଡ୍ୟୁଲ୍ ଉତ୍ପାଦନ କାରଖାନା ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ୧.୨ ଗିଗାୱାଟ୍ କ୍ଷମତା ପାଇଁ ଯୋଜନା କରାଯାଇଛି, ଯାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ୩ ଗିଗାୱାଟ୍‌କୁ ବିସ୍ତାର କରାଯିବ। ଖାଲି ସେତିକି ନୁହେଁ କମ୍ପାନି ଓଡ଼ିଶାର ଢେଙ୍କାନାଳରେ ଆଉ ଏକ ବଡ଼ ସୌର ସେଲ୍ ଏବଂ ମଡ୍ୟୁଲ୍ ପ୍ଲାଣ୍ଟ ନିର୍ମାଣ କରୁଛି। ଯାହାର ମୋଟ କ୍ଷମତା ୪.୮ ଗିଗାୱାଟ୍ ରହିବ। ଏହି ସୁବିଧା ଭାରତରେ ସୌର ଉତ୍ପାଦନକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିପାରିବ। ଆଇନକ୍ସ ସୋଲାରର ମୂଳ କମ୍ପାନି, ଆଇନକ୍ସ କ୍ଲିନ୍ ଏନର୍ଜି ଆଇପିଓ ଆଣିବାକୁ ମଧ ପ୍ରସ୍ତୁତି କରୁଛି। କମ୍ପାନିର ଆଇପିଓ ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ଆସିପାରେ। ଏହା ଭାରତର ଦ୍ରୁତ ଗତିରେ ବଢୁଥିବା ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏହାର ଉପସ୍ଥିତିକୁ ଆହୁରି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଭାରତରେ ବର୍ତ୍ତମାନ ୧୦୦ ଗିଗାୱାଟରୁ ଅଧିକ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ଅଛି, ସେହିଭଳି ଏବେ ୨୭ ଗିଗାଓ୍ୱାଟ ସୌର ସେଲ୍ ଉତ୍ପାଦନ କ୍ଷମତା ମଧ ରହିଛି, ଯାହାକୁ ଚଳିତ ବର୍ଷ ଶେଷ ସୁଦ୍ଧା ୪୦ ଗିଗାୱାଟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତ ସରକାରଙ୍କ ବିଭିନ୍ନ ନୀତି, ଯେପରିକି ମଡ୍ୟୁଲ୍ ଏବଂ ସେଲ୍ ଉପରେ ଆମଦାନୀ ଶୁଳ୍କ ଏବଂ ଘରୋଇ ବିଷୟବସ୍ତୁ ଆବଶ୍ୟକତା, ସ୍ଥାନୀୟ ଉତ୍ପାଦନକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ନିୟମାବଳୀ କମ୍ପାନିଗୁଡ଼ିକୁ ଭାରତରେ ଉତ୍ପାଦନ ବିସ୍ତାର କରିବାକୁ ଉତ୍ସାହିତ କରିଛି। ଆଇନକ୍ସ ଏବଂ ଲଙ୍ଗି ମଧରେ ଏହି ଚୁକ୍ତିନାମା ସେହି ଦିଗରେ ଏକ ପ୍ରମୁଖ ପଦକ୍ଷେପ, ଯାହା ଭାରତକୁ ସୌରଶକ୍ତି ଉତ୍ପାଦନ ପାଇଁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଏକ ଦୃଢ଼ କେନ୍ଦ୍ର ଭାବରେ ସ୍ଥାପିତ କରୁଛି।

## କମ୍ପାନି କଲା ୭ ହଜାର କୋଟି ଟଙ୍କାର ଡିଲ୍

# ପୁଲିସ ତରଫରୁ ସାଇବର କ୍ରାଇମ୍ ସଚେତନତା ଅଭିଯାନ




**ବୈଶିଙ୍ଗା,୨୫।୧୦ (ସଂଚାର ବ୍ୟୁରୋ):** ଦେଶରେ ସାଇବର ଅପରାଧ ଏତେ ମାତ୍ରାରେ ବଢ଼ି ଚାଲିଛି ତାହାକୁ ନିୟନ୍ତ୍ରଣ କରିବା ପାଇଁ ଡବଲ ଇଞ୍ଜିନ୍ ସରକାର ଏକ ଅଭିନବ ପ୍ରୟାସ ଜାରି ରଖିଛନ୍ତି। ରାଜ୍ୟର ସମସ୍ତ ଥାନା ମାନଙ୍କରେ ଏଥିପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସୂଚିତ କରାଯାଇଛି।ଏହି ଉପଲକ୍ଷେ ବୈଶିଙ୍ଗା ପୋଲିସ ଥାନାରେ ଶନିବାର ଅପରାହ୍ନରେ ଏକ ସାଇବର ସୁରକ୍ଷା ସଚେତନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ପୋଲିସ ଅଧିକ୍ଷକ ଦୀପକ ଗୋଛାୟତ ଓ ଗୌତମ କିଶାନ ଯୋଗ ଦେଇ ମୋବାଇଲ ର ବିଭିନ୍ନ 'ଆପ' ମାଧ୍ୟମରେ ଅର୍ଥ ଦେଣ ନେଣ କରିବା ସମୟରେ ସଠିକ ତଥ୍ୟ ଏବଂ ସଠିକ ମେସେଜ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସାଇବର ଥାନା ଆଇ ଆଇ ସି ପ୍ରଦୀପ ମାଝୀ ନିଜ ବକ୍ତବ୍ୟରେ କି କି ଉପାୟରେ ସଚେତନ ହୋଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ତଥ୍ୟ ପ୍ରଦାନ କରିଥିଲେ। ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ଇଣ୍ଟରନେଟ୍ ମାଧ୍ୟମରେ ହେଉଥିବା ସାଇବର କ୍ରାଇମ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

# ଆଇନ୍ ଓ ସାହିତ୍ୟ ମଧ୍ୟରେ ରହିଛି ଏକ ଅତୁଟ ସମ୍ପର୍କ




**ଭୁବନେଶ୍ୱର,୨୫।୧୦ (ସଂଚାର ବ୍ୟୁରୋ):** ଆଇନ୍ ଏବଂ ସାହିତ୍ୟ ଦୁଇଟିର ଅଲଗା ଅଲଗା ବୈଶିଷ୍ଟ୍ୟ ରହିଛି ଏବଂ ଏହାର ଦିଗ ମଧ୍ୟ ଭିନ୍ନ। କିନ୍ତୁ ଏ ଦୁଇଟି ବୈଶିଷ୍ଟ୍ୟ ମଧ୍ୟରେ ଏକ ଅତୁଟ ସମ୍ପର୍କ ରହିଛି ବୋଲି ଶନିବାର କହିଛନ୍ତି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ଶିବୋ ଶଙ୍କର ମିଶ୍ର। ଆଇନ୍ ହେଉଛି ଏଭଳି ଏକ ଅନୁଶାସନ ଯାହାକି ମଣିଷର ଆଚରଣ ଓ ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ। ଅନ୍ୟ ଦିଗରେ ସାହିତ୍ୟ ମଣିଷର ବ୍ୟବହାରର ପ୍ରତିଫଳନ ବୋଲି ନ୍ୟାୟମୂର୍ତ୍ତୀ ମିଶ୍ର କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ସୋଆ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀ ଓ ଫ୍ୟାକଲ୍ଟିଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି ନ୍ୟାୟମୂର୍ତ୍ତୀ ମିଶ୍ର। ଲେଖା, ଗଳ୍ପ କଥନ, ଚିତ୍ରକଳା ଏବଂ ନାଟକ ମାଧ୍ୟମରେ ସାହିତ୍ୟର ପ୍ରତିଫଳନ ହୋଇଥାଏ। ସେହିପରି ସାହିତ୍ୟ ଭିତରେ ମଧ୍ୟ ଆଇନ୍‌ର ସନ୍ଧାନ ମିଳିଥାଏ ବୋଲି ସେ କହିଛନ୍ତି। ବ୍ୟାସକବି ଫକୀରମୋହନ ସେନାପତିଙ୍କ ଉତ୍କୃଷ୍ଟ ରଚନା "ଛ' ମାଣ ଆଠଗୁଣ୍ଠ"କୁ ଉଦ୍ଧୃତ କରି ନ୍ୟାୟମୂର୍ତ୍ତୀ ମିଶ୍ର କହିଥିଲେ ଯେ ଲେଖକ ତାଙ୍କ ଲେଖନୀ ମାଧ୍ୟମରେ ଉପନିବେଶିକ ଭୂମି ଆଇନ୍‌କୁ କିଭଳି ସେହି ସମୟରେ ଅପବ୍ୟବହାର କରାଯାଉଥିଲା ତାହା ସମାଜ ସାମ୍ନାକୁ ଆଣିଥିଲେ। ବ୍ୟାସକବିଙ୍କ ଲେଖନୀ ମାଧ୍ୟମରେ ଆଇନ୍‌ର ପ୍ରତିଫଳନ ହୋଇଥିଲା ବୋଲି ସେ କହିଥିଲେ। ସେହିପରି ବିଶିଷ୍ଟ ଲେଖିକା ପ୍ରତିଭା ରାୟଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ 'ଯାଜ୍ଞସେନୀ'କୁ ଉଦ୍ଧୃତ କରି ନ୍ୟାୟମୂର୍ତ୍ତୀ ମିଶ୍ର କହିଥିଲେ ଯେ ଏହି ଲେଖିକା ନିଜ ଲେଖନୀ ମାଧ୍ୟମରେ ପୁରୁଷତାନ୍ତ୍ରିକ ଆଇନ ବଳରେ ମହିଳାମାନଙ୍କୁ କିଭଳି ସମାଜରେ ଦମନ କରି ରଖାଯାଇଥାଏ ତାହାର ଉଦାହରଣ ଦେଇଛନ୍ତି। ସେକ୍ସପିୟରଙ୍କ ଲିଖିତ 'ମର୍ଚାଂଟସ ଅଫ୍ ଭେନିସ୍' ମଧ୍ୟ ସମାଜର ଅନ୍ୟାୟ ଏବଂ କୁସଂସ୍କାରକୁ ପ୍ରତିଫଳିତ କରିଥିବା ବେଳେ ମହାଭାରତରେ ଧର୍ମ ଏବଂ ଅଧର୍ମର ମଧ୍ୟରେ ମହାଯୁଦ୍ଧ ସମ୍ପର୍କରେ ଚିତ୍ରିତ କରାଯାଇଛି। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦିପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ସିନିୟର ପ୍ରଫେସର ପ୍ରବୀର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୪୫ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ



**ଖଡ଼ିଆଳ,୨୫।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା ଖଡ଼ିଆଳ ଅବକାରୀ ବିଭାଗ ଶୁକ୍ରବାର କଫ ସିରପ୍ ଜବତ ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖଡ଼ିଆଳ ଥାନା ଜୁଆଝର ଗ୍ରାମର ବିଷ୍ଣୁ ସତ୍‌ନାମୀ (୨୭)। ବିଭାଗୀୟ ସୂଚନା ଅନୁସାରେ ପୂର୍ବାହ୍ନରେ କୋମନା କୋର୍ଟ ଛକଠାରେ ବିଷ୍ଣୁ ବାଇକ୍ (ସିଜିଠ୬ଜିଜେଡ୍-୦୪୬୩)ରେ ୧୪୫ ବୋତଲ କଫ ସିରପ୍ ଜୁଆଝର ଗ୍ରାମକୁ ଆଣି ଚଢା ଦରରେ ବିକିବାକୁ ଯୋଜନା କରୁଥିଲେ। ଏହା ଜାଣିପାରି ଅବକାରୀ ଓଆଇସି ଅଲେଖ ପୁଟେଲଙ୍କ ନେତୃତ୍ୱରେ କର୍ମଚାରୀ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ଚଢାଉରେ ଏଏସ୍‌ଆଇ ଅମରନାଥ ବିଶୋଇ, ଧନରାଜ ଦଣ୍ଡସେନା, କନଷ୍ଟେବଲ ଗିରେନ୍ଦ୍ର କଟା, ମଧୁସୂଦନ ସିଂ, ପୁରୋହିତ ବଛା, ଭଗବାନ ହଂସ ପ୍ରମୁଖ ସାମିଲ ହୋଇଥିଲେ।

# ତମାଖୁ ମୁକ୍ତ ଅଭିଯାନ ୩.୦ରେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ



**ବାରିପଦା,୨୫।୧୦ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଏକ ଚିନ୍ତାର କାରଣ ହୋଇଥିବା ବେଳେ ସାରା ରାଜ୍ୟରେ ବର୍ତ୍ତମାନ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଆରମ୍ଭ କରାଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଆଜି ବିଭିନ୍ନ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ରାଲ୍ଲେ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ସୁଭାଷ ଚନ୍ଦ୍ର ନାୟକ ଓ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ଦାସ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ତମାଖୁ ର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ହାନିକାରକ ଏହି ଉପରେ ଏକ ଚିତଙ୍କନ୍ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସରକାରୀ ଇଘଗ ଞଉ ର ଚକ୍ସଭମସକ୍ତବକ୍ଷ ଭାରତୀ ଆରୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କୁ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି ପରିଚାଳନା କରିଥିଲେ।

## ଶିଶୁ ହସିଲେ, ଦେଶ ହସିବ

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ବୈଶିଙ୍ଗା,୨୫।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଖଡ଼ିକାପଦା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ପ୍ରତାପ ଚନ୍ଦ୍ର ମିଶ୍ର ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସୁରଭି କାର୍ଯ୍ୟକ୍ରମ କିପରି ପିଲାଙ୍କ ଜୀବନ ଶୈଳୀ କୁ ସୁରଭିତ କରି ପାରିବ ବୁଝାଇ ଥିଲେ। ପ୍ରାକ୍ତନ ଓଡିଆ ଭାଷା ସାହିତ୍ୟ ଶିକ୍ଷକ ଶ୍ରୀ ରାଜ କିଶୋର ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସୁରଭି କାର୍ଯ୍ୟ କ୍ରମର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଦିବସ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ର ଉଦଯାପନୀ ଉତ୍ସବରେ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ମୁଖ୍ୟ ଅତିଥି, ମାଣିଦା ସ୍ଥିତ ସହିଦ୍ ସ୍ମୃତି ଉଚ୍ଚ ମଧ୍ୟାମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଭୋଇ ମୁଖ୍ୟବକ୍ତା ଓ ପ୍ରାକ୍ତନ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉଦବୋଧନ ଦେଇ 'ସୁରଭି' କାର୍ଯ୍ୟ କ୍ରମ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତକୁ କିଭଳି ଆଲୋକିତ କରି ପାରିବ ବିଶଦ ଭାବେ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିଶୁ ହସିଲେ, ଦେଶ ହସିବ ବୋଲି ମତ ପ୍ରକାଶ କରିଥିଲେ।ଖଡ଼ିକାପଦା ସିଆରସିସି ମାନସ କୁମାର ପରିଡ଼ା ସ୍ୱାଗତ ସମ୍ଭାଷଣ ଓ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ମୋବାଇଲ ଚୋରି କରି ବନ୍ଧାହେଲେ ତିନି ଅଭିଯୁକ୍ତ



**ନୀଳଗିରି,୨୫।୧୦(ସଂଚାର ବ୍ୟୁରୋ):** ଏବେ ନିଳଗିରିର ବିଭିନ୍ନ ଅଞ୍ଚଳରେ ମୋବାଇଲ ଚୋର ଆତଙ୍କ ସୃଷ୍ଟି କରିଥିବା ବେଳେ ନୀଳଗିରି ପୋଲିସ ତିନି ମୋବାଇଲ୍ ଚୋରକୁ କାବୁ କରି ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଗତ ଶୁକ୍ରବାର ରାତି ପ୍ରାୟ ଦଶଟା ସମୟରେ ମଳିଆଣି ଗ୍ରାମର ଦେବାଶିଷ ଖିଲାର୍ ପୋଡାସୁଳକୁ କାଳୀ ପୂଜା ଦେଖି ଫେରୁଥିବା ବେଳେ ବାଟରେ ମୋବାଇଲରେ କଥା ହେଉଥିବା ବେଳେ ହଠାତ୍ ଏକ ମୋଟର ସାଇକେଲରେ ତିନିଜଣ ଯୁବକ ଆସି ମୋବାଇଲ ଟାକୁ ଛଡାଇ ନେଇ ପଳାଇ ଯାଇଥିଲେ। ଏନେଇ ଦେବାଶିଷ ଖିଲାର ନୀଳଗିରି ଥାନାରେ ଅଭିଯୋଗ କଲା ପରେ ପୋଲିସ ପକ୍ଷରୁ ତନା ଘନା ଆରମ୍ଭ କରିଥିଲେ। ତିନି ଜଣ ଯୁବକ ପୋଡାସୁଳରେ ଯାତ୍ରା ପଡ଼ିଆରେ ଚୋରି ମୋବାଇଲ ଟିକୁ ଧରିଥିବାର ସ୍ଥାନୀୟ ଲୋକେ ଦେଖିଲା ପରେ ପୋଲିସକୁ ଖବର ଦେବା ପରେ ପୋଲିସ ତିନି ମୋବାଇଲ୍ ଚୋରକୁ କାବୁ କରିଥିଲେ। ତିନି ଅଭିଯୁକ୍ତ ହେଲେ ପୋଡାସୂଳ ଗ୍ରାମର ହରିହର ମଲ୍ଲିକ, ଡେଙ୍ଗା ପିଆଶାଳ ଗ୍ରାମର ଜଗା ସିଂ ଓ ବନମାଳୀ ସିଂ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ନିଳଗିରି ଥାନାରେ ୪୨୯/୨୫ରେ ଏକ ମାମଲା ରୁଜୁ ହୋଇଥିବାର ଦେଖିବାକୁ ମିଳିଛି।

# ଅନନ୍ତ କରଣୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

**ବାଲିଆପାଳ,୨୫।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତ ଶଙ୍ଖୁଆ ଗ୍ରାମର ପାଟଣା ସାହି ଠାରେ ଶନିବାର ପୂର୍ବାହ୍ନରେ ଅନନ୍ତ କରଣୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ଦମ୍ପତି ସୁଜୟ ସାମଲ ଓ ମମତା ସାମଲ ଏହି ପୂଜା ରେ ସଂକଳ୍ପ ହୋଇଥିଲେ। ଏହି ମନ୍ଦିର ନିର୍ମାଣ ପାଇଁ ପୂର୍ବ ସରକାର ଆମ ଓଡ଼ିଶା ନବୀନ ଓଡ଼ିଆ ଯୋଜନା ଦ୍ୱାରା ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ପ୍ରଚେଷ୍ଟାରେ ବିଧାୟିକା ସୁବାସିନି ଜେନାଙ୍କ ଅନୁମୋଦନ ପରେ ଚାରି ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନିର୍ମିତ ହୋଇଥିଲାଏଥିରେ ଗ୍ରାମର ବଦ୍ୟାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ହୋଇପାରିଛି। ଗ୍ରାମର ମୁଖିଆ ନିତ୍ୟାନନ୍ଦ କର, ସମାଜସେବୀ ଅଜୟ ସାମଲ, ରବିନ୍ଦ୍ର ମଣ୍ଡଳ, ଅକ୍ଷୟ ଲେଙ୍କା, ପରମାନନ୍ଦ ସେନାପତି, ଭଗବାନ ସେନାପତି, ମଧୁସୂଦନ କର ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ

# ବିପୁଳ ପରିମାଣର ମଦ, ୪ଗିରଫ ସହ ଗାଡ଼ି ଜବତ



**ନୀଳଗିରି,୨୫।୧୦ (ସଂଚାର ବ୍ୟୁରୋ):** ନୀଳଗିରି ଅବକାରୀ ବିଭାଗ ଓ ବାଲେଶ୍ୱର ମୋବାଇଲ ୟୁନିଟର ମିଳିତ ଚଢାଉ କରଯାଇ ବରହମପୁର ଓ ଶିଲ୍ପାଞ୍ଚଳ ଥାନା ଅଧୀନରେ ଚଢାଉ କରାଯାଇ ୫୦୦ ଲି ଦେଶୀ ମଦ ଜବତ କରାଯିବା ସହ ଚାରୋଟି ମଟରସାଇକେଲ ଜବତ କରାଯାଇଛି। ସୂଚନା ମୁତାବକ ବିଶେଷ ସୂତ୍ରରୁ ଖବର ପାଇ ଉଭୟ ବିଭାଗ ବରହମପୁର ଥାନା ଅଧୀନ ଗୋହିରା ଛକ ନିକଟରୁ ବିଶ୍ୱଜିତ ଦାସ ଓ ଅଜୟ ଦେହୁରୀ ନାମକ ଦୁଇ ଜଣ ଯୁବକଙ୍କୁ ଦୁଇଟି ବାଇକରେ ଚୋରା ଦେଶୀ ମଦ ଚାଲଣ କରୁଥିବା ବେଳେ କାବୁକରିଥିଲେ।ସେହିପରି ଶିଲ୍ପାଞ୍ଚଳ ଥାନା ଅଧୀନ ରେମୁଣା ଗୋଲେଇ ଛକ ନିକଟରୁ ତପନ ମିର୍ଦ୍ଧା ଓ ତପନ ଖଟୁଆ ନାମକ ଦୁଇ ଜଣ ଯୁବକଙ୍କୁ ମଦ ଚୋରା ଚାଲଣ ବେଳେ ଗିରଫ କରିଥିଲେ। ୫୦୦ଲିଟର ମଦ ମଦ ଜବତ କରାଯାଇଥିବା ବେଳେ ମଟରସାଇକେଲ ଓ ମଦ ମିଶି ୫ ଲକ୍ଷ ୮୦ ହଜାର ଟଙ୍କା ହେବବୋଲି ଅନୁମାନ କରାଯାଉଛି। ଏନେଇ ୨୮୬, ୨୮୭, ୨୮୮ ଏବଂ ୨୮୯/୨୫ରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଏହି ଚଢାଉରେ ମୋବାଇଲ ୟୁନିଟ ଇନ୍ସପେକ୍ଟର ହରିହର ସିଂହ, ମୋବାଇଲ ସବ ଇନ୍ସପେକ୍ଟର ଭବେଶ ଦାସ, ଏଏସଆଇ ଲମ୍ବୋଦର ମହନ୍ତ, କନେଷ୍ଟବଳ ପଙ୍କଜ ମହାନ୍ତି, ସୁବୀରକାନ୍ତ ବେହେରା, ସୁନାରାମ ସୋରେନ, ନହଣ ମୁର୍ମୁ ପ୍ରମୁଖ ସାମିଲ ରହିଥିଲେ।

# ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତତ୍ପର



**ନୂଆପଡ଼ା,୨୫।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତତ୍ପରତା ପ୍ରକାଶକରି ଯାଞ୍ଚ ଅଭିଯାନ ଜୋର୍‌ଦାର କରିଛି। ସୀମାନ୍ତ ଅଞ୍ଚଳ ତଥା ଛକରେ ଚେକ୍‌ପୋଷ୍ଟ କରି ସମସ୍ତ ଗାଡ଼ିକୁ ଯାଞ୍ଚ କରାଯାଉଛି। ଶୁକ୍ରବାର ବିଭାଗୀୟ ଅଧିକାରୀ ଯାଞ୍ଚ ସମୟରେ ୧୪୬ ଲିଟର ହାତରନ୍ଧା ମଦ, ୪୦୦ ଲିଟର ଭାଟିମଦ, ୨୭୦୦ କି.ଗ୍ରା. ମହୁଲ ପୋଚ ଜବତ କରିଛନ୍ତି। ଅଦ୍ୟାବଧି ଅବକାରୀ ବିଭାଗ ୬୯ ଲିଟର ବିଅର୍, ୩୮ ଲିଟର ବିଦେଶୀ ମଦ, ୪୦୦୦ ଲିଟର ହାତ ରନ୍ଧା ମଦ, ୧୦୫୩ ଲିଟର ଭାଟି ମଦ, ୪ କେଜି ଗଞ୍ଜେଇ ଓ ୯୪,୨୫୦ କି.ଗ୍ରା. ମହୁଲ ପୋଚ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୬୬ ଲକ୍ଷ ୭୨ ହଜାର ଟଙ୍କା ହେବ। ଏହା ସହ ୪ ବାଇକ୍ ଓ ଗୋଟିଏ ଚାରିଚକିଆ ଯାନ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୬ ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୭୭ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଜଣାଇଛନ୍ତି।

● ବରଗଡ଼ ଧନୁଯାତ୍ରା କଳାକାର ଚୟନ

# ଏଯାଏ ଆଶାଜନକ ହୋଇନି ଆବେଦନ



**ବରଗଡ଼,୨୫।୧୦ (ସଂଚାର ବ୍ୟୁରୋ):** ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ତାରିଖରୁ ଆରମ୍ଭ ହେବ। ୨୦୨୬ ଜାନୁୟାରୀ ୩ତାରିଖ ପର୍ଯ୍ୟନ୍ତ ୧୧ଦିନ ବ୍ୟାପୀ ଏହି ମହୋତ୍ସବ ଚାଲିବ। ତେବେ ଏଥର ମହୋତ୍ସବର ବିଭିନ୍ନ ମୁଖ୍ୟ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା କରାଯିବ। ଏହି କ୍ରମରେ ମହୋତ୍ସବରେ ଭାଗ ନେବା ପାଇଁ ଅନେକ କଳାକାର ମନରେ ଆଶା ବାନ୍ଧିଥିବାବେଳେ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଆବେଦନ କରୁଛନ୍ତି। ଗତ ୧୮ତାରିଖରୁ ମହୋତ୍ସବର ବିଭିନ୍ନ ଚରିତ୍ର ପାଇଁ ଆବେଦନ ଫର୍ମ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୧ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହାର ଅବଧି ରହିଛି। କିନ୍ତୁ ଏପର୍ଯ୍ୟନ୍ତ ଆଶାଜନକ ଆବେଦନ ଫର୍ମ ଗ୍ରହଣ ହୋଇ ନ ଥିବା ସୂଚନା ମିଳିଛି। ତେବେ ଆବେଦନ ଅବଧି ଆହୁରି ଏକ ସପ୍ତାହ ଥିବା ଯୋଗୁ ଆଗକୁ ସଂଖ୍ୟା ଆହୁରି ଅଧିକ ବଢ଼ିବ ବୋଲି ଆଶା କରାଯାଉଛି।

# ମା' ଅନ୍ଧାରୀ ଠାକୁରାଣୀଙ୍କ କବାଟ ଭାଙ୍ଗି ନେଇଗଲେ ରୁପା ମୁକୁଟ

**ପାଟଣା,୨୫।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର ଗ୍ରାମର ମା' ଅନ୍ଧାରୀ ଠାକୁରାଣୀଙ୍କ ମନ୍ଦିର କବାଟ ଭାଙ୍ଗି ଗୁରୁବାର ରାତିରେ ଠାକୁରାଣୀଙ୍କ ରୂପା ମୁକୁଟ ଚୋରି ହୋଇଛି। ଏ ନେଇ ମନ୍ଦିର ପରିଚାଳନା କମିଟିର ସଭାପତି ହୃଦାନନ୍ଦ ମହାପାତ୍ର ଥାନାରେ ଅଭିଯୋଗ କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ. ୨୫୬/୨୫) ରୁଜୁ ହୋଇଛି। ମୁକୁଟର ଓଜନ ୧ କିଲୋରୁ ଊର୍ଦ୍ଧ୍ୱ ହେବ ବୋଲି ସାହାରପଡ଼ା ଫାଣ୍ଡି ଅଧିକାରୀ ପାତ୍ର ଓରାମ କହିଛନ୍ତି।

# କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସହ ବିଧାୟକ ପ୍ରାର୍ଥୀଙ୍କ ବୈଠକ



**ନୂଆପଡ଼ା,୨୫।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ୩ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ପ୍ରକାଶ ବିନ୍ଦୁ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅତୁଲ ପାଣ୍ଡେ, ଭାରତୀୟ ରାଜସ୍ୱ ସେବା ଓ ପୋଲିସ ପର୍ଯ୍ୟବେକ୍ଷକ ବି. ଶଙ୍କର ଜୟସ୍ୱାଲ ଶନିବାର ସମସ୍ତ ବିଧାୟକ ପ୍ରାର୍ଥୀଙ୍କ ସହ ଏକ ବୈଠକରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୋଗଦେଇଥିଲେ। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସମସ୍ତଙ୍କୁ ସ୍ୱାଗତକରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପର୍ଯ୍ୟବେକ୍ଷକମାନେ ସମସ୍ତ ଦିଗକୁ ଧ୍ୟାନ ଦେଇ ପ୍ରାର୍ଥୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଆଦର୍ଶ ଆଚରଣ ସଂହିତାର ଗୁରୁତ୍ୱପୂର୍ଣ୍ଣ ଦିଗ, ଖର୍ଚ୍ଚ ରିପୋର୍ଟିଂ ଫର୍ମାଟ, ଦର ତାଲିକା, ଯାନବାହନ, ଶୋଭାଯାତ୍ରା ଏବଂ ସାଧାରଣ ସଭା ପାଇଁ ଅନୁମତି ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ସମସ୍ତ ପର୍ଯ୍ୟବେକ୍ଷକ ରାଜନୈତିକ ଦଳ, ପ୍ରାର୍ଥୀ ଓ ମତଦାତାଙ୍କ ପାଇଁ ସ୍ଥାନୀୟ ସର୍କିଟ ହାଉସରେ ଦିନ ୧୧ଟାରୁ ୧୨ଟା ଯାଏ ଉପଲବ୍ଧ ରହି ସେମାନଙ୍କ ଅଭିଯୋଗ ଓ ଅସୁବିଧା ସମାଧାନ କରିବେ ବୋଲି ସୂଚନା ଦିଆଯାଇଥିଲା।

# ରାତିସାରା ବାଲିଘାଟ ଜଗିଲେ ଗ୍ରାମବାସୀ



**ହାଟଡ଼ିହୀ,୨୫।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆମ୍ବୋ ପଞ୍ଚାୟତ କରଗୋଳା ବୈତରଣୀ ନଦୀ ବାଲିଘାଟରୁ ବାଲି ଚୋରାଚାଲାଣକୁ ନେଇ ପରିସ୍ଥିତି ଦିନକୁ ଦିନ ଜଟିଳ ହେଉଛି। ଶୁକ୍ରବାର ବେଆଇନ ବାଲି ପରିବହନକୁ ବିରୋଧ କରି ସ୍ଥାନୀୟ ଲୋକେ, ଭାଜପା ନେତା ଯଜ୍ଞ ପ୍ରସାଦ ସାହୁ ଏବଂ ଅନ୍ୟମାନେ ରାତିସାରା ବାଲି ସତ୍ୟାଗ୍ରହ ଆନ୍ଦୋଳନରେ ବସିଥିଲେ। ମାଫିଆଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ଠେଙ୍ଗା, ବାଡ଼ି ଧରି ବାଲିଘାଟ ଜଗିଥିଲେ। ରାତିରେ ବାଲି ମାଫିଆମାନେ ଘାଟକୁ ଗାଡ଼ି ନେଇ ଯାଇଥିବା ବେଳେ ଲୋକଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚିବା ପରେ ବାଲି ମାଫିଆ ଗାଡି ଧରି ଘଟଣାସ୍ଥଳରୁ ପଳାଇଥିଲେ। ସୂଚନା ଯୋଗ୍ୟ, କିଛି ଦିନପୂର୍ବେ ବାଲିଘାଟକୁ ଯାଇଥିବା ବେଳେ ହାଟଡ଼ିହୀ ତହସିଲଦାର, ଖଣି ବିଭାଗ କର୍ମଚାରୀଙ୍କୁ ମାଫିଆମାନେ ହତ୍ୟା ଧମକ ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସୂଚନା ଅଦ୍ୟାବଧି ସ୍ପଷ୍ଟ ହୋଇପାରିନି। ଏବେ ବାଲି ଚୋରିକୁ ରୋକିବା ପାଇଁ ବାଲି ସତ୍ୟାଗ୍ରହ ଚାଲିଥିବା ବେଳେ ରାତି ସମୟରେ ବାଲି ମାଫିଆ ସକ୍ରିୟ ହେଉଛନ୍ତି।

# 'ସୁରଭି ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରେ

**ପାଟଣା,୨୫।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ଶୁକ୍ରବାର ପାଟଣା ମୁଖ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତାଭାବେ ସାମାଜିକକର୍ମୀ ଅଜୟ କୁମାର ଦାଶ, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷା ଇଂ. ବିଦ୍ୟାଧର ଦାଶ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ ପ୍ରମୁଖ ଯୋଗଦେଇ ସୁରଭି ଶିଶୁଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ସହାୟ ହୁଏ ବୋଲି କହିଥିଲେ। କୃତୀ ପ୍ରତିଭାଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପାଟଣା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୨୬୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ଆମ କୁନି ପିଲା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବାଲିଆପାଳ,୨୫।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ସଭାଗୃହ ମଧ୍ୟରେ ଚାରି ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ସମନ୍ୱୟ ଶିଶୁ ବିକାଶ ବିଭାଗ ପକ୍ଷରୁ ଆମକୁନି ପିଲା ପ୍ରଶିକ୍ଷଣ ଶିବିର ଶନିବାର ପୂର୍ବାହ୍ନରେ ଉଦଯାପନ ହୋଇଯାଇଛି।ଭାରପ୍ରାପ୍ତ ସିଡ଼ିପିଓ ଅରସ୍ମିତା ଜେନା ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାରି ଦିନ ଧରି ଚାଲି ଆସୁଥିଲା।ବାଲିଆପାଳ ବ୍ଲକରେ ୨୮ ପଞ୍ଚାୟତରେ ଥିବା ୧୫ଟି ସେକ୍ଟରରୁ ୩୮୭ ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଥଲେ। ଶୂନ୍ୟରୁ ତିନି ବର୍ଷ ମଧ୍ୟରେ ପିଲାଙ୍କର ୮୦ ପ୍ରତିଶତ ବିକାଶର ଧାରା ତ୍ୱରାନ୍ୱିତ ହୋଇଥାଏ। ତେଣୁ ଅଭିଭାବକ ମାନଙ୍କୁ ଏବାବଦରେ ସଜାଗ କରାଯିବ ତାହା ଏହି ପ୍ରଶିକ୍ଷଣ ମାଧ୍ୟମରେ ଅଙ୍ଗନୱାଡି କର୍ମୀ ମାନଙ୍କର ଦକ୍ଷତା ବୃଦ୍ଧି କରିବା ଏହି ଶିବିରର ଲକ୍ଷ ବୋଲି ଶ୍ରୀମତୀ ଜେନା କହିଥିଲେ। ସୁପରଭାଇଜର କନକଲତା ବାରିକ, ଜ୍ୟୋସ୍ନା ରାଣୀ ଜେନା, ଅଞ୍ଜଳି ମୁର୍ମୁ, ଅର୍ଚ୍ଚନା ସିଂ, ସୁମିତ୍ରା ପାତ୍ର, ଉର୍ମିଳା ସେନାପତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ତଗରା ବେଳାଭୂମି ରାସ୍ତା



**ବାଲିଆପାଳ,୨୫।୧୦(ସଂଚାର ବ୍ୟୁରୋ):** ବାଲିଆପାଳର ବିଶ୍ୱ ପ୍ରସିଦ୍ଧ ତଗରା ବେଳାଭୂମି ଏହି ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ବଡ଼ ଗୁମୁଟି ଛକ ଠାରୁ ସମୁଦ୍ର ବେଳାଭୂମି ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ଦୀର୍ଘବର୍ଷ ଧରି ଶୋଚନୀୟ ହୋଇପଡ଼ିଛି। ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସୁଚନା ଥାଉ କି ୨୦୧୪ ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଦ୍ୱାରା ଏହା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲା ଏହି ବେଳାଭୂମିକୁ ଓଡ଼ିଶା ସମେତ ରାଜ୍ୟ ବାହାରୁ ପର୍ଯ୍ୟଟକ ମାନେ ଆସିଥାନ୍ତି। ସମୁଦ୍ର କୂଳ କୁ ଯିବା ପାଇଁ ସରକାରୀ ସ୍ତରରେ ରାସ୍ତା ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ମାତ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ନାଳି ଫିତା ତଳେ ଚାପି ହୋଇଯାଇଛି। ଅଞ୍ଚଳ ବାସୀଙ୍କ କହିବା କଥା ୨୮ ବର୍ଷ ପୂର୍ବେ ଏହି ରାସ୍ତା ନିର୍ମାଣ ହୋଇଥିଲା। ସେହି ଦିନ ଠାରୁ ଅଦ୍ୟାବଧି ମରାମତି ପାଇଁ ମାଟି ଝୁଡିଏ ମଧ୍ୟ ଏହି ରାସ୍ତାରେ ପଡ଼ିନାହିଁ। ଆଗକୁ ଆସୁଛି ବଣଭୋଜିର ଋତୁ। ଏହି ବେଳାଭୂମି ସୁଦୀର୍ଘ ବାଲୁକା ଶଯ୍ୟା ସାଙ୍ଗକୁ ହରିତକାୟ ଝାଉଁ ବନାନୀର ସୁଁସୁଁ ଶବ୍ଦ ମଧ୍ୟରେ ନାଲି କଙ୍କଡାଙ୍କ ଲୁଚକାଲି ଖେଳ ସମୁଦ୍ରରୁ ନୀଳ ଜଳରାଶି ମଧ୍ୟରୁ ଉତ୍ତାଳ ତରଙ୍ଗ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଅକ୍ଟୋବର ମାସ ଠାରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ଓଡ଼ିଆ, ବିହାର, ପଶ୍ଚିମବଙ୍ଗରୁ ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଛୁଟି ଆସିଥାନ୍ତି ପର୍ଯ୍ୟଟକ। ବଣଭୋଜିର ମଜା, ଜଳକ୍ରୀଡା ସାଙ୍ଗକୁ, ସେଲଫିର ପାଲଟି ଯାଏ ସ୍ମୃତି। କେବଳ ଏତିକି ନୁହେଁ, ଏଠାରେ ଅନୁଷ୍ଠିତ ହୋଉଥିବା ବାରୁଣୀ ସ୍ନାନ, ମକର ମେଳା, ବେଳାଭୂମି ମହୋତ୍ସବ ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥାଏ। ଏହି ପରି ଏକ ସୌନ୍ଦର୍ଯ୍ୟରେ ଭରପୁର ଏହି ବେଳାଭୂମିକୁ ଆସିବା ପାଇଁ ଗୋଟିଏ ମାତ୍ର ରାସ୍ତା ଯାହାକି ମରଣଯନ୍ତା ପାଲଟିଛି।

# ରିଲିଜ ହେବାକୁ ଯାଉଛି ଦି ତାଜ୍ ଷ୍ଟୋରୀ







ବରିଷ୍ଠ ଅଭିନେତା ପରେଶ ରାୱଲଙ୍କ ଆଗାମୀ ଫିଲ୍ମ "ଦି ତାଜ୍ ଷ୍ଟୋରୀ" ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମକୁ ନେଇ ଫ୍ୟାନ୍ସ ବହୁତ ଉତ୍ସାହିତ ଅଛନ୍ତି। ଏହାରି ମଧ୍ୟରେ ଫିଲ୍ମର ନିର୍ମାତା ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଫିଲ୍ମର ରିଲିଜ ଡେଟ୍ ଘୋଷଣା କରିଛନ୍ତି। ଯାହାକୁ ଏବେ ଦର୍ଶକମାନେ ଅପେକ୍ଷା କରି ରହିଛନ୍ତି। ରିଲିଜ ଡେଟ୍ ଘୋଷଣା କରି ନିର୍ମାତା କ୍ୟାପସନରେ ଲେଖିଛନ୍ତି ଯେ, ତାଜମହଲ ବାସ୍ତୁକଳା ନା ଭାରତୀୟ ବାସ୍ତୁକଳା ? । ଏହି ଫିଲ୍ମରେ ପରେଶ ରାୱଲ ମୁଖ୍ୟ ଭୂମିକାରେ ଥିବାବେଳେ ଜାକିର ହୁସେନ ଭିଲେନ୍ ଚରିତ୍ରରେ ନଜର ଆସିବାକୁ ଯାଉଛନ୍ତି। ବର୍ତ୍ତମାନ କିନ୍ତୁ ୨ ମିନିଟର ଟ୍ରେଲରର ଝଲକ ଦେଖିବାକୁ ମିଳିଛି। ଯାହା ସମସ୍ତଙ୍କୁ ଆକର୍ଷିତ କରିଛି। ପରେଶଙ୍କ ସମେତ ଅମୃତା ଖାନଭିଲକର, ସ୍ନେହା ୱାଘ ଏବଂ ନମିତ ଦାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ତାଜମହଲର ଇତିହାସ ଏବଂ ସ୍ଥାପତ୍ୟ ବିଷୟରେ ଦୀର୍ଘ ଦିନ ଧରି ଚାଲିଥିବା ବିତର୍କ ଉପରେ ଏକ ନୂତନ ଦୃଷ୍ଟିକୋଣ ଦେଇଛି। ଅକ୍ଟୋବର ୩୧ ତାରିଖରେ ରିଲିଜ ହେବାକୁ ଯାଉଛି ବୋଲି ଘୋଷଣା କରାଯାଇଛି।

## ଅପମାନିତ କଲା ପରି ବ୍ୟବହାର ପାଇଁ ଅମିତାଭ ବଚ୍ଚନଙ୍କୁ କ୍ଷମା ମାଗିଲେ ଇଶିତ୍



ଅପମାନିତ କଲା ପରି ବ୍ୟବହାର ପାଇଁ ବିଗ୍ ବି ଅମିତାଭ ବଚ୍ଚନଙ୍କୁ କ୍ଷମା ମାଗିଲେ ଇଶିତ୍ ଭଟ୍ଟ। କିଛି ଦିନ ପୂର୍ବେ, ଲୋକପ୍ରିୟ ରିଆଲିଟି ସୋ' କୌନ୍ ବନେଗା କରୋଡପତି-୧୭ (କେବିସି-୧୭)ରେ ପ୍ରତିଯୋଗୀ ଭାବରେ ନଜର ଆସିଥିଲେ ଇଶିତ୍। ଏହି ସମୟରେ ବିଗ୍ ବିଙ୍କ ସହ ତାଙ୍କ କଥାବାର୍ତ୍ତାକୁ ନାପସନ୍ଦ କରିଥିଲେ ସୋସିଆଲ ମିଡିଆରେ ବ୍ୟବହାରକାରୀ। ଏହାକୁ ବିଗ୍ ବିଙ୍କ ପ୍ରତି ଅସମ୍ମାନଜନକ ବୋଲି କହି ତାଙ୍କୁ ଟ୍ରୋଲ କରାଯାଇଥିଲା। ସୋସିଆଲ ମିଡିଆରେ ତାଙ୍କର ଅନେକ ଭିଡିଓ ଭାଇରାଲ ହୋଇଥିବା ବେଳେ ମାତାପିତା ଇଶିତ୍‌ଙ୍କୁ ସଂସ୍କାର ଶିଖାଇ ନଥିବା କହି ଅନେକ ଲୋକ ତାଙ୍କୁ ଟ୍ରୋଲ କରିଥିଲେ। ଏବେ ଇନଷ୍ଟାଗ୍ରାମ ଜରିଆରେ ଇଶିତ ଭଟ୍ଟ ତାଙ୍କ ଆଚରଣ ପାଇଁ ବିଗ୍ ବିଙ୍କୁ କ୍ଷମା ମାଗିଛନ୍ତି। ଇଶିତ ଭଟ୍ଟ ତାଙ୍କ ଇନଷ୍ଟାଗ୍ରାମରେ ଅମିତାଭ ବଚ୍ଚନଙ୍କ ସହ ଏକ ଫଟୋ ସେୟାର କରିଛନ୍ତି ଏବଂ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି, ଯାହାର କ୍ୟାପସନରେ ଲେଖାଅଛି, "କୌନ୍ ବନେଗା କରୋଡପତିରେ ମୋର ଆଚରଣ ପାଇଁ ମୁଁ ଆନ୍ତରିକ ଭାବରେ କ୍ଷମା ମାଗିବାକୁ ଚାହୁଁଛି। ମୁଁ ଟିକେ ଡରି ଯାଇଥିଲି, ଏବଂ ମୋର ଆଚରଣ ସମ୍ପୂର୍ଣ୍ଣ ଭୁଲ ଥିଲା। କାହାକୁ ଖରାପ ବ୍ୟବହାର କରିବାର ଉଦ୍ଦେଶ୍ୟ ମୋର ନଥିଲା। ମୁଁ ଅମିତାଭ ବଚ୍ଚନ ସାର୍ ଏବଂ ସମଗ୍ର କେବିସି ଦଳକୁ ବହୁତ ସମ୍ମାନ କରେ। ଏହି ଘଟଣା ପରେ ମୁଁ ଏକ ବଡ଼ ଶିକ୍ଷା ପାଇଲି। କିପରି ଶବ୍ଦର ଚୟନ ଏବଂ କାର୍ଯ୍ୟ ଆମର ଭାବମୂର୍ତ୍ତିକୁ ପ୍ରଭାବିତ କରେ ତାହା ମୁଁ ଜାଣିପାରିଛି, ବିଶେଷକରି ଏତେ ବଡ଼ ପ୍ଲାଟଫର୍ମରେ। ମୁଁ ଭବିଷ୍ୟତରେ ଆହୁରି ଅଧିକ ଭଦ୍ର, ସମ୍ମାନଜନକ ଏବଂ ବିଚାରଶୀଳ ହେବାକୁ ପ୍ରତିଶ୍ରୁତି ଦେଉଛି।" କେବିସିକୁ ଆସି ହଟ୍ ସିଟ୍‌ରେ ବସିବା ପରେ ଇଶିତ ଅମିତାଭ ବଚ୍ଚନଙ୍କୁ ଅପମାନିତ କରିଥିଲେ। ବିଗ୍ ବି ପ୍ରଶ୍ନ କରିବା ସମୟରେ ବାରମ୍ବାର ବାଧା ଦେବା ସହ କୁଇଜ୍ ନିୟମ ଶୁଣିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଏମିତି କି ସେ ବିଗ୍ ବିଙ୍କ ସହ ଯେଉଁଭଳି ଭାବରେ କଥା ହୋଇଥିଲେ, ତାହା କାହାକୁ ପସନ୍ଦ ଆସିନଥିଲା।

## ଝିଅ ଜନ୍ମ ପରେ ଏକାଠି ଦୀପାବଳି ପାଳନ କଲେ ସିଦ୍ଧାର୍ଥ ଏବଂ କିୟାରା



ବଲିଉଡର ଚର୍ଚ୍ଚିତ ଯୋଡ଼ି ସିଦ୍ଧାର୍ଥ ମଲହୋତ୍ରା ଏବଂ କିୟାରା ଆଡଭାନୀଙ୍କ ପାଇଁ ଏହି ଦୀପାବଳି ଖୁବ୍ ନିଆରା ରହିଛି। କାହିଁକିନା ସେମାନଙ୍କର କନ୍ୟା ସନ୍ତାନ ଜନ୍ମ ହେବା ପରେ ପ୍ରଥମ ଦୀପାବଳି ସେମାନେ ପାଳନ କରିଛନ୍ତି। ଯାହାର ଝଲକ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। କିୟାରା ଆଡଭାନୀ ତାଙ୍କ ସ୍ୱାମୀଙ୍କ ସହ ଦୀପାବଳି ପାଳନ କରୁଥିବା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଥିବା ଭିଡିଓରେ ଦେଖିବାକୁ ମିଳିଛି। ଯେଉଁ ଭିଡିଓରେ କିୟାରାଙ୍କୁ ହଳଦି ରଙ୍ଗର ଅନାରକଲି ସୁଟ୍ ସହିତ ହଳଦି ଏବଂ ହାଲକା ଗୋଲାପି ରଙ୍ଗର ଦୁପଟାରେ ନଜର ଆସିଛନ୍ତି। ସିମ୍ପଲ୍ ଭାବେ ଦୀପାବଳି ଲୁକ୍ ନେଇଛନ୍ତି କିୟାରା। ଏଥି ସହିତ କିୟାରାଙ୍କୁ ଖୋଲା ଚୁଟି, ମଥାରେ ଛୋଟ ଲାଲ୍ ବିନ୍ଦି ସହିତ ଲାଇଟ୍ ମେକଅପରେ ନଜର ଆସିଛନ୍ତି। ସେହିପରି ସିଦ୍ଧାର୍ଥଙ୍କୁ ମଧ ଏକ ହଳଦି ରଙ୍ଗର କୁର୍ତ୍ତା ସହିତ ହ୍ୱାଇଟ୍ ପାଇଜାମା ପିନ୍ଧି ଦୁହେଁ ସେମାନଙ୍କ ଲୁକ୍ କମ୍ପଲିଟ୍ କରିଥିଲେ। ଭିଡିଓରେ ଦୁହେଁ ଖୁବ୍ ଖୁସି ଥିବାର ଦେଖିବାକୁ ମିଳିଛି। ଏହା ବ୍ୟତୀତ ଦୀପାବଳିର ଫଟୋ ସେୟାର କରିବା ସହିତ ସମସ୍ତଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି କିୟାରା। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ସେମାନଙ୍କ ଝିଅ ହେବା ପରଠାରୁ ଖୁବ୍ କମ୍ ପ୍ରୋଫାଇଲ ରଖୁଥିଲେ। କିନ୍ତୁ ଏବେ ସେମାନଙ୍କର ଛୋଟ ଝଲକ ସେମାନଙ୍କ ଫ୍ୟାନ୍ସଙ୍କୁ ଖୁସି ଦେଇଛି।

## ୩୧ରେ ଆସିବ ଶେହନାଜଙ୍କ 'ଇକ୍ କୁଡ଼ି'



ଶେହନାଜ ଗିଲ୍‌ଙ୍କ ଅପ୍‌କମିଂ ପଞ୍ଜାବୀ କମେଡି ଡ୍ରାମା 'ଇକ୍ କୁଡ଼ି'ର ଟ୍ରେଲର୍ ରିଲିଜ୍ ହୋଇଛି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅମରଜିତ ସିଂହ ସରୋଁ। ଫିଲ୍ମର କାହାଣୀ ବ୍ୟବସ୍ଥିତ ବିବାହ ଉପରେ ପର୍ଯ୍ୟବସିତ। ୨ ମିନିଟ୍ ୪୮ ସେକେଣ୍ଡ୍‌ର ଏହି ଟ୍ରେଲର୍ ଦୁଇଟି ପିଢ଼ିର କାହାଣୀ ସହିତ ଆରମ୍ଭ ହୋଇଛି। ସିମ୍ମି ଭୂମିକାରେ ଅଭିନୟ କରିଛନ୍ତି ଶେହନାଜ। ବ୍ୟବସ୍ଥିତ ବିବାହ ଜରିଆରେ ସେ ନିଜର ଜୀବନସାଥୀ ଖୋଜୁଛନ୍ତି। ଚାହୁଁଥିବା ସବୁ ଗୁଣସମ୍ପନ୍ନ ଜଣେ ମଣିଷ ଖୋଜୁ ଖୋଜୁ ସେ ସମାଜର ନିୟମକୁ ଉଲ୍ଲଂଘନ କରିଛନ୍ତି। ଏହା ପରେ କାହାଣୀ ମଜାଦାର ମୋଡ଼ ନେଇଛି। ବର୍ତ୍ତମାନ ସମାଜରେ ଯାହା ଘଟୁଛି, ଫିଲ୍ମରେ ତାହା ପ୍ରଦର୍ଶିତ ହୋଇଛି। ମହିଳାମାନେ ବର୍ତ୍ତମାନ ଯତ୍ନ ନେଉଥିବା, ସାହସୀ ଓ ପ୍ରେମ କରୁଥିବା ସାଥୀ ଖୋଜୁଛନ୍ତି। ଯିଏ ଘର କାମରେ ସାହାଯ୍ୟ କରିବା ସହିତ ପରିବାରକୁ ମଧ ଦେଖୁଥିବ। ଫିଲ୍ମରେ ଭରପୂର ମଜାମସ୍ତି, ଆବେଗ, ରୋମାଞ୍ଚ ରହିଛି, ଯାହାକୁ ପରିବାର ସହିତ ଥିଏଟରରେ ଦେଖିବାକୁ ଦର୍ଶକ ପସନ୍ଦ କରିବେ ବୋଲି ଶେହନାଜ ଆଶା କରୁଛନ୍ତି। ଆସନ୍ତା ୩୧ ତାରିଖରେ ଫିଲ୍ମଟି ବିଶ୍ୱସ୍ତରରେ ମୁକ୍ତିଲାଭ କରିବ।

## ଦ୍ୱିତୀୟ ଥର ବାପା ହେବାକୁ ଯାଉଛନ୍ତି ରାମଚରଣ

ସାଉଥର ପାୱାର କପଲ ରାମଚରଣ ଏବଂ ଉପାସନା କୋନିଡେଲା ଖୁବଶୀଘ୍ର ଦ୍ୱିତୀୟ ଥର ବାପାମା' ହେବାକୁ ଯାଉଛନ୍ତି। ଦମ୍ପତି ଦୁହେଁ ଦ୍ୱିତୀୟ ଥର ପାଇଁ ପ୍ରେଗନାଣ୍ଟ ରହିଛନ୍ତି। ଏମାନେ ସୋସିଆଲ ମିଡିଆରେ ପୋଷ୍ଟ ସୋର କରି ପ୍ରେଗନେନ୍ସି ଆନାଉନ୍ସ କରିଛନ୍ତି। ଉପାସନା ସୋସିଆଲ ମିଡିଆରେ ଗୋଦଭରାଇ ସମୟରେ ଫଟୋ ଫ୍ୟାନ୍ସଙ୍କ ସହିତ ସେୟାର କରିଛନ୍ତି। ଯେଉଁଥିରେ ଦୁହେଁ ବହୁତ ଖୁସି ନଜର ଆସିଛନ୍ତି। ଉପାସନା ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ପୁରା ପରିବାର ସହିତ ଗୋଦଭରାଇର ବିଧି କରୁଥିବାର ନଜର ଆସିଛନ୍ତି। ଏଥିରେ ରାମଚରଣ ଏବଂ ଉପାସନା ବହୁତ ଖୁସି ନଜର ଆସିଛନ୍ତି। ଉପାସନା ଭିଡିଓ ସେୟାର କରି ଲେଖିଛନ୍ତି, ଏହି ଦୀପାବଳିରେ ଡବଲ ଉତ୍ସବ, ଡବଲ ଭଲପାଇବା, ଡବଲ ଆଶୀର୍ବାଦ। ଭିଡିଓର ଉପାସନା ବ୍ଲୁ କଲର ଆଉଟଫିଟରେ ନଜର ଆସିଛନ୍ତି। ରାମଚରଣ କୁର୍ତ୍ତାପାଇଜାମା ପିନ୍ଧିଛନ୍ତି। ଉପାସନାଙ୍କ ପୋଷ୍ଟରେ ପ୍ରତିକ୍ରିୟା ଦେଇ ଫ୍ୟାନ୍ସ ଶୁଭେଚ୍ଛା ଜଣାଇଛନ୍ତି। ରାମଚରଣଙ୍କ ପ୍ରଥମ ପିଲା ୨୦୨୩ରେ ଜନ୍ମ ହୋଇଥିଲା। ୨୦୧୨ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ରାମଚରଣ। ବିବାହର ୧୩ ବର୍ଷ ପରେ ପୁଣିଥରେ ମାତାପିତା ହେବେ ଏହି ଦମ୍ପତି।





## ସଞ୍ଜୟଙ୍କ 'ଗଙ୍ଗା ଯମୁନା ସରସ୍ୱତୀ'

ଜଣାଶୁଣା ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କ ନୂଆ ଟେଲିସିନେମା 'ଗଙ୍ଗା ଯମୁନା ସରସ୍ୱତୀ' ଖୁବ୍ ଶୀଘ୍ର ତରଙ୍ଗରେ ପ୍ରଦର୍ଶିତ ହେବ। ଏଥିରେ ଶ୍ରଦ୍ଧା ପାଣିଗ୍ରାହୀ, ଅଙ୍କିତ କୁମାର, ବିକ୍ରମ କେଶରୀ ମହାନ୍ତି, ଜ୍ୟୋତି ପ୍ରକାଶ ପଣ୍ଡା, ଅଭିନବ ସିଂ ଓ ରଶ୍ମି ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ବି ଲେଖିଛନ୍ତି ସଞ୍ଜୟ। ସନ୍ଦୀପ ପଣ୍ଡା ସଙ୍ଗୀତ ଦାୟିତ୍ୱ ସମ୍ଭାଳି ଥିବା ବେଳେ ଗୀତ ଲେଖିଛନ୍ତି ନିର୍ମଳ ନାୟକ। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ, ଏସ୍ ଜିତୁ ଓ ପାୟଲ ମହାନ୍ତି। କୋରିଓଗ୍ରାଫି ଦାୟିତ୍ୱରେ ଅଛନ୍ତି ଲୁବୁନ୍-ଟୁବୁନ୍। କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜନା କରିଥିବା ବେଳେ କାହ୍ନୁ ନନ୍ଦ ଶୁଭମ୍ ସିନେମାଟୋଗ୍ରାଫି କରିଛନ୍ତି।

## ଉତ୍କୃଷ୍ଟ ସେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସୋନପୁର ପୌର ପରିଷଦ ସମ୍ମାନିତ



**ସୁବର୍ଣ୍ଣପୁର,୨୫।୧୦ (ସଂଚାର ବ୍ୟୁରୋ):** ଚଳିତ ଅକ୍ଟୋବର ମାସ ୨୩ ଓ ୨୪ ତାରିଖ କନଭେନସନ୍ ସେଣ୍ଟର୍ ଲୋକ ସେବା ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ଓଡ଼ିଶା ୨୦୨୫ ରେ ସୋନପୁର ମ୍ୟୁନିସିପାଲଟି ଦ୍ୱାରା ଜନସାଧାରଣଙ୍କୁ ଆମୋଦ ପ୍ରମୋଦ ପାଇଁ ସହରାଞ୍ଚଳ ପାର୍କ ସୁବିଧା ଓ ସହରାଞ୍ଚଳ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଉତ୍କୃଷ୍ଟ ମାନର ସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ମାନିତ ଓ ପ୍ରମୁଖ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ଶ୍ରୀମତୀ ଉଷା ପାଢ଼ୀ ଦ୍ୱାରା ସୋନପୁର ପୌର ପରିଷଦକୁ ପ୍ରଶଂସା ପତ୍ର ପ୍ରଦାନ କରା ଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଓ ନିର୍ଦ୍ଦେଶକ ମଧ୍ୟ ଏହି ଉତ୍ସବ ରେ ଯୋଗ ଦେଇଥିବା ସୂଚନା ମିଳିଛି ।

## ବିକାଶ ଏଠି ବାଟବଣା
## ଆଧାର କାର୍ଡ ଯୋଗୁଁ ମିଳୁନି ସରକାରୀ ସୁବିଧା



**ବର୍ଥଗପାଳ,୨୫।୧୦ (ସଂଚାର ବ୍ୟୁରୋ):** ଏମିତି ଗୋଟିଏ ଗାଁ, ବିକାଶ ଏଠି ବାଟବଣା । ସରକାରୀ ଯୋଜନା ସେମାନଙ୍କ ପାଇଁ ଅପହଞ୍ଚ । ଅନୁଗୁଳ ଜିଲ୍ଲା ବର୍ଥଗପାଳ ବ୍ଲକ ବନ୍ଧା ପଞ୍ଚାୟତ ଝରିବାହାଳ ଗାଁ ଆମ୍ବେଦକର ନଗରରେ ବାସ କରୁଥିବା ୧୬ ପରିବାରର କଥା । କାମ ଧନ୍ଦା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ନବେ ଦଶକରୁ ଆସି ଏଠାରେ ବାସ କରୁଥିବା ପ୍ରତିଟି ପରିବାର ଜମିହୀନ। ସରକାରୀ ଜମି ଉପରେ ବରଡ଼ାଘେରା ଘରେ ବହୁ ଦୟନୀୟ ଅବସ୍ଥାରେ ରହୁଛନ୍ତି ସମସ୍ତେ । ହେଲେ ସବୁ ପରିବାରର ଭୋଟର କାର୍ଡ ଓ ଆଧାର କାର୍ଡ ଏହି ଠିକଣାରେ ରହିଛି । କିଛି ବର୍ଷ ତଳେ ଏ ପଡ଼ାରେ ଅଗ୍ନିକାଣ୍ଡ ଘଟି ବହୁ ଘର ପୋଡ଼ିଯିବାରୁ ଏଠାରେ ବାସ କରୁଥିବା ଲୋକଙ୍କ ବହୁ ଜିନିଷପତ୍ର ସହ ଛୋଟ ପିଲାଙ୍କ ଆଧାର କାର୍ଡ ଓ ଜନ୍ମ ପ୍ରମାଣପତ୍ର ପୋଡ଼ି ଯାଇଥିଲା। ଏହା ପରଠୁ ପିଲାଙ୍କ ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡ ହୋଇପାରୁନି। ଫଳରେ ଏ ପଡ଼ାର ୭-୮ ଜଣ ପିଲା ଏବେ ପାଠପଢ଼ାରୁ ବଞ୍ଚିତ। ଅଙ୍ଗନବାଡ଼ି ପାଠପଢ଼ା ପରେ ସେମାନଙ୍କ ପାଠରେ ବନ୍ଧା ହୋଇଛି ଡୋରି। ଇଚ୍ଛା ଥିଲେ ବି ପଢ଼ିବାରୁ ବଞ୍ଚିତ ଛୋଟ ଛୋଟ ପିଲା। ନିର୍ବାଚନ ବେଳେ ଏମାନଙ୍କର ଭୋଟ ଦେବାର ଅଧିକାର ତ ଅଛି, ହେଲେ ନା ଏଠାକୁ ବିଜୁଳି ଆଲୁଅ ପହଞ୍ଚିଛି, ନା ସରକାରଙ୍କ ପକ୍ଷରୁ ଏମାନଙ୍କୁ ମିଳିଛି ଜମି ବା ଘର। ବ୍ଲକ, ତହସିଲ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ଶେଷରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ସମସ୍ତେ । ସାଞ୍ଜ ନଇଁ ନଇଁ ଟର୍ଚ୍ଚ ଲାଇଟ୍ ଏମାନଙ୍କ ଶେଷ ଭରସା । ତେବେ ପ୍ରଶାସନର ଏମାନଙ୍କ ଉପରେ କେବେ ନଜର ପଡ଼ୁଛି ତାକୁ ଅପେକ୍ଷା ।

## ଜେସିବି ମେସିନ ଧକ୍କାରେ ଜଣେ ମୃତ୍ୟୁ

**କଳିଙ୍ଗନଗର,୨୫।୧୦ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଥାନା ଅନ୍ତର୍ଗତ ସାରଙ୍ଗପୁର ହାଟ ରାସ୍ତାରେ ଜଣେ କାମ କରିବାକୁ ସାଇକେଲ ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଜେସିବି ମେସିନ ଧକ୍କା ଦେଇଥିଲା। ସେ କଳିଙ୍ଗନଗରସ୍ଥ ନୀଳାଞ୍ଚଳ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ।ଜେସିବି ମେସିନ ମୁଣ୍ଡ ଉପରେ ଚଢ଼ିଯିବା ଫଳରେ ଆଗପଟ ମୁଣ୍ଡ ଭିତରକୁ ପଶିଯାଇଥିଲା ଘଟଣାସ୍ଥଳରେ ମୃତ୍ୟୁବରଣ ହୋଇଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି। ସ୍ଥାନୀୟ ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଜେସିବି ମେସିନ ଯାହାର ନମ୍ବର - ଓଆର୦୪ଏଲ୍-୩୨୨୦ ଓ ଡ୍ରାଇଭର (ମନୋଜ କୁମାର ପରିଡ଼ା) କୁ କଳିଙ୍ଗନଗର ପୋଲିସ ନିଜ ହେପାଜତକୁ ନେଇ କେଶ ନମ୍ବର ୩୧୯୩/୨୫ରେ ମାମଲା ରୁଜୁ କରି ମୃତଦେହ ମୃତକ ଙ୍କ ପରିବାର କୁ ହସ୍ତାନ୍ତର କରିଛନ୍ତି। ମୃତ ବ୍ୟକ୍ତି ଟମକା ଥାନା ଫୁଲଝର ଅଞ୍ଚଳର ଜିତେନ୍ ପୂର୍ତ୍ତି (୪୦)- ବୋଲି ଜଣା ପଡ଼ିଛି।

● ରାଇସ ମିଲକୁ ବିରୋଧ କରି ଲୋକଙ୍କ ରାସ୍ତା ରୋକ

## ଜିଲ୍ଲାପାଳ ଓ ଏସପିଙ୍କ ପ୍ରତିଶ୍ରୁତି ପରେ ରାସ୍ତା ରୋକ ପ୍ରତ୍ୟାହୃତ



**ସୁବର୍ଣ୍ଣପୁର,୨୫।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ନଙ୍ଗଳକଟା ଗ୍ରାମବାସୀ ରାଇସ ମିଲ ବନ୍ଦ ଦାବିରେ ଆଜି ସକାଳ ୬ ଟା ରୁ ଡୁଙ୍ଗୁରିପାଲି-ରାମପୁର ମୁଖ୍ୟ ରାସ୍ତା ନଙ୍ଗଳକଟା ଠାରେ ରାସ୍ତା ରୋକ କରିଛନ୍ତି। ଏହି ଗ୍ରାମ ର ରାସ୍ତା ପାର୍ଶ୍ୱରେ ଏକ ରାଇସମିଲ ନିର୍ମାଣ ହୋଇଛି ଏବଂ ଏହି ମିଲ କୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା ଚାଲିଛି। ଏହି ମିଲ ଚାଲୁ ହେଲେ ସ୍ଥାନୀୟ ଅଞ୍ଚଳ ର ଲୋକଙ୍କ ନାନା ଅସୁବିଧା ଦେଖା ଦେବା ସହ ପାଖରେ ଏକ ଡାକ୍ତରଖାନା ରହିଛି ଏବଂ ଏହା ଜନ ଗହଳି ପୂର୍ଣ୍ଣ ରାସ୍ତା ଥିବା ଯୋଗୁଁ ଜନ ସାଧାରଣ ବିଶେଷ ଅସୁବିଧା ଭୋଗିବେ ବୋଲି ଏହି ରାଇସମିଲ କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଦାବି କରି ଗ୍ରାମବାସୀ ରାସ୍ତାରୋକ କରିବା ସହ ଧାରଣାରେ ବସିଥିଲେ। ଯାହା ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟା ରେ ଗାଡ଼ି ଗୁଡ଼ିକ ଅଟକି ରହିଥିଲା। ଏହା ଜାଣି ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଓ ଏସପି ନାରାୟଣ ନାୟକ ଘଟଣା ସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସେମାନଙ୍କୁ ବୁଝାଇଥିଲେ। ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ଖରସ୍ରୋତାରେ କୁମ୍ଭୀର ଆତଙ୍କ



**ବିଞ୍ଝାରପୁର,୨୫।୧୦(ସଂଚାର ବ୍ୟୁରୋ):** ବିଂଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ସଲଗ୍ନ ଖରସ୍ରୋତା ନଦୀରେ ଆଜି ସକାଳ ସମୟରେ ଏକ କୁମ୍ଭୀର ବୁଲୁଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳ ବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଖବର ଅନୁଯାୟୀ କଲ୍ୟାଣପୁର ପଞ୍ଚାୟତ ସମଲପୁର ଗ୍ରାମର ଚିନ୍ତାମଣି ବେହେରା ଖରସ୍ରୋତା ନଦୀର ଶନି ମନ୍ଦିର ଘାଟରେ ଆଜି ସକାଳେ ଗାଧୋଇବାକୁ ଆସି ନଦୀରେ କୁମ୍ଭୀର ବୁଲୁଥିବାର ଦେଖିବାକୁ ପାଇଥିଲେ। ଏହାଦେଖି ଚିନ୍ତାମଣି ଭୟରେ ପଳାଇଆସି ଲୋକଙ୍କୁ ଡାକ ପକାଇଥିଲେ। ଖବରପାଇ କୁମ୍ଭୀର ଦେଖିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଭିଡ଼ ଜମିଥିଲା। ଖରସ୍ରୋତାରେ କୁମ୍ଭୀର ଥିବା ଖବର ପ୍ରଚାର ହେଲାପରେ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ଗତ କିଛି ଦିନ ପୂର୍ବରୁ ଖରସ୍ରୋତା ନଦୀର କନ୍ତିଆ ତୁଠରେ ଜଣେ ମହିଳା ଶୌଚ ହେବା ସମୟରେ କୁମ୍ଭୀର ଟାଣି ନେଇ ଯାଇଥିଲା। ବର୍ତ୍ତମାନ ପବିତ୍ର କାର୍ତ୍ତିକମାସ ଚାଲିଥିବାରୁ ହବିଷ୍ୟାଳି ପାହାନ୍ତି ସ୍ନାନ ପାଇଁ ଖରସ୍ରୋତା ନଦୀକୁ ଆସିଥାନ୍ତି। ଯଥାଶିଘ୍ର ଏଠାରୁ କୁମ୍ଭୀରକୁ ତଡିବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ରୋଗୀଙ୍କୁ ଭରସା ଖଟିଆ ; ନାଳରେ ପଶି ଯାତାୟାତ କରୁଛନ୍ତି ଲୋକେ



**ମୁନିଗୁଡ଼ା, ୨୫।୧୦ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୮ ବର୍ଷ ପରେବି ଗାଁକୁ ପହଞ୍ଚିପାରିନି ରାସ୍ତା । ଭଲ ରାସ୍ତା ନଥିବାରୁ ଗାଁରେ ପହଞ୍ଚି ପାରୁନି ଜରୁରୀକାଳୀନ ସେବା । ପ୍ରତିଦିନ ଯିବା ଆସିବା କରିବାରେ ବି ସମସ୍ୟା ସୃଷ୍ଟି ହେଉଛି । ଜଣେ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ପାଇଁ ଖଟିଆରେ ବୋହିବାକୁ ପଡୁଛି । ଇଏ ଆଜିର ନୁହେଁ, ନିତିଦିନର କଥା । ମୁନିଗୁଡ଼ା ବ୍ଲକ ଅଗୁଳ ପଞ୍ଚାୟତର ୩ଟି ଗାଁ ପଞ୍ଚୁବାଇ, ଘଟଣ ଓ ଟେଭାଗୁଡ଼ି ଗାଁକୁ ରାସ୍ତା ନାହିଁ । କେଉଁ ଆଡ଼େ ଯିବାକୁ ହେଲେ ନାଳ ପାର ହୋଇ ପାଣି, କାଦୁଅ ଭର୍ତ୍ତି ରାସ୍ତାରେ ଯିବାକୁ ପଡୁଛି । ଏନେଇ ଅଭିଯୋଗ ହୋଇଛି ହେଲେ ଫଳ ଶୂନ । ଉକ୍ତ ରାସ୍ତାରେ ଏକ ବ୍ରିଜର ଆବଶ୍ୟକ ଥିବା ନେଇ ସ୍ୱୀକାର କରିଛନ୍ତି ମୁନିଗୁଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ । ହେଲେ ଏଥିପାଇଁ ଯେତିକି ଅର୍ଥର ଆବଶ୍ୟକତା ଅଛି ତାହା ବ୍ଲକ ପକ୍ଷେ ଖର୍ଚ୍ଚ କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ତୁରନ୍ତ ୩ଟି ଗାଁକୁ ଯୋଗାଯୋଗ ପାଇଁ ପକ୍କା ରାସ୍ତା ସହ ବ୍ରିଜ୍‌ଟିଏ ନିର୍ମାଣ କରାଗଲେ ଆଦିବାସୀ ପରିବାର ଉପକୃତ ହୋଇପାରିବେ ।

## ତିଗିରିଆ ପଞ୍ଚାୟତରେ ଗୋଠ ଛଡ଼ା ଦନ୍ତା ଉପଦ୍ରବ

**ତିଗିରିଆ,୨୫।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଆଠଗଡ଼ ବନାଞ୍ଚଳ ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତରେ ହାତୀ ଉପଦ୍ରବ। ବ୍ୟାପକ ଧାନ ଫସଲ ନଷ୍ଟ। ଏକ ଗୋଠ ଛଡ଼ା ମାଈ ହାତୀ ସ୍ଥାନୀୟ ଅଞ୍ଚଳରେ ପଶି ଧାନ ଫସଲ ନଷ୍ଟ କରିଦେଇଛି। ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀଟିକୁ ଘଉଡ଼ାଇବାକୁ ଉଦ୍ୟମ କରୁଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ଗୋଠଛଡା ମାଈ ହାତୀ ଆଠଗଡ଼ କଦଳୀ ବାଡ଼ି ପଟୁ ଆସି ଆଉ ଫେରି ପାରିନଥିଲା। ଶଙ୍କରେଶ୍ୱର ମନ୍ଦିର ପଛପଟ ଗହୀର ମଧ୍ୟରେ ରହି ଯାଇଥିଲା। ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେବା ସହ ବାଣ ଫୁଟାଇ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀଟି ଅଧିକ ଭୟଭୀତ ହୋଇ ଏଣେତେଣେ ଦୌଡ଼ି ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲା।

## ଜିଲ୍ଲାସ୍ତରୀୟ ଅନ୍ତଃ ବିଭାଗୀୟ ବୈଠକ
## ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ପାଇଁ ଶପଥ ପାଠ

**ବଲାଙ୍ଗିର,୨୫।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାରେ ଶିଶୁ ଚାଲାଣ, ଦାଦନ ଶ୍ରମିକ, ଯକ୍ଷ୍ମା ମୁକ୍ତ ଭାରତ, ରକ୍ତହୀନତା, ଟୀକାକରଣ, ପ୍ରାକ-ଗର୍ଭ ପରୀକ୍ଷାର ସୂଚକାଙ୍କରେ ଉନ୍ନତି ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ଅନ୍ତଃ ବିଭାଗୀୟ ବୈଠକ ବଲାଙ୍ଗିର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଘରୋଇ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ପାଇଁ ଶପଥ ପାଠ କରାଯାଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଭେଷଜ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡାଃ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରଦୀପ କୁମାର ନାଗ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ସୁଷମା ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ - ଏମ.ଆଇ.ଏସ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ-ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଉପୋରୋକ୍ତ ବିଭାଗର ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ଉପୋରୋକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାରେ କିପରି ଶିଶୁ ଚାଲାଣ, ଦାଦନ ଶ୍ରମିକ, ଯକ୍ଷ୍ମା ମୁକ୍ତ ଭାରତ, ରକ୍ତହୀନତା, ଟୀକାକରଣ ଓ ପ୍ରାକ-ଗର୍ଭ ପରୀକ୍ଷାର ସୂଚକାଙ୍କରେ ଉନ୍ନତି କରାଯିବ ତାହା ଉପରେ ବିଶେଷ ଆଲୋଚନା କରି ଏହା ଉପରେ ସମ୍ମିଳିତ ଯୋଜନା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ପର୍ଯ୍ୟାଲୋଚନା କମିଟି ବୈଠକ

● ବୈଠକକୁ ଆସିଲେନି ୮ବ୍ଲକର ବିଡ଼ିଓ ଓ ୭ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା




**ନୟାଗଡ଼,୨୫।୧୦(ସଂଚାର ବ୍ୟୁରୋ):** ଜିଲ୍ଲାପରିଷଦ ସୃଜନ ସମ୍ମିଳନୀ ଗୃହରେ ଚଳିତ ବର୍ଷର ତୃତୀୟ ଜିଲ୍ଲା ଉନ୍ନୟନ ସମନ୍ୱୟ ପର୍ଯ୍ୟାଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉନ୍ନୟନ ସମନ୍ୱୟ ପର୍ଯ୍ୟାଲୋଚନା କମିଟିର ଅଧ୍ୟକ୍ଷ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା ଆୟୋଜିତ ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଉପସ୍ଥିତ ଥିଲେ। ମେଗା ପାଇପ୍ ଓ୍ୱାଟର ସପ୍ଲାଏ ଉପରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଏବଂ ମେଗା ଓ୍ୱାଟର ସପ୍ଲାଏ ସଂସ୍ଥା ଉପରେ କ୍ଷୋଭ ପ୍ରକାଶ କରିବା ସହ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ଉପରେ ବର୍ଷିଥିଲେ ଏବଂ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭାବରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଉପରେ ମଧ୍ୟ ଅନୁଧ୍ୟାନ କରାଯିବା ସହ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗୁଡ଼ିକ ଅନ୍ତର୍ଭୁକ୍ତ କରି ସବସିଡ ପ୍ରଦାନ କରାଯିବା ନେଇ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅବଗତ କରାଇ ଏହା ଉପରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ସାଂସଦ ଶ୍ରୀଯୁକ୍ତ ମହତାବ। ସେହିପରି ଭାବେ ଅଳୀହା/ଆବର୍ଜନା ବୁହା ବ୍ୟାଟେରୀ ଚାଳିତ ଗାଡ଼ି କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗୃହରେ ତୁମ୍ବି ତୋଫାନ ହୋଇଥିଲା।

## ସୁବଳୟାକୁ ଏନଏସି ଦାବିରେ ୧୨ଘଣ୍ଟିଆ ବନ୍ଦ ପାଳନ



**ସୁବର୍ଣ୍ଣପୁର,୨୫।୧୦(ସଂଚାର ବ୍ୟୁରୋ):** ନିକଟ ଅତୀତରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୨ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଗଠନ ନେଇ ଘୋଷଣା କରିଥିଲେ। ଏଥିରେ ସୁବଳୟା ଅଞ୍ଚଳ ବାଦ ପଡ଼ିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ଏହା ପ୍ରତିବାଦରେ ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଦିନ ୧୨ ଘଣ୍ଟିଆ ସୁବଳୟା ଅଞ୍ଚଳରେ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନ ଫଳରେ ସ୍ଥାନୀୟ ପରିବା ବଜାର, ଦୋକାନବାଡ଼ି, ଯାନ ବାହାନ ଚଳାଚଳ, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଆଦି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସୁବଳୟା ସମେତ ପ୍ରାୟ ୫ଟି ପଞ୍ଚାୟତର ଲୋକେ ଏଥିରେ ସାମିଲ ହୋଇଥିଲେ। ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ହରିହର ସାହୁ, ଯଦୁମଣି ମେହେର, ଧ୍ରୁବା ମେହେର, ଚୁନା ଅଧିକାରୀ, ଯୋଗିନ୍ଦ୍ର ମେହେର, ଟିଟୁ ମେଘା, ଗୋପାଳ ବେହେରା, ପିତାମ୍ବର ବେହେରା, ସଦାନନ୍ଦ ମହାନନ୍ଦ ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ। କମିଟି ପକ୍ଷରୁ ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଅଞ୍ଚଳ ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ତଥା ଜନସଂଖ୍ୟା ବହୁଳ ଅଞ୍ଚଳ ଅଟେ। ଗଡ଼ଜାତ ଅମଳରୁ ତା, ୧/୪/୧୯୫୪ ଯାଏ ସୁବଳୟା ଏକ ପୌର ପାଳିକା ଭାବେ ମାନ୍ୟତା ପାଇଥିଲା। ୧୯୫୪ରେ ସୁବଳୟାକୁ ମ୍ୟୁନିସିପାଲଟି ବଦଳରେ ଏକ ଗ୍ରାମ ପଞ୍ଚାୟତରେ ପରିଣତ କରିଦିଆଯାଇଥିଲା।

## ଓପିଏସ୍‌ଙ୍କ ଏସ୍‌ପି ଗୋଇନ୍ଦା ବିଭାଗକୁ ପଦନ୍ନୋତି ପାଇଁ ସମ୍ବର୍ଦ୍ଧନା



**ବଲାଙ୍ଗିର,୨୫।୧୦(ସଂଚାର ବ୍ୟୁରୋ):** ରବି ନାରାୟଣ ପାତ୍ର ଓପିଏସ୍ (୧) ୧୯୯୩ ମସିହାରୁ ପୋଲିସ ବିଭାଗରେ ଚାକିରି ଏସ୍‌ଆଇ ଭାବରେ ଯୋଗଦାନ କରି ଜଣେ ସଫଳ କର୍ମଚାରୀ ଭାବରେ ନିଜର ଦକ୍ଷତା ଦେଖାଇ ଅନେକ ଥର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ବିଭିନ୍ନ ଜଟିଳ କାମ ନିଜ ଚାକିରି ଜିବନରେ ନିଷ୍ଠାର ସହ ତୁଲାଇ ନିଜର ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ୨୦୧୫ ରେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଥିବା ବେଳେ ତାଙ୍କର କଠିଣ ପରିଶ୍ରମ ଓ କାର୍ଯ୍ୟଦକ୍ଷତା ପାଇଁ ବେଶ ପ୍ରଶଂସିତ ହୋଇଛନ୍ତି। ୨୦୨୧ ମସିହାରେ ବଲାଙ୍ଗିର ଜିଲ୍ଲା ପୋଲିସ ରୁ ଗୋଇନ୍ଦା ବିଭାଗକୁ ଡିଏସ୍‌ପି ଭାବରେ ବଦଳି ହୋଇ ବଲାଙ୍ଗିର, ସୋନପୁର, ବୌଦ୍ଧ ଓ ବରଗଡ଼ ଜିଲ୍ଲାର ଦାୟିତ୍ୱରେ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନା କରିଛନ୍ତି। ୨୦୨୫ ମସିହାରେ ବଲାଙ୍ଗିର ଜିଲ୍ଲା ଗୋଇନ୍ଦା ବିଭାଗର ଏଡିସିନାଲ ଏସ୍‌ପି ରୁ ପଦୋନ୍ନତି ହୋଇ ଭୁବନେଶ୍ୱର ଗୋଇନ୍ଦା ବିଭାଗକୁ ଏସ୍‌ପି ଭାବେ ବଦଳି ହୋଇଛନ୍ତି। ଏ ଅବସରରେ ସହକର୍ମଚାରୀ ବୃନ୍ଦ ଏବଂ ବଲାଙ୍ଗିର ର ବୁଦ୍ଧିଜିବି ଙ୍କ ମନରେ ଆନନ୍ଦର ଲହରି ଖେଳି ଯାଇଛି। ଆଜି ତାଙ୍କ ପଦୋନ୍ନତି ପାଇଁ ଶୁଭେଚ୍ଛୁ ମାଁ ପାଟଣେଶ୍ୱରୀ ଙ୍କ ଫଟୋ ଚିତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ପାରା ଲିଗାଲ ସ୍ୱେଚ୍ଛାସେବୀ ଜୟକୃଷ୍ଣ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରକାଶ ବରେଇ, ବନମାଳି କୁମ୍ଭାର, ସାମସଙ୍ଗ ମିଶାଲ, ବୈଷ୍ଣବ ଦଲାଇ, ଦେବାଳୟ ସୁରକ୍ଷା କମିଟି ପ୍ରଶାନ୍ତ ମହାକୁର ଓ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷେ ହେଲା ନେଟ୍‌ୱାର୍କ ଅଚଳ
## ରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଲେ ଅଞ୍ଚଳବାସୀ



**ଦାରିଙ୍ଗବାଡ଼ି,୨୫।୧୦ (ସଂଚାର ବ୍ୟୁରୋ):** ଦିନେ କି ୨ ଦିନ ନୁହଁ। ଗତ ୧ ବର୍ଷ ଧରି ବିଏସ୍‌ଏନ୍‌ଏଲ୍ ମୋବାଇଲ ନେଟ୍‌ୱାର୍କ ଅଚଳକୁ ନେଇ ଦେଖାଦେଇଛି ଅସନ୍ତୋଷ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ପର୍ତ୍ତମାହା ପଞ୍ଚାୟତରେ ରହିଥିବା ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ନେଟ୍‌ୱାର୍କରେ। ଉକ୍ତ ପଞ୍ଚାୟତରେ ଏକମାତ୍ର ବିକଳ୍ପ ଏହି ନେଟ୍‌ୱାର୍କର ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଅଚଳ ହେଉଛି। ଅଞ୍ଚଳବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି ଗୁହାରି ଶୁଣୁନାହାନ୍ତି। ଫଳରେ ଅଞ୍ଚଳବାସୀ ଏବେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ପର୍ତ୍ତମାହା ପଞ୍ଚାୟତର ଯୋହନ ପ୍ରଧାନଙ୍କ ସମେତ ଲୋକନାଥ ପ୍ରଧାନ, ସୁଶୀଲ ଚନ୍ଦ୍ର ପ୍ରଧାନ, ଇମାନୁଏଲ ପ୍ରଧାନ ପ୍ରମୁଖ ଶନିବାର ବିଡିଓ ପ୍ରୀତିରଞ୍ଜନ ରଥଙ୍କ ନିକଟରେ ଅଭିଯୋଗ କରିବାକୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିବା କହିଛନ୍ତି। ସେମାନେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ନେଇ ଦାରିଙ୍ଗବାଡ଼ି ଥାନା, ତହସିଲ କାର୍ଯ୍ୟାଳୟ ଆଦିରେ ଅଭିଯୋଗ କରିଥିବା ଯୋହନ ପ୍ରଧାନ କହିଛନ୍ତି। ଏନେଇ ବିଏସ୍‌ଏନ୍‌ଏଲର କନ୍ଧମାଳ ଡିଜିଏମ୍ ବୃନ୍ଦାବନ ମାଝୀଙ୍କ ସହ ଯୋଗାଯୋଗ କରାଯିବାରୁ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ।

● ଗୋହତ୍ୟା କାରୀ ବିଜେପି ସରକାର ବିରୁଦ୍ଧରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ

## ୨୦ରୁ ଊର୍ଦ୍ଧ୍ୱ ଗୋମାତାଙ୍କ ଅକାଳ ମୃତ୍ୟୁ: ହିନ୍ଦୁ ପରିଷଦ ଚୁପ୍ କାହିଁକି



**ନୟାଗଡ଼,୨୫।୧୦ (ସଂଚାର ବ୍ୟୁରୋ):** ଟ୍ରାଫିକ ଗୋଲେଇ ଛକ ଠାରେ ଗୋମାତା ହତ୍ୟାକାରୀ ବିଜେପି ସରକାର ବିରୁଦ୍ଧରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସଭା ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ନୂଆପଡାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ବାଚନୀ ସଭା ବଳକା ଭୋଜି ଖାଇ ୨୦ରୁ ଊର୍ଦ୍ଧ୍ୱ ଗୋମାତାଙ୍କ ଅକାଳ ମୃତ୍ୟୁ ପାଇଁ ରାଜ୍ୟରେ ବିଜେପି ସରକାରକୁ ଦାୟୀ କରାଯାଇ ଗୋହତ୍ୟା କାରୀ ବିଜେପି ସରକାର ବିରୁଦ୍ଧରେ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ପକ୍ଷରୁ ନୟାଗଡ଼ ଟ୍ରାଫିକ ଛକ ଠାରେ ଦୁଇଘଣ୍ଟିଆ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଭାରେ ଅଂଶଗ୍ରହଣ କରି ବିଜେପି, ଆରଏସଏସ, ବଜରଙ୍ଗ ଦଳ, ଗୋରକ୍ଷକ, ବିଶ୍ୱ ହିନ୍ଦୁ ପରିଷଦ ଯେଉଁ ମାନେ ହିନ୍ଦୁ ସନାତନୀ ଧର୍ମର ଠେକେଦାର ବୋଲାଉଛନ୍ତି ସେମାନେ ନୂଆପଡା ଗୋହତ୍ୟା ପ୍ରସଙ୍ଗରେ କାହିଁକି ଚୁପ ବୋଲି କଂଗ୍ରେସ ପ୍ରଶ୍ନ କରିଛି। କେବଳ ନିଜସ୍ୱ ପ୍ରଚାର ଉଦ୍ଦେଶ୍ୟ ରଖି ରାସ୍ତାକଡ ରେ ଲୋକଦେଖାଣିଆ ଭାବେ ଗୋମାତା ଙ୍କ ସେବା କରି ସାମାଜିକ ଗଣମାଧ୍ୟମ ରେ ପ୍ରସାର କରିବା ଏହି ତଥାକଥିତ ଗୋରକ୍ଷକ ମନଙ୍କ କାର୍ଯ୍ୟ ବୋଲି ଡିସିସି ସଭାପତି ଶ୍ରୀଯୁକ୍ତ ଦାଶ କହିଛନ୍ତି।

## ବାରହା ଫାଶରେ ପଡ଼ି ପ୍ରେମିକାଙ୍କ ଗଲା ଜୀବନ



**କୋରାପୁଟ,୨୫।୧୦ (ସଂଚାର ବ୍ୟୁରୋ):** କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅଲିଗାଁ ସ୍କୁଲ ଜଙ୍ଗଲରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକାକୁ ଦେଖା କରିବାକୁ ଯାଇଥିବାବେଳେ ବାରହା ଫାଶରେ ପଡ଼ି ପ୍ରେମିକାଙ୍କ ଜୀବନ ଯାଇଛି। ସୂଚନାଯୋଗ୍ୟ, ଅଲିଗାଁ ସ୍କୁଲ ଜଙ୍ଗଲରେ ଥିବା ଏକ ଜମିରେ ବାରହା ଶିକାର ପାଇଁ ବିଦ୍ୟୁତ ଫାଶ ବିଛାଯାଇଥିଲା। ଏହି ସମୟରେ ଯୁକ୍ତ ଦୁଇରେ ପଢୁଥିବା ନାବାଳକ ଜଣଙ୍କ ପ୍ରେମିକାଙ୍କୁ ଦେଖା କରିବାକୁ ଯାଇଥିବାବେଳେ ଏହି ଫାଶ ସଂସ୍ପର୍ଶରେ ଆସିଥିଲେ। କରେଣ୍ଟ ଲାଗିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରାଯାଇଥିଲା।

## ୯ଦିନ ପରେ ପୁଣି ମାଙ୍କଡ଼ଙ୍କ ଉତ୍ପାତ, ମହିଳା ଗୁରୁତର



**ସିନ୍ଧେକେଲା,୨୫।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ବନାଞ୍ଚଳ ଅନ୍ତର୍ଗତ ସାଲେବରଟ ଗ୍ରାମରେ ପୁଣି ଥରେ ଆତଙ୍କ ଖେଳାଉଛନ୍ତି ମାଙ୍କଡ । ୯ ଦିନ ପରେ ପୁଣି ଆରମ୍ଭ ହୋଇଛି ମାଙ୍କଡ଼ଙ୍କ ଉତ୍ପାତ। ଜଣେ ମହିଳା ତାଙ୍କ ଶ୍ୱଶୁରଙ୍କ ପାଇଁ ଖାଦ୍ୟ ନେଇ ଯାଉଥିବା ବେଳେ ଏକ ପାଗଳ ମାଙ୍କଡ଼ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି । ସୂଚନା ମୁତାବକ, ସାଲେବରଟ ଗାଁର କାନ୍ତି ପୁଟେଲ ନିଜ ଚାଷ ଜମିକୁ ସକାଳ ୯ ଟାରେ ଶ୍ୱଶୁରଙ୍କ ଖାଇବା ପାଇଁ କିଛି ମୁଢ଼ି ଓ ଚା ନେଇ ଯାଉଥିଲେ । ଏହି ସମୟରେ ଗଛରେ ଥିବା ପାଗଳ ମାଙ୍କଡ଼ କାନ୍ତିକୁ ଦେଖି ଗଛ ତଳକୁ ଓହ୍ଲାଇ ଆସି ତାଙ୍କ ବାମ ଗୋଡ଼ ଜଙ୍ଘରେ ଆକ୍ରମଣ କରିଥିଲା । ଯାହା ଫଳରେ ସେ ଗୁରୁତର ହୋଇଥିଲେ । ମାଙ୍କଡ଼ ଅଧିକ ଆକ୍ରମଣ କରିବା ଭୟରେ କାନ୍ତି ଧରିଥିବା କୋଦାଳକୁ ମାଙ୍କଡ଼କୁ ଦେଖାଇଥିଲେ । ଫଳରେ ମାଙ୍କଡ଼ କାନ୍ତିକୁ ଛାଡି ଦେଇ ଗଛକୁ ପଳାଇଥିଲା। ପରେ ଗୁରୁତର ଅବସ୍ଥାରେ କାନ୍ତିଙ୍କୁ ଚିକିତ୍ସା ପାଇଁ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ଭ୍ୟାକସିନ୍ ଦେଇ ଘରକୁ ନେଇଛନ୍ତି ପରିବାର ଲୋକ । ତେବେ ବାରମ୍ବାର ଏହି ଅଞ୍ଚଳରେ ଏହିଭଳି ଘଟଣା ଘଟୁଥିବା ବେଳେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି । ଗତ ୧୬ ତାରିଖ ଦିନ ପୁଟୁପଡା ଗାଁରେ ଜଣେ ଛାତ୍ରୀ ସ୍କୁଲ ଯିବା ସମୟରେ ମାଙ୍କଡ଼ ଆକ୍ରମଣ କରିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପ୍ରଥମେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ଅଧିକ ଗୁରୁତର ହେବା ପରେ ବଲାଙ୍ଗୀର ଭୀମ ଭୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣା ପରେ ବନ ବିଭାଗ ପହଞ୍ଚି ଦିନ ତମାମ ପୁଟୁପଡା ଗାଁ ଅଞ୍ଚଳରେ ୧୮ ତାରିଖ ଦିନ ମାଙ୍କଡକୁ ଧରିବା ପାଇଁ ଚେଷ୍ଟା କରିଥିଲେ ।

## ସରକାରୀ ଜମି ବେଆଇନ କବଜା ଉଦ୍ୟମ କୋର୍ଟରେ ଅଗ୍ରାହ୍ୟ

**ବାରିପଦା,୨୫।୧୦ (ସଂଚାର ବ୍ୟୁରୋ):** ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି, ବାରିପଦା ଡ଼ ନିଶାକର ସାହୁ ଏକ ଦେୱାନୀ ମକଦ୍ଦମାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରକାଶଥାଉକି ସରକାରୀ ଜମି ବେଆଇନ କବଜା ଉଦ୍ୟମ ନେଇ ବାଦୀ ବୃନ୍ଦାରାଣୀ ମିଶ୍ର ସ୍ୱାମୀ:ସ୍ୱର୍ଗତ ପ୍ରୋମଥ ନାଥ ମିଶ୍ର, ବାରିପଦା ମାଲିକାନା ସତ୍ତ୍ୱ ଓ ଦଖଲ ପାଇବା ପାଇଁ ଅତିରିକ୍ତ ବରିଷ୍ଠ ସିଭିଲ ଜଜ ବାରିପଦା ଙ୍କ କୋର୍ଟ ରେ ଏକ ସିଭିଲ କେଶ ନଂ ୪୯/୨୭/୨୦୧୫/୨୦୨୦ ସରକାରଙ୍କ ବିରୁଦ୍ଧରେ ମକଦ୍ଦମା ଦାଖଲ କରିଥିଲେ। ଉକ୍ତ ମକଦ୍ଦମା ର ଉଭୟ ପକ୍ଷରୁ ଜବାବ ଶୁଣି ଅତିରିକ୍ତ ବରିଷ୍ଠ ସିଭିଲ ଜଜ ଡ଼ ସାହୁ ରାୟ ପ୍ରକାଶ କରିଛନ୍ତି। ଉକ୍ତ ଜମିଟି ୱାର୍ଡ ନଂ ୪ (ଗୋଲାପ ବାଗ), ବାରିପଦା ସହର ମଧ୍ୟସ୍ଥଳ ରେ ଅବସ୍ଥିତ ଥିବା ସରକାରଙ୍କ ବହୁ ମୂଲ୍ୟବାନ ସମ୍ପତି ଅଟେ। ଯାହାର ଆନୁମାନିକ ମୂଲ୍ୟ ୨୦ କୋଟିରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଜମି ପୂର୍ବରୁ ସରକାରଙ୍କ ରେକର୍ଡ ଭୁକ୍ତ ଥିଲା। ବର୍ତ୍ତମାନ ମାନ୍ୟବର ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବାରିପଦାଙ୍କ ରାୟ ଦ୍ୱାରା ଉକ୍ତ ମୂଲ୍ୟବାନ ଜମି ସରକାରଙ୍କ ମାଲିକାନା ସତ୍ତ୍ୱ କାଏମ ରହିଲା। ଉକ୍ତ ମକଦ୍ଦମା ବରିଷ୍ଠ ସରକାରୀ ଆଇନଜୀବୀ ହିମାଂଶୁ କୁମାର ପାଣିଗ୍ରାହୀ ସରକାରଙ୍କ ପକ୍ଷରୁ ପରିଚାଳନା କରୁଥିଲେ।